ଧରିତ୍ରୀ
DHARITRI
ଧରିତ୍ରୀ 51 Years
ପୃଷ୍ଠା–୮+୮
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୪/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, January 24/2025 | Page 16 | ₹ 7.00 | BERHAMPUR
୫୧ଶ ଭାଗ ୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 62 | ମୂଲ୍ୟ ₹୭/-



### ହସ୍ପିଟାଲରେ ଭର୍ତ୍ତି ଖବରକୁ ଗୁଜବ କହିଲେ ମୋନାଲି

ଭାରତୀୟ ପ୍ଲେବ୍ୟାକ୍ ସିଙ୍ଗର ମୋନାଲି ଠାକୁର ଶ୍ୱାସ ନେବାରେ ଅସୁବିଧା ଅନୁଭବ କରି ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଖବରକୁ ଗୁରୁବାର ସେ ଗୁଜବ ବୋଲି କହିଛନ୍ତି।

୦୨

୦୮

### ମାଡିସନ କିଜ୍ ଫାଇନାଲରେ

ଇଗା ସ୍ୱିଟେକଙ୍କୁ ହରାଇ ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର ମାଡିସନ କିଜ୍।



ଆଜିର ସମ୍ପାଦକୀୟ: ଦିଶାହୀନ ବିକାଶ ଲକ୍ଷ୍ୟ
ଭିତର ପୃଷ୍ଠାରେ
■ ୪ ସେଲିବ୍ରିଟିଙ୍କୁ ହତ୍ୟା ଧମକ
■ ଥାଇଲାଣ୍ଡରେ ସମଲିଙ୍ଗୀ ବିବାହ ବୈଧ

# ସ୍ତ୍ରୀଙ୍କୁ କାଟି ପ୍ରେସର କୁକର୍‌ରେ ସିଝାଇଲେ ପୂର୍ବତନ ସୈନିକ

**ଘରୋଇ ହିଂସାର ଆଉ ଏକ ବୀଭତ୍ସ କାଣ୍ଡ ଚାଞ୍ଚଲ୍ୟ ଖେଳାଇ ଦେଇଛି। ହାଇଦ୍ରାବାଦରେ ଜଣେ ପୂର୍ବତନ ସୈନିକ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ମୃତଦେହକୁ ଖଣ୍ଡ ଖଣ୍ଡ କରି କାଟି ପ୍ରେସର କୁକର୍‌ରେ ସିଝାଇଛନ୍ତି। ଏହାପରେ ତାହାକୁ ହ୍ରଦରେ ଫୋପାଡ଼ି ଦେଇଛନ୍ତି। ପ୍ରାୟ ୧୨ ବର୍ଷ ତଳେ ଏଭଳି ସମାନ ଧରଣର ହୃଦୟ ବିଦାରକ ଘଟଣା ଭୁବନେଶ୍ୱରରେ ଘଟିଥିଲା। ଅବସରପ୍ରାପ୍ତ ଆର୍ମି ଡାକ୍ତର ସୋମନାଥ ପରିଡ଼ା (୭୮) ତାଙ୍କ ସ୍ତ୍ରୀ ଉଷାଶ୍ରୀ(୬୨)ଙ୍କୁ ହତ୍ୟା କରିବା ପରେ ମୃତଦେହକୁ ପ୍ରାୟ ୩୦୦ ଖଣ୍ଡ କରି କାଟିଥିଲେ। ସେଗୁଡ଼ିକୁ ୨୨ଟି ଟିଫିନ୍ ବକ୍ସରେ ରଖି ଧୀରେ ଧୀରେ ଫିଙ୍ଗିବାକୁ ଯୋଜନା କରିଥିଲେ। ୨୦୧୩ ଜୁନ୍ ୩ରେ ଉଷାଶ୍ରୀଙ୍କୁ ହତ୍ୟା କରାଯାଇଥିବାବେଳେ ଘରୁ ତାଙ୍କ ମୃତଦେହର ଟୁକୁଡ଼ାଗୁଡ଼ିକୁ ଜୁନ୍ ୨୧ରେ ପୋଲିସ ଜବତ କରିଥିଲା। ସଦ୍ୟ ଘଟଣା ସୋମନାଥ ପରିଡ଼ାଙ୍କ ବର୍ବରୋଚିତ କାଣ୍ଡକୁ ମନେ ପକାଇଦେଇଛି।**



ଗୁରୁ ମୂର୍ତ୍ତି ଓ ତାଙ୍କ ସ୍ତ୍ରୀ ଭେଙ୍କଟ ମାଧବୀ

**ହାଇଦ୍ରାବାଦ,୨୩।୧**

ହାଇଦ୍ରାବାଦର ପୂର୍ବତନ ସୈନିକ ଗୁରୁ ମୂର୍ତ୍ତି(୪୫) ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ରେ ଜଣେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରନ୍ତି। ସ୍ତ୍ରୀ ଭେଙ୍କଟ ମାଧବୀ (୩୫) ନିଖୋଜ ଥିବା ନେଇ ତାଙ୍କ ପରିବାର ପକ୍ଷରୁ ଗତ ୧୬ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ଖୋଜାଖୋଜି କରିବା ସହ ସ୍ୱାମୀ ଗୁରୁ ମୂର୍ତ୍ତିଙ୍କ ଉପରେ ସନ୍ଦେହ ପ୍ରକଟ କରିଥିଲା। ତାଙ୍କୁ ଜେରା କଲାବେଳେ ସେ ଅପରାଧ ସ୍ୱୀକାର କରିଛନ୍ତି। ସେ କିପରି ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଶରୀରକୁ କାଟି ସିଝାଇଥିଲେ, ସେ ସମ୍ପର୍କରେ ସବିଶେଷ ଘଟଣା ପୋଲିସକୁ ଜଣାଇଛନ୍ତି। ସେ ବାଥ୍‌ରୁମ୍‌ରେ ସ୍ତ୍ରୀଙ୍କ ଶରୀରକୁ ଖଣ୍ଡଖଣ୍ଡ କରିବା ପରେ ମାଂସରୁ ହାଡ଼ ଅଲଗା କରିଥିଲେ। ୩ ଦିନ ଧରି ସେଗୁଡ଼ିକୁ ବହୁ ପର୍ଯ୍ୟାୟରେ କୁକର୍‌ରେ ସିଝାଇଥିଲେ। ଶେଷରେ ସିଝା ମାଂସହାଡ଼ ନେଇ ସେ ଏକ ହ୍ରଦରେ ଫିଙ୍ଗିଦେଇଥିଲେ।

☞ ପୃଷ୍ଠା–୪

SIKSHA 'O' ANUSANDHAN
SAAT-2025
Empowering students for a brighter future
CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

Dyna Premium Beauty
ବାଦାମର ଗୁଣରେ ଭରପୂର ଡାଇନା
ପ୍ରଥମ ନଜରରେ ସୁନ୍ଦର!





For distributorship enquiry: 7205928117

KHIMJI TRUST SINCE 1936
Handcrafting blessings since 1936
KHIMJI JEWELLERS SINCE 1936



Wedding Collection 2025
Experience the timeless beauty of brilliant emeralds paired with the sparkle of polki diamonds. Thoughtfully crafted by skilled hands and watchful eyes, each piece is designed to make your special day shine and leave behind a legacy of elegance.
UP TO 50% OFF* On Gold Jewellery making charges
UP TO 20% OFF* On Diamonds
100% BIS Hallmarked HUID Pure Gold Jewellery | 100% Exchange of Old Gold | Fair Price Policy | Free Insurance on Diamonds | Tested and Certified Diamonds | Safe Gold Purchase Scheme | Lifetime Buyback Guarantee
BERHAMPUR, Venkatraju Arcade, Sano Bazar
STORES ALSO AT: BHUBANESWAR | CUTTACK | JHARSUGUDA | PURI | ROURKELA
ANGUL (Opening Soon) | JAJPUR ROAD (Opening Soon)
88 Years Of Trust
www.khimjijewellers.com | 1800-313-1777
Follow us on:
*T&C Apply.

### ଆଇଫୋନ୍, ଆଣ୍ଡ୍ରଏଡ୍‌ରେ ଭିନ୍ନ ଭଡ଼ା
## ଉବର, ଓଲାକୁ ନୋଟିସ

ନୂଆଦିଲ୍ଲୀ,୨୩।୧

ଆଇଫୋନ୍ ଏବଂ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଜରିଆରେ ଓଲା ଏବଂ ଉବରରୁ ଟ୍ୟାକ୍ସି ବୁକ୍ କଲେ ଭିନ୍ନ ଭିନ୍ନ ଭଡ଼ା ଆସୁଥିବା ଗ୍ରାହକମାନେ ଅଭିଯୋଗ କରିଥିଲେ। ଏନେଇ ଖାଉଟି ବ୍ୟାପାର ବିଭାଗ ୨ କ୍ୟାବ୍ କମ୍ପାନୀଙ୍କୁ ନୋଟିସ ଜାରି କରିଛି। ଭିନ୍ନ ମଡେଲର ମୋବାଇଲ ଫୋନ୍ ବ୍ୟବହାର କଲେ ଭଡା କିପରି ଅଲଗା ଆସୁଛି, ସେନେଇ ଖାଉଟି ବ୍ୟାପାର ବିଭାଗ ପକ୍ଷରୁ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ (ସିସିପିଏ) ଓଲା ଏବଂ ଉବରକୁ ଜବାବ ମାଗିଥିବା କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। ଖାଉଟି ଶୋଷଣକୁ ବରଦାସ୍ତ କରାଯିବ ନାହିଁ ବୋଲି ଗତ ମାସରେ ଜୋଷୀ ସମ୍ପୃକ୍ତ କମ୍ପାନୀଙ୍କୁ ଚେତାବନୀ ଦେଇଥିଲେ। ଏଥିସହିତ ଘଟଣାର ଉପଯୁକ୍ତ ତଦନ୍ତ ନିମନ୍ତେ ସେ ସିସିପିଏକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକୃତରେ ଯଦି ଗ୍ରାହକଙ୍କଠାରୁ ଭିନ୍ନ ଭିନ୍ନ ଭଡ଼ା ନିଆଯାଉଥାଏ, ତେବେ ଖାଉଟି ଅଧିକାରକୁ ଘୋର ଉପେକ୍ଷା ବୋଲି ମନ୍ତ୍ରୀ କହିଥିଲେ।

## ଅକ୍ସଫାମ୍ ଇଣ୍ଡିଆ ବିରୋଧରେ ସିବିଆଇ ଚାର୍ଜଶିଟ୍

ନୂଆଦିଲ୍ଲୀ,୨୩।୧

ବିଦେଶୀ ଅନୁଦାନ ନିୟମାବଳୀ ଆଇନ (ଏଫ୍‌ସିଆର୍‌ଏ) ଉଲ୍ଲଂଘନ ମାମଲାରେ ସିବିଆଇ ଏକ ସ୍ୱତନ୍ତ୍ର ଅଦାଲତରେ ଅକ୍ସଫାମ୍ ଇଣ୍ଡିଆ ଏବଂ ଏହାର ପୂର୍ବତନ ସିଇଓ ଅମିତାଭ ବେହରଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ବେହର ବର୍ତ୍ତମାନ ଅକ୍ସଫାମ୍ ଇଣ୍ଟରନ୍ୟାଶନାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଭିଯୋଗକ୍ରମେ ୨୦୨୩ ଏପ୍ରିଲରେ ଉକ୍ତ ବିଶ୍ୱସ୍ତରୀୟ ଏନ୍‌ଜିଓର ଭାରତୀୟ ଶାଖା ବିରୋଧରେ ଏତଲା ଦାଏର ହୋଇଥିଲା। ଅକ୍ସଫାମ୍ ଇଣ୍ଡିଆର ଏଫ୍‌ସିଆର୍‌ଏ ପଞ୍ଜୀକରଣ ଜବତ ସତ୍ତ୍ୱେ ଏହା ଆଇନର ଉଲ୍ଲଂଘନ କରି ଅନ୍ୟ ରୁଟ୍ ଦେଇ ବିଦେଶୀ ପାଣ୍ଠି ଗ୍ରହଣ କରୁଥିଲା। ବିଦେଶୀ ସରକାର ଓ ସଂସ୍ଥା ଜରିଆରେ ଏଫ୍‌ସିଆର୍‌ଏ ନବୀକରଣ ପାଇଁ ଅକ୍ସଫାମ୍ ଇଣ୍ଡିଆ ଭାରତ ସରକାରଙ୍କ ଉପରେ ଚାପ ପକାଇବାକୁ ଯୋଜନା କରିଆସୁଥିବା ସର୍ଭେରୁ ଜଣାପଡ଼ିଥିଲା।

# ପୁଣି ଜଳିଲା ଲସ୍‌ଏଞ୍ଜେଲ୍ସ ଜଙ୍ଗଲ

### ୩୧,୩୦୦ ଲୋକଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ



କାଷ୍ଟାଇକ୍ (କାଲିଫର୍ଣ୍ଣିଆ),୨୩।୧

ଆମେରିକା କାଲିଫର୍ଣ୍ଣିଆର ଲସ୍‌ଏଞ୍ଜେଲ୍ସ ଜଙ୍ଗଲରେ ବୁଧବାର ଆଉ ଏକ ଅଞ୍ଚଳରେ ନିଆଁଲାଗି ଦ୍ରୁତବେଗରେ ମାଡ଼ିଚାଲିଛି। ପ୍ରବଳ ପବନ ଯୋଗୁ ଏହା ଖୁବ୍ କମ୍ ସମୟ ମଧ୍ୟରେ ୯,୪୦୦ ଏକରରୁ ଅଧିକ ଜଙ୍ଗଲ ଅଞ୍ଚଳକୁ ବ୍ୟାପିଗଲାଣି। ଫଳରେ ୩୧,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଜବରଦସ୍ତ ସ୍ଥାନାନ୍ତର କରିବା ପାଇଁ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଲସ୍‌ଏଞ୍ଜେଲ୍ସର ଉତ୍ତରରେ ୮୦ କିଲୋମିଟର ଦୂରରେ ଥିବା ପାର୍ବତ୍ୟାଞ୍ଚଳରେ ନିଆଁ ଲାଗିଥିବାବେଳେ ପ୍ରବଳ ଧୂମକୁଣ୍ଡଳୀ ଉଠୁଥିବା ଦେଖାଯାଇଛି। ମେଟ୍ରୋପଲିଟାନ୍ ଅଞ୍ଚଳରେ ୨ ବୃହତ୍ ବନାଗ୍ନି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହୋଇ ନ ଥିବାବେଳେ ଆଉ ଏକ ଜଙ୍ଗଲ ନିଆଁ ଅଗ୍ନିଶମ କର୍ମଚାରୀଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଲସ୍‌ଏଞ୍ଜେଲ୍ସର ପଲିସାଡେସ୍ ନିଆଁ ୨୩,୪୪୮ ଏକର ଅଞ୍ଚଳକୁ ଜାଳିଦେଇଥିବାବେଳେ ଏପର୍ଯ୍ୟନ୍ତ ୬୮ ପ୍ରତିଶତ ନିର୍ବାପିତ ହୋଇଛି। ସେହିପରି ଏଟନ୍ ନିଆଁ ୧୪,୦୨୧ ଏକରକୁ ଜାଳିଥିବାବେଳେ ଏହାର ୯୧ ପ୍ରତିଶତକୁ ଲିଭାଯାଇପାରିଛି। ହ୍ୟୁଗ୍‌ସ ଅଞ୍ଚଳରେ ଲାଗିଥିବା ନିଆଁ ବୁଧବାର କିଛି ଘଣ୍ଟା ମଧ୍ୟରେ ଏତେଶୀଘ୍ର ବ୍ୟାପିଯାଇଥିଲା, ଯାହା ଏଟନ୍ ବନାଗ୍ନିର ଦୁଇତୃତୀୟାଂଶ ଅଞ୍ଚଳ ହେବ ବୋଲି କୁହାଯାଉଛି।

ନିଆଁ ଏତେ ଭୟାବହ ହୋଇଛି ଯେ, ୩୧ ହଜାର ଲୋକଙ୍କୁ ତୁରନ୍ତ ବାଧ୍ୟତାମୂଳକ ସ୍ଥାନାନ୍ତର ନିର୍ଦ୍ଦେଶ ଦିଆଯିବା ସହ ଅନ୍ୟ ୨୩ ହଜାର ଲୋକଙ୍କୁ ସ୍ଥାନ ଛାଡ଼ି ପଳାଇଯିବା ପାଇଁ ସତର୍କ କରିଦିଆଯାଇଥିବା ଲସ୍‌ଏଞ୍ଜେଲ୍ସ କାଉଣ୍ଟି ଶେରିଫ୍ ରବର୍ଟ ଲୁନା କହିଛନ୍ତି। ସ୍ଥାନୀୟ ଏକ ଜେଲ୍‌ରୁ ପ୍ରାୟ ୫୦୦ ବନ୍ଦୀଙ୍କୁ ଅନ୍ୟତ୍ର ନିଆଯାଇଛି। ସମସ୍ତ ଉଦ୍ୟମ ସତ୍ତ୍ୱେ ଗୁରୁବାର ସୁଦ୍ଧା ମାତ୍ର ୧୪ ଭାଗ ଅଞ୍ଚଳରେ ନିଆଁକୁ ଆୟତ୍ତ କରାଯାଇଥିବା କାଲିଫର୍ଣ୍ଣିଆ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

ଚଳିତ ମାସ ଆରମ୍ଭରେ ପାଲଇସାଡେସ୍ ଏବଂ ଏଟନ୍ ବନାଗ୍ନିରେ ଅନ୍ୟୂନ ୨୮ ଜଣଙ୍କ ମୃତ୍ୟୁ ଘଟିବା ସହ ୧୦ ହଜାରରୁ ଉର୍ଦ୍ଧ୍ୱ ଘର ଓ ବ୍ୟବସାୟ ପ୍ରତିଷ୍ଠାନ ଧ୍ୱଂସ ହୋଇଯାଇଥିଲା। ସେତେବେଳେ ଘଣ୍ଟାପ୍ରତି ୭୦ରୁ ୯୦ ମାଇଲ ବେଗରେ ପବନ ବହୁଥିବାରୁ ନିଆଁ ଲିଭାଇବା କଷ୍ଟକର ଥିଲା। ନିଆଁଲିଭା କାର୍ଯ୍ୟରେ ବହୁସଂଖ୍ୟାରେ ହେଲିକପ୍ଟର ଏବଂ ବିମାନକୁ ନିୟୋଜିତ କରାଯାଇଥିଲା। ଏହା ସତ୍ତ୍ୱେ ଉକ୍ତ ନିଆଁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲିଭି ନାହିଁ। ବର୍ତ୍ତମାନ ପବନ ଜୋର୍‌ରେ ବହୁଥିବାରୁ ନିଆଁ କାଷ୍ଟାଇକ୍ ଲେକ୍ ଦିଗରେ ବ୍ୟାପିଚାଲିଛି, ଯେଉଁଠି ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକ ରହୁଛନ୍ତି। ନିଆଁ ହ୍ରଦ ଟପିଲେ ଆହୁରି ବ୍ୟାପକ ହେବ ବୋଲି କୁହାଯାଉଛି।

## ହ୍ୱାଟ୍ସଆପ୍‌ରେ ଡାଟା ଶେୟାରିଂ ନିଷେଧାଦେଶ ସ୍ଥଗିତ

ନୂଆଦିଲ୍ଲୀ,୨୩।୧

ମାର୍କ ଜୁକରବର୍ଗଙ୍କ ମାଲିକାନାରେ ଥିବା ମେଟା ଅଧୀନ ମେସେଜ୍ ଶେୟାରିଂ ଆପ୍ ହ୍ୱାଟ୍ସଆପ୍ ୟୁଜର୍ସଙ୍କ ଡେଟାକୁ ଏହି କମ୍ପାନୀର ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଏବଂ ଥ୍ରେଡ୍ସ ସହ ଶେୟାର କରାଯିବା ନେଇ ବିବାଦ ଉପୁଜିଥିଲା। ୨୦୨୪ ନଭେମ୍ବର ୧୮ରେ କମ୍ପିଟିଶନ୍ କମିଶନ ଅଫ୍ ଇଣ୍ଡିଆ (ସିସିଆଇ) ଡେଟା ଶେୟାର ଉପରେ ୫ ବର୍ଷ ପାଇଁ ନିଷେଧାଦେଶ ଜାରି କରିବା ସହ ୨୧୩.୧୪ କୋଟି ଟଙ୍କା ଜରିମାନା ଆଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ମେଟା ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ୍ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲା। ଟ୍ରିବ୍ୟୁନାଲ ହ୍ୱାଟ୍ସଆପ୍‌ର ଡେଟା ଶେୟାର ବ୍ୟାନ୍ ଉପରେ ଗୁରୁବାର ସ୍ଥଗିତାଦେଶ ଲଗାଇଛନ୍ତି। ଫଳରେ ମେଟାକୁ ବଡ଼ ଆଶ୍ୱସ୍ତି ମିଳିଛି।

ହ୍ୱାଟ୍ସଆପ୍ ଏହାର ପ୍ରିଭେସି ପଲିସି ବଦଳାଇ ଡେଟାଗୁଡ଼ିକୁ ମେଟାର ଅନ୍ୟ ପ୍ଲାଟ୍‌ଫର୍ମଗୁଡ଼ିକ ସହ ଶେୟାର କରୁଥିବା ନେଇ ଏକାଧିକ ଅଭିଯୋଗ ଆସିବା ସହ ଉଦ୍‌ବେଗ ପ୍ରକାଶ ପାଇଥିଲା। ସିସିଆଇ ଏହାର ଶୁଣାଣି କରି ହ୍ୱାଟ୍ସଆପ୍‌ର ଡେଟା ଶେୟାରିଂ ଉପରେ ନିଷେଧାଦେଶ ଲଗାଇଥିଲେ। ୨୦୨୧ରେ ହ୍ୱାଟ୍ସଆପ୍ ଏହାର ନୀତିରେ ପରିବର୍ତ୍ତନ କରି ୟୁଜରମାନଙ୍କୁ ଏହାକୁ ଗ୍ରହଣ କରିବା ପାଇଁ ବାଧ୍ୟ କରୁଥିବା ସିସିଆଇ ଜାଣିବାକୁ ପାଇଥିଲେ। ଗ୍ରାହକ ଏହା ନ କଲେ ଆପ୍‌କୁ ସେମାନଙ୍କ ଆକ୍ସେସ୍ ସୀମିତ କରାଯିବ ବୋଲି ଧମକ ଦିଆଯାଉଥିଲା। ତେବେ ଇଚ୍ଛାଧୀନ ବ୍ୟବସାୟିକ ମେସେଜିଂ ଫିଚରଗୁଡ଼ିକର କାର୍ଯ୍ୟକାରିତା ପାଇଁ ଏଭଳି କରାଯାଉଥିବା ସଂସ୍ଥା ପକ୍ଷରୁ ସଫେଇ ଦିଆଯାଉଥିଲା।

## ଓସ୍କାର ଦୌଡ଼ରେ 'ଅନୁଜା'

ଲସ୍‌ଏଞ୍ଜେଲ୍ସ, ୨୩।୧




ଓସ୍କାର ୨୦୨୫ ପାଇଁ ବହୁପ୍ରତୀକ୍ଷିତ ନାମାଙ୍କନ ଗୁରୁବାର 'ଏକାଡେମୀ ଅଫ୍ ମୋଶନ ପିକ୍‌ଚର୍ସ ଆର୍ଟ୍ସ ଆଣ୍ଡ ସାଇନ୍ସେସ୍' ପକ୍ଷରୁ ଘୋଷଣା କରାଯାଇଛି। ସ୍ପାନିଶ ଭାଷାରେ ନିର୍ମିତ 'ଏମିଲିଆ ପେରେଜ' ଫିଲ୍ମ ବିଭିନ୍ନ ଶ୍ରେଣୀରେ ୧୩ଟି ନାମାଙ୍କନ ଅର୍ଜନ କରିଛି। ପ୍ରଥମ ଅଣଇଂଲିଶ୍ ଫିଲ୍ମ ଭାବେ ଏହା ସର୍ବାଧିକ ନାମାଙ୍କନ ହାସଲ କରିଛି। ଶ୍ରେଷ୍ଠ ଚଳଚ୍ଚିତ୍ର ଶ୍ରେଣୀରେ ୧୪ଟି ଫିଲ୍ମ ରହିଛି। ସେହିପରି ଶ୍ରେଷ୍ଠ ଅଭିନେତ୍ରୀଙ୍କ ନାମାଙ୍କନ ତାଲିକାରେ ୫ ଅଭିନେତ୍ରୀ ସ୍ଥାନ ପାଇଛନ୍ତି। ସେମାନେ ହେଲେ ସିନ୍ଥିଆ ଏରିଭୋ, କାର୍ଲା ସୋଫିଆ ଗ୍ୟାସ୍କୋନ, ମିକି ମାଡିସନ, ଡେମି ମୁରେ ଏବଂ ଫର୍ନଡା ଟୋରେସ୍। ସେହିପରି ଶ୍ରେଷ୍ଠ ଅଭିନେତା ତାଲିକାରେ ୫ ଅଭିନେତା ଆଡ୍ରିଏନ ବ୍ରଡି, ସେବାଷ୍ଟିଆନ ଷ୍ଟାନ୍, ଟିମିଥୋ ଚାଲମେଟ, କଲମାନ ଡୋମିଙ୍ଗୋ, ରାଲ୍ଫ ଫିଏନ୍ସ ରହିଛନ୍ତି। ବେଷ୍ଟ ଲାଇଭ ଆକ୍ସନ ସର୍ଟ ଫିଲ୍ମ ଶ୍ରେଣୀରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ଦ୍ୱାରା ହିନ୍ଦୀ ଭାଷାରେ ନିର୍ମିତ ଆମେରିକୀୟ ଫିଲ୍ମ 'ଅନୁଜା' ରହିଛି।

# ଆପ୍ରବାସୀ ଅଟକ ବିଲ୍‌କୁ ହାଉସ୍‌ର ମଞ୍ଜୁରୀ

ୱାଶିଂଟନ୍,୨୩।୧

ଆମେରିକାକୁ ବେଆଇନ ଆପ୍ରବାସୀଙ୍କ ଅନୁପ୍ରବେଶ ରୋକିବା ପାଇଁ ଉଦ୍ଦିଷ୍ଟ ଏକ ବିଧେୟକ ବୁଧବାର ରିପବ୍ଲିକାନ୍ ନେତୃତ୍ୱାଧୀନ ହାଉସ୍‌ର ଚୂଡ଼ାନ୍ତ ଅନୁମୋଦନ ଲାଭ କରିଛି। ଅନ୍ୟ ଦେଶରୁ ଆମେରିକାକୁ ଯାଇ ସେଠାରେ ବସବାସ କରିବା ପରେ ଚୋରି ଓ ହିଂସାତ୍ମକ କାର୍ଯ୍ୟ ଭିଆଉଥିବା ବେଆଇନ ଅନୁପ୍ରବେଶକାରୀଙ୍କୁ ଅଟକ ରଖି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସକାଶେ ଟ୍ରମ୍ପ ପ୍ରଥମେ ଏହି ବିଲ୍‌ରେ ସ୍ୱାକ୍ଷର କରିଥିଲେ। ଗତବର୍ଷ ଭେନିଜୁଏଲାର ଜଣେ ପୁରୁଷ ଜର୍ଜିଆର ଜଣେ ନର୍ସିଂ ଛାତ୍ରୀଙ୍କୁ ହତ୍ୟା କରିଥିଲେ। ଏହାକୁ ନେଇ ଆମେରିକାରେ ବଡ଼ ବିତର୍କ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ଛାତ୍ରୀଙ୍କ ନାମାନୁସାରେ ଉକ୍ତ ବିଧେୟକର ନାମ ଲାକେନ୍ ରିଲେୟ ଆକ୍ଟ ରଖାଯାଇଛି। ଟ୍ରମ୍ପ ନିର୍ବାଚନ ପ୍ରଚାର ବେଳେ ଏହାକୁ ପ୍ରସଙ୍ଗ କରି ଆପ୍ରବାସୀଙ୍କ ଅନୁପ୍ରବେଶ ରୋକିବା ପାଇଁ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

### 'ବେଆଇନ ପ୍ରବାସୀଙ୍କ ବୈଧ ପ୍ରତ୍ୟାବର୍ତ୍ତନ ସପକ୍ଷରେ ଭାରତ'

ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ଭାରତୀୟଙ୍କୁ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରାଇବାକୁ ନୂଆଦିଲ୍ଲୀ ଚାହୁଁଥିବା ବୁଧବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ଏହି ପ୍ରକ୍ରିୟା ଜାରି ରହିଛି। କେଉଁମାନଙ୍କୁ ଫେରାଇ ଅଣାଯାଇପାରିବ ତାହା ଭାରତ ସରକାର ଯାଞ୍ଚ କରୁଛନ୍ତି। ସେମାନଙ୍କ ସଂଖ୍ୟା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଭାରତ ଏକ 'ଗ୍ଲୋବାଲ ୱାର୍କପ୍ଲେସ୍'ରେ ବିଶ୍ୱାସ କରେ। ଭାରତୀୟ ମେଧାବୀ ଓ ଦକ୍ଷତାସମ୍ପନ୍ନ ବ୍ୟକ୍ତି ବୈଶ୍ୱିକ ସ୍ତରରେ ସର୍ବାଧିକ ସୁଯୋଗ ପାଆନ୍ତୁ ବୋଲି ଆମେ ଚାହୁଁ। କିନ୍ତୁ ବେଆଇନ ଭାବେ କୌଣସି ଦେଶରେ ଅନୁପ୍ରବେଶକୁ ଆମେ ବିରୋଧ କରୁଛୁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିନା ଦସ୍ତାବିଜରେ କିମ୍ବା ଭିଜା ଅବଧି ଶେଷ ହୋଇଯାଇଥିବା ୧,୮୦,୦୦୦ ଭାରତୀୟଙ୍କୁ ପ୍ରତ୍ୟର୍ପଣ ପାଇଁ ଟ୍ରମ୍ପ ପ୍ରଶାସନ ଯୋଜନା କରିଥିବା ନେଇ ରିପୋର୍ଟ ପୂର୍ବରୁ ପ୍ରକାଶ ପାଇଥିଲା।

# ୪ ସେଲିବ୍ରିଟିଙ୍କୁ ହତ୍ୟା ଧମକ / ନିଆଁ ଲାଗିବା ଗୁଜବ ଚା'ବିକାଳି କରିଥିଲେ



ମୁମ୍ବାଇ, ୨୩।୧

ହାସ୍ୟ ଅଭିନେତା କପିଲ ଶର୍ମା, ରାଜପାଲ ଯାଦବ, କୋରିଓଗ୍ରାଫର ତଥା ନିର୍ଦ୍ଦେଶକ ରେମୋ ଡି' ସୁଜା ଓ ଅଭିନେତ୍ରୀ ସୁଗନ୍ଧା ମିଶ୍ରାଙ୍କୁ ଗୁରୁବାର ଇମେଲ୍ ଯୋଗେ ହତ୍ୟା ଧମକ ହସ୍ତଗତ ହୋଇଛି। ଉକ୍ତ ଇମେଲ୍ ଧମକରେ ବିଷ୍ଣୁ ନାମକ ଜଣେ ବ୍ୟକ୍ତିଙ୍କର ହସ୍ତାକ୍ଷର ମଧ୍ୟ ରହିଛି। ଏନେଇ ମୁମ୍ବାଇ ପୋଲିସ ସୂଚନା ଦେଇଛି। ହତ୍ୟା ଧମକ ମିଳିଥିବା ନେଇ ରାଜପାଲଙ୍କ ସ୍ତ୍ରୀ ରାଧା ରାଜପାଲ ଯାଦବ ଗୁରୁବାର ମୁମ୍ବାଇର ଅମ୍ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତ୍ତିରେ ପୋଲିସ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଧାରା ୩୫୧(୩) ଅନୁଯାୟୀ, ମାମଲା ରୁଜୁକରିବା ସହ ଘଟଣାର ତଦନ୍ତ ଚଳାଇଛି। ଧମକ ଆସିଥିବା ଇମେଲ୍‌ର ଆଇପି ଠିକଣା ପାକିସ୍ତାନରୁ ଆସିଥିବା ମୁମ୍ବାଇ ପୋଲିସ କହିଛି। ହତ୍ୟା ଧମକ ମିଳିଥିବା ସମସ୍ତ ୪ ସେଲିବ୍ରିଟିଙ୍କର ସୁରକ୍ଷା ବ୍ୟବସ୍ଥାକୁ ମୁମ୍ବାଇ ପୋଲିସ ବଢ଼ାଇଛି।

ପୁଣେ,୨୩।୧

ମହାରାଷ୍ଟ୍ରର ଜଲ୍‌ଗାଁଓ ଜିଲାରେ ବୁଧବାର ମୁମ୍ବାଇ ଯାଉଥିବା ପୁଷ୍ପକ ଏକ୍ସପ୍ରେସ୍‌ରେ ନିଆଁ ଲାଗିଥିବା ନେଇ ଗୁଜବ ପ୍ରଚାରିତ ହେବା ପରେ ଜୀବନ ବଞ୍ଚାଇବା ପାଇଁ ଅନେକ ଯାତ୍ରୀ ଡେଇଁପଡ଼ିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ପାଖ ଲାଇନ୍‌କୁ ଚାଲିଯିବାରୁ ସେହି ସମୟରେ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ୧୩ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୧୫ ଜଣ ଆହତ ହୋଇଥିଲେ। ପୁଷ୍ପକ ଏକ୍ସପ୍ରେସ୍‌ରେ ନିଆଁ ଲାଗିଥିବା ନେଇ ଜଣେ ଚା' ବିକାଳି ଗୁଜବ ସୃଷ୍ଟି କରିଥିଲେ ବୋଲି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଗୁରୁବାର କହିଛନ୍ତି। ପ୍ୟାଣ୍ଟ୍ରିରେ ଥିବା ଚା' ବିକାଳି ଗୋଟିଏ ବଗିରେ ନିଆଁ ଲାଗିଥିବା ନେଇ ଚିତ୍କାର କରିଥିଲେ। ଉତ୍ତରପ୍ରଦେଶ ଶ୍ରାବସ୍ତିର ୨ ଜଣ ଯାତ୍ରୀ ଏହା ଶୁଣି ଅନ୍ୟମାନଙ୍କୁ ଜଣାଇଥିଲେ। ଫଳରେ ପାଖ ବଗିରେ ଆତଙ୍କ ଖେଳିଯିବା ସହ ଲୋକେ ଚେନ୍ ଟାଣି ବାହାରକୁ ଡେଇଁ ପଡ଼ିଥିଲେ ବୋଲି ପାୱାର ପୁଣେରେ ଖବରଦାତାମାନଙ୍କୁ କହିଛନ୍ତି। ଟ୍ରେନ୍ ଲାଇନରେ ବାଙ୍କ ରହିଥିବାରୁ କର୍ଣ୍ଣାଟକ ଟ୍ରେନ୍‌ର ଲୋକୋ ପାଇଲଟ୍ ଲୋକମାନଙ୍କୁ ଦୂରରୁ ଦେଖିପାରି ନ ଥିଲେ, ଯେଉଁଥିପାଇଁ ଏତେ ସଂଖ୍ୟାରେ ଲୋକେ ମୃତାହତ ହେଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ରେଲ୍‌ୱେ ପ୍ରୋଟେକ୍ସନ ଫୋର୍ସ (ଆର୍‌ପିଏଫ୍) ଏବଂ ଗଭର୍ନମେଣ୍ଟ ରେଲ୍‌ୱେ ପୋଲିସ (ଜିଆର୍‌ପି) ମିଳିତ ଭାବେ ଏହି ଦୁର୍ଘଟଣାର ତଦନ୍ତ ଚଳାଇଥିବା କେନ୍ଦ୍ରୀୟ ରେଲ୍‌ୱେର ମୁଖ୍ୟ ଜନସମ୍ପର୍କ ଅଧିକାରୀ ସ୍ୱପ୍ନିଲ ଧନରାଜ ନୀଲ କହିଛନ୍ତି। ତେବେ ରେଲୱେ ସୁରକ୍ଷା କମିଶନର (ସିଆର୍‌ଏସ୍)କୁ ତଦନ୍ତ ପାଇଁ ଏପର୍ଯ୍ୟନ୍ତ ନିର୍ଦ୍ଦେଶ ଦିଆଯାଇ ନାହିଁ।

### ଜଲଗାଁଓ ଟ୍ରେନ୍ ଟ୍ରାଜେଡି: ଆର୍‌ପିଏଫ୍, ଜିଆର୍‌ପି ତଦନ୍ତ କରୁଛନ୍ତି



## ହସ୍ପିଟାଲରେ ଭର୍ତ୍ତି ଖବରକୁ ଗୁଜବ କହିଲେ ମୋନାଲି



ମୋନାଲି ଠାକୁର

ମୁମ୍ବାଇ: ଭାରତୀୟ ପ୍ଲେବ୍ୟାକ୍ ସିଙ୍ଗର ମୋନାଲି ଠାକୁର ବୁଧବାର ରାତିରେ ବିହାରର ଦିନ୍‌ହାଟା ଫେଷ୍ଟିଭାଲରେ ଯୋଗ ଦେଇଥିଲେ। ସେଠାରେ ସେ ସଙ୍ଗୀତ ପ୍ରଦର୍ଶନ କରୁଥିବାବେଳେ ହଠାତ୍ ଶ୍ୱାସ ନେବାରେ ଅସୁବିଧା ଅନୁଭବ କରିଥିଲେ। ତେଣୁ ତାଙ୍କୁ ପ୍ରଥମେ ଦିନହାଟା ଉପ ଜିଲା ଚିକିତ୍ସାଳୟ ଓ ପରେ ପଶ୍ଚିମବଙ୍ଗର କୁଚ୍‌ବିହାରସ୍ଥିତ ଏକ ପ୍ରାଇଭେଟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ ଗୁରୁବାର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ଫଳରେ ମୋନାଲିଙ୍କୁ ନେଇ ତାଙ୍କ ପ୍ରଶଂସକମାନେ ସୋସିଆଲ ମିଡିଆରେ ଚିନ୍ତା ପ୍ରକଟ କରିଥିଲେ। ଗୁରୁବାର ଅପରାହ୍ନରେ ମୋନାଲି ଏକ ଇନ୍‌ଷ୍ଟାଗ୍ରାମ ଷ୍ଟୋରି ମାଧ୍ୟମରେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଖବରକୁ ଖଣ୍ଡନ କରିଛନ୍ତି। ସେ ତାଙ୍କ ପ୍ରଶଂସକ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁରୋଧ କରି କହିଛନ୍ତି, ତାଙ୍କ ସ୍ୱାସ୍ଥ୍ୟକୁ ନେଇ କୌଣସି ମଧ୍ୟ ଗୁଜବକୁ ପ୍ରଚାର ନ କରାଯାଉ। ତାଙ୍କର କୌଣସି ଶ୍ୱାସ ଜନିତ ସମସ୍ୟା ନାହିଁ ଓ ସେ ହସ୍ପିଟାଲରେ ମଧ୍ୟ ଭର୍ତ୍ତି ହୋଇନାହାନ୍ତି ବୋଲି ମୋନାଲି ସ୍ପଷ୍ଟ କରିଛନ୍ତି। ତେବେ ଗତ କିଛିଦିନ ହେବ ତାଙ୍କୁ ସାମାନ୍ୟ ଭାଇରାଲ ସଂକ୍ରମଣ ହୋଇଛି। ତେଣୁ ଏବେ ସେ ମୁମ୍ବାଇ ଫେରି ଆସିଛନ୍ତି ଓ ଡାକ୍ତରଙ୍କ ପରାମର୍ଶରେ କିଛିଦିନ ପାଇଁ ବିଶ୍ରାମ ନେଉଥିବା ସହ ସୁସ୍ଥ ହେଉଛନ୍ତି ବୋଲି ମୋନାଲି କହିଛନ୍ତି।

# ଥାଇଲାଣ୍ଡରେ ସମଲିଙ୍ଗୀ ବିବାହ ବୈଧ

ବ୍ୟାଙ୍କକ୍, ୨୩।୧



ଭାରତୀୟଙ୍କ ପାଇଁ ପ୍ରମୁଖ ଟୁରିଷ୍ଟ ଡେଷ୍ଟିନେଶନ ଭାବେ ପରିଚିତ ଥାଇଲାଣ୍ଡ ଗୁରୁବାରଠାରୁ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ପ୍ରଦାନ କରିଛି। ଏପରି କରିବାରେ ଥାଇଲାଣ୍ଡ ଦକ୍ଷିଣ-ପୂର୍ବ ଏସିଆର ପ୍ରଥମ ଦେଶ ହୋଇଥିବାବେଳେ ଏସିଆର ତୃତୀୟ ଦେଶ ହୋଇପାରିଛି। ଏହାପୂର୍ବରୁ ଏସିଆରେ ନେପାଳ ଓ ତାଇୱାନ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ପ୍ରଦାନ କରିଥିଲେ।

ଥାଇଲାଣ୍ଡରେ ସମଲିଙ୍ଗୀ ବିବାହକୁ ଆଇନଗତ ଭାବେ ସ୍ୱୀକୃତି ମିଳିବା ପରେ ଗୁରୁବାର ପ୍ରଥମ ଦିନ ଦେଶରେ ଶତାଧିକ ସମଲିଙ୍ଗୀ ଯୋଡ଼ି ବିବାହ କରିଛନ୍ତି। ଦେଶର ହାଇପ୍ରୋଫାଇଲ ସମଲିଙ୍ଗୀ ଯୋଡ଼ି ଭାବେ ପରିଚିତ ଥାଇଲାଣ୍ଡ ଅଭିନେତା ଆପିୱାଟ୍ ଆପିୱାସେରି ଓ ତାଙ୍କ ପାର୍ଟନର ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ସପନ୍ୟୁ ପନାଟକୁଲ ଗୁରୁବାର ସେମାନଙ୍କ ସମଲିଙ୍ଗୀ ବିବାହକୁ ପଞ୍ଜୀକରଣ କରାଇଛନ୍ତି। ସମଲିଙ୍ଗୀ ବିବାହ ଆଇନକୁ କାର୍ଯ୍ୟକାରୀ କରିବା ସହ ଦେଶରେ ଏଲ୍‌ଜିବିଟିକ୍ୟୁ(ଲେସ୍‌ବିଆନ୍, ଗେ, ବାଇସେକ୍ସୁଆଲ, ଟ୍ରାନ୍ସଜେଣ୍ଡର) ସମୁଦାୟର ଲୋକଙ୍କୁ ସମଲିଙ୍ଗୀ ବିବାହ କରିବା ପାଇଁ ଆଇନଗତ ମାନ୍ୟତା ମିଳିଛି। ଗତ ୨୦ ବର୍ଷ ଧରି ଥାଇଲାଣ୍ଡର ଏଲ୍‌ଜିବିଟିକ୍ୟୁ ସମୁଦାୟର ଲୋକମାନେ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ପ୍ରଦାନ କରିବା ପାଇଁ ସଂଘର୍ଷ କରିଥିଲେ। ଏହି ଆଇନକୁ ମାନ୍ୟତା ମିଳିବା ପରେ ଥାଇଲାଣ୍ଡରେ ୧୮ ବର୍ଷରୁ ଅଧିକ ବୟସର ଯେ କୌଣସି ବ୍ୟକ୍ତି ସମଲିଙ୍ଗୀ ବିବାହ କରିପାରିବେ। ପୂର୍ବରୁ ଥାଇଲାଣ୍ଡ ସଂସଦର ଉଭୟ ଗୃହରେ ବିବାହ ସମାନତା ଆଇନକୁ ପାରିତ କରାଯିବା ସହ ଦେଶର ସିଭିଲ ଓ କମର୍ସିଆଲ କୋଡ୍‌ରେ ସଂଶୋଧନ କରାଯାଇଥିଲା। ଉକ୍ତ ସଂଶୋଧନ ସହ

### ପ୍ରଥମ ଦିନରେ ବିବାହ କଲେ ଶତାଧିକ ଯୋଡ଼ି

ସାଧାରଣ ବିବାହରେ ସ୍ୱାମୀ ଓ ସ୍ତ୍ରୀଙ୍କୁ ମିଳୁଥିବା ସମସ୍ତ ଅଧିକାରକୁ ଏଲ୍‌ଜିବିଟିକ୍ୟୁ ଦମ୍ପତିମାନଙ୍କୁ ପ୍ରଦାନ କରାଯାଇଛି। ଥାଇଲାଣ୍ଡ ସଂସଦରେ ପାରିତ ଏହି ବିବାହ ସମାନତା ଆଇନ ଅନୁଯାୟୀ, ସମଲିଙ୍ଗୀ ଦମ୍ପତିଙ୍କୁ ଆଇନଗତ, ଆର୍ଥିକ ଓ ଚିକିତ୍ସା କ୍ଷେତ୍ରରେ ସମାନ ଅଧିକାର ଦିଆଯାଇଛି। ଏହାବ୍ୟତୀତ ସମ୍ପତ୍ତିରେ ଉଭୟ ପାର୍ଟନରଙ୍କର ମିଳିତ ଭାବେ ଅଧିକାର ରହିଛି। ପ୍ରକାଶ ଯେ, ଆମେରିକା, ଜର୍ମାନୀ, ବେଲଜିୟମ, ଫ୍ରାନ୍ସ ପରି ୩୧ଟି ଦେଶରେ ସମଲିଙ୍ଗୀ ବିବାହକୁ ନେଇ ଆଇନଗତ ଭାବେ ସ୍ୱୀକୃତି ରହିଛି। ସେହିପରି ଇରାନ, ୟେମେନ, ନାଇଜେରିଆ, ବ୍ରୁନେଇ ଆଦି ୧୩ ଦେଶରେ ସମଲିଙ୍ଗୀ ବିବାହ ଉପରେ ସମ୍ପୂର୍ଣ୍ଣ ନିଷେଧ ରହିଛି। ଉକ୍ତ ଦେଶଗୁଡ଼ିକରେ ସମଲିଙ୍ଗୀ ବିବାହ ପାଇଁ ଦଣ୍ଡ ବିଧାନ ରହିଛି। ଭାରତରେ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବା ପାଇଁ ହୋଇଥିବା ଆବେଦନକୁ ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ।




# ସୁଭଦ୍ରା, ଅଦ୍ୱିକା ଯୋଜନା ନାରୀଙ୍କ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି

ଭୁବନେଶ୍ୱର, ୨୩।୧ (ବନ୍ଦନା ସେଠୀ)

## 'ବେଟି ବଚାଓ ବେଟି ପଢାଓ' ଯୋଜନାର ୧୦ ବର୍ଷ ପୂର୍ତ୍ତି ଉତ୍ସବ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରୁଛନ୍ତି।

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ 'ବେଟି ବଚାଓ ବେଟି ପଢାଓ' ଯୋଜନାର ୧୦ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ ଉତ୍ସବ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। 'ବେଟି ବଚାଓ ବେଟି ପଢାଓ' କାର୍ଯ୍ୟକ୍ରମରେ ହୋଇଥିବା ଅଗ୍ରଗତି, ବାଳିକାଙ୍କ ଶିକ୍ଷା ଓ ସୁରକ୍ଷା ଦିଗରେ ଓଡ଼ିଶା ସରକାରଙ୍କ ଅଙ୍ଗୀକାରବଦ୍ଧତା ତଥା ପଦକ୍ଷେପ ଉପରେ ଉପମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ। ନାରୀ ସଶକ୍ତୀକରଣରେ ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଓ 'ଅଦ୍ୱିକା' ଯୋଜନା ନାରୀମାନଙ୍କ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି ବୋଲି ସେ ମତ ଦେଇଥିଲେ। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୋଲିସ ଆଇଜି ସାଇନି ଏସ୍., ୟୁନିସେଫ୍‌ର ମୁଖ୍ୟ କ୍ଷେତ୍ର ଅଧିକାରୀ ୱିଲିୟମ ହେନଲୋନ୍ ଜୁନିୟରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥଲେ। କାର୍ଯ୍ୟକ୍ରମ ପରେ ଶପଥ ଗ୍ରହଣ ସମାରୋହ ଆୟୋଜନ ହୋଇଥିଲା। ଶିଶୁ କନ୍ୟାର ଅଧିକାରକୁ ନିଜ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରାଧିକାର ଦେବା ସହ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ ଦେବାପାଇଁ ସମସ୍ତେ ଶପଥ ନେଇଥିଲେ। ବିଭାଗୀୟ ଅତିରିକ୍ତ ଶାସନ ସଚିବ ଏନ୍. ସି. ଜ୍ୟୋତି ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ତଥା ଅନ୍ୟାନ୍ୟ ଗୋଷ୍ଠୀର ବାଳିକାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଅନ୍ୟ ଅତିଥିଙ୍କ ସମେତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ।

# ସମାଜ ପାଇଁ ଉଦାହରଣ

**ଜାତୀୟ କନ୍ୟା ଦିବସ**

'କନ୍ୟା ରତ୍ନ, କର ଯତ୍ନ'। କାହିଁ କେବେଠାରୁ ଏହି ଉକ୍ତିଟି ପ୍ରଚଳିତ ହୋଇ ଆସୁଥିଲେ ହେଁ ଆଜି ବି ଅନେକ ସ୍ଥାନରେ କନ୍ୟା ସନ୍ତାନଙ୍କୁ ଅବହେଳା କରାଯାଉଛି। ଝିଅଟିଏ ହେଲେ ତାକୁ ଅଲୋଡା ବୋଲି ଭାବି ରାସ୍ତାକଡ଼ କିମ୍ବା ଡାକ୍ତରଖାନାରେ ଛାଡିଦେଇ ଚାଲି ଆସୁଛନ୍ତି। ପୁଅ ହେଲେ ମଲା ବେଳକୁ ତୁଣ୍ଡରେ ପାଣି ଦେବ, ଆଉ ମୁହଁରେ ନିଆଁ ଦେଲେ ସ୍ୱର୍ଗପ୍ରାପ୍ତ ହେବ ବୋଲି ଯେଉଁ ଧାରଣା ରହିଥିଲା ତାହା ଅନେକାଂଶରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଶତପ୍ରତିଶତ ହୋଇନାହିଁ। ତେଣୁ ଲୋକଙ୍କ ମନରୁ ପୁଅଝିଅର ଭେଦଭାବ ଦୂର କରିବା ସହିତ ଝିଅମାନଙ୍କ ଅଧିକାର, ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ବିଷୟରେ ସମାଜରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ୨୦୦୮ରୁ ପ୍ରତିବର୍ଷ ଜାନୁଆରୀ ୨୪କୁ 'ଜାତୀୟ କନ୍ୟା ଦିବସ' ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ଥିମ୍ ରହିଛି 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କନ୍ୟାମାନଙ୍କ ସଶକ୍ତୀକରଣ'। ଜାତୀୟ କନ୍ୟା ଦିବସ ଅବସରରେ ସମାଜ ପାଇଁ ଉଦାହରଣ ସାଜିଥିବା କେତେଜଣ ସଫଳ ଝିଅଙ୍କ କାହାଣୀକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।


ଜି. ଲୋୟଲା ରେଡ୍ଡି

ଦିନେ ରାସ୍ତାଘାଟ ବୁଲି ଜରି, ବୋତଲ ଗୋଟାଇବା ସହ ଶିଶୁ ଶ୍ରମିକ ଭାବେ କାମ କରୁଥିଲେ ୧୭ ବର୍ଷୀୟ ଜି. ଲୋୟଲା ରେଡ୍ଡି। ଭୁବନେଶ୍ୱର କଦଳୀ ଗୋଦାମ ବସ୍ତିରେ ରହୁଥିବା ଲୋୟଲା ଛୋଟବେଳୁ ବାପାଙ୍କୁ ହରାଇଥିଲେ। ମା' ହସ୍ପିଟାଲରେ ଚିକିତ୍ସାଧୀନ ଥିବାରୁ ଅତି କମ୍ ବୟସରୁ ହିଁ ସେ ତାଙ୍କ ଜେଜେ ମା'ଙ୍କ ସହ ଜରି ଗୋଟାଇ ପରିବାର ପ୍ରତିପୋଷଣ କରୁଥିଲେ। ତେବେ ପାଠ ପଢିବାର ଇଚ୍ଛା ତାଙ୍କୁ ଶିଶୁ ଶ୍ରମିକରୁ ଜଣେ ମେଧାବୀ ଛାତ୍ରୀଭାବେ ଗଢ଼ି ତୋଳିଛି। ରାସ୍ତାକଡ଼ ଶିଶୁଙ୍କ ପାଇଁ କାମ କରୁଥିବା ସଂସ୍ଥା 'ଆଶାୟେଁ' ସହଯୋଗରେ ଲୋୟଲା ପାଠପଢା ଆରମ୍ଭ କରିଥିଲେ। ଦଶମ ପାସ୍ କରିବା ପରେ ଏବେ ସେ ସରକାରୀ ଆଇଟିଆଇ କଲେଜରେ ପାଠ ପଢୁଛନ୍ତି। ମେଧାବୀ ଛାତ୍ରୀ ଭାବେ ସେ ସରକାରଙ୍କଠାରୁ ବୃତ୍ତି ପାଉଥିବାବେଳେ ଆଗକୁ ଜଣେ ଫିଟର୍ ଭାବେ ଚାକିରି କରିବାକୁ ଲକ୍ଷ୍ୟ ରଖିଛନ୍ତି। ନିଜେ ପାଠ ପଢିବା ସହିତ ଶିଶୁ ଶ୍ରମିକ ଭାବେ କାମ କରୁଥିବା ପିଲାଙ୍କୁ ପାଠ ପଢିବାକୁ ରାଜି କରାଇବା ଓ ଏନେଇ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ଏଥିସହ ବିଭିନ୍ନ ବସ୍ତି ଅଞ୍ଚଳରେ ବୁଲି ଲିଙ୍ଗଗତ ଭେଦଭାବ ଦୂର କରିବା ପାଇଁ ମଧ୍ୟ ସଚେତନ କାର୍ଯ୍ୟ ଜାରି ରଖିଛନ୍ତି।


ପ୍ରିୟଦର୍ଶିନୀ ନାୟକ

ଆଉଜଣେ ବାଳିକା ହେଉଛନ୍ତି ଜଗତ୍‌ସିଂହପୁର ଜିଲା ନୂଆଗାଁ ବ୍ଲକ୍‌ର ଜାମୁଦଣ୍ଡା ଗ୍ରାମର ପ୍ରିୟଦର୍ଶିନୀ ନାୟକ। ଦଶମ ଶ୍ରେଣୀରେ ପଢୁଥିବା ୧୫ ବର୍ଷୀୟ ପ୍ରିୟଦର୍ଶିନୀ ସମାଜ ପାଇଁ ଉଦାହରଣ ପାଲଟିଛନ୍ତି। ତିହୁଡା ଅଙ୍ଗନୱାଡି ସେଣ୍ଟରରେ ସଖୀ ଭାବେ କାମ କରିବା ସହିତ ଝିଅମାନଙ୍କ ଅଧିକାର, ସୁରକ୍ଷା ପାଇଁ ସମସ୍ତଙ୍କୁ ସଚେତନ କରୁଛନ୍ତି। ସରକାରଙ୍କ 'ଅଦ୍ୱିକା' ଯୋଜନାରେ ଗ୍ରାମର ଝିଅମାନଙ୍କୁ ସାମିଲ କରିବା ସହିତ ପୋଷଣ, ଶିକ୍ଷା, ଶିଶୁ ଅଧିକାର, ବାଲ୍ୟ ବିବାହ, ପୋକ୍ସୋ ଆଇନ ଆଦି ସମ୍ପର୍କରେ ଗ୍ରାମର ଝିଅ ତଥା ସେମାନଙ୍କ ଅଭିଭାବକଙ୍କୁ ସଚେତନ କରିବା ପାଇଁ ସେ ଅଣ୍ଟା ଭିଡ଼ିଛନ୍ତି। ପ୍ରଥମେ ଏଥିପାଇଁ ତାଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। ଏବେ କିନ୍ତୁ ତାଙ୍କୁ ଗ୍ରାମବାସୀ ଏବଂ ଆଖପାଖ ଲୋକଙ୍କ ପାଖରୁ ସମର୍ଥନ ମିଳୁଥିବା ପ୍ରିୟଦର୍ଶିନୀ କହିଛନ୍ତି।

**ରିପୋର୍ଟ: ବନ୍ଦନା ସେଠୀ, ଭୁବନେଶ୍ୱର**

# ଆକାଶିଆ ଜଙ୍ଗଲରେ ନିଆଁ



**ପାଟଣା, ୨୩।୧(ବୀରକିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ରାସ୍ତା ପାର୍ଶ୍ୱ ହନୁମାନ ଛକ ନିକଟ ଖୁଣ୍ଟାପଡା ଗ୍ରାମ ନିକଟରେ ଥିବା ଏକର ଏକର ପରିମିତ ୟୁକାଲିପଟାସ ଓ ଆକାଶିଆ ଜଙ୍ଗଲରେ ଗୁରୁବାର ଅପରାହ୍ନରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ପାଟଣା ଅଗ୍ନିଶମ ବାହିନୀ ତରଫରୁ ହାବିଲଦାର ରମେଶ ଦାସ, ଆଗ୍ନିକ ଅରୁଣ କୁମାର ନାଏକ, ଶିବ ବେହେରା, ଅକ୍ଷୟ ରାଜ ଆସି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଆୟତ୍ତ ହୋଇଥିଲେ ହେଁ ଅନେକ ଗଛ ଜଳି ପୋଡ଼ି ନଷ୍ଟ ହୋଇଯାଇଛି।

ଇଂଜୀନିୟର୍ସ ଇଂଡିୟା ଲିମିଟେଡ (भारत सरकार का उपक्रम) EIL ENGINEERS INDIA LIMITED (A Govt. of India Undertaking)

**ଭୁବନେଶ୍ୱର, ଓଡ଼ିଶାଠାରେ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ ପାଇଁ ଘରୋଇ ପ୍ରତିଯୋଗିତାମୂଳକ ବିଡିଂ**

ଇଆଇଏଲ୍, ଭାରତ ସରକାର (ଗ୍ରାହକ)ଙ୍କ ମାଲିକାନାଧୀନ ଏକ ଅଗ୍ରଣୀ ବିତ୍ତୀୟ ନିୟାମକ ସରକାରୀ ନିକାୟ ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରମାନଙ୍କଠାରୁ ଇ-ବିଡ୍ ଆହ୍ୱାନ କରୁଛି:

| ବର୍ଣ୍ଣନା | ୱେବ୍‌ସାଇଟ୍‌ରେ ବିଡିଂ ଦସ୍ତାବିଜ | ବିଡ୍ ଧାର୍ଯ୍ୟ ତାରିଖ ଏବଂ ସମୟ |
|---|---|---|
| କାର୍ଯ୍ୟର ନାମ: ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଏବଂ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପାଇଁ ଇଣ୍ଟେରିୟର ଏବଂ ଫିନିଶିଂ କାର୍ଯ୍ୟ ବିଡିଂ ଦସ୍ତାବିଜ ନଂ.: ଜେପି/ବି୫୭୧-୦୦୧-ପିକେ-ଟି-୮୨୦୩/୧୦୦୬ | ୨୪ ଜାନୁଆରୀ, ୨୦୨୫ ଠାରୁ ୧୩ ଫେବୃଆରୀ, ୨୦୨୫ ପର୍ଯ୍ୟନ୍ତ | ୧୩ ଫେବୃଆରୀ, ୨୦୨୫ ୧୨.୦୦ ଘଟିକା ପର୍ଯ୍ୟନ୍ତ |

ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ସମେତ ଅଣ-ପ୍ରଘଟନ ରାଜିନାମା (ଏନ୍‌ଡିଏ) ଇ-ଟେଣ୍ଡର ସାଇଟ୍ http://eprocure.gov.in/eprocure/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ । ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ଡାଉନ୍‌ଲୋଡ୍ କରିବା ପାଇଁ ବିଡରମାନେ ଏନ୍‌ଡିଏକୁ କାର୍ଯ୍ୟକାରୀ (ସ୍ୱାକ୍ଷରିତ) କରିବା ଆବଶ୍ୟକ। ସମସ୍ତ ସଂଶୋଧନ, ସମୟ ବିସ୍ତାରଣ, ସ୍ପଷ୍ଟୀକରଣ ଇତ୍ୟାଦି କେବଳ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବ ଏବଂ ତାହାକୁ ଖବରକାଗଜରେ ପ୍ରକାଶନ କରାଯିବ ନାହିଁ। ସଦ୍ୟତମ ସୂଚନା ପାଇବା ପାଇଁ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ।

ଡିଜିଏମ୍ (ଏସ୍‌ସିଏମ୍-ସି ଆଣ୍ଡ ପି), ଇଆଇଏଲ୍

# ୨୭ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୨୩।୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ଜାନୁଆରୀ ୨୭ରେ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବା କାରଣରୁ ୨୭ ତାରିଖରେ ୟୁନିଟ୍ -୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।





# ବଢ଼ିଲା ତାତି: ୩୪.୨ ଡିଗ୍ରୀରେ ପାରଳାଖେମୁଣ୍ଡି



ଭୁବନେଶ୍ୱର, ୨୩।୧ (ଅନୁରାଧା ମହାରଣା)

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଇତିମଧ୍ୟରେ ଦିନ ତାପମାତ୍ରା ୩୫ ଡିଗ୍ରୀ ପାଖାପାଖି ଛୁଇଁଲାଣି। ରାତିରେ କୁହୁଡି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଥିବାବେଳେ ଦିନରେ ଟାଇଁ ଟାଇଁ ଖରା ଅନୁଭୂତ ହେଉଛି। ଗୁରୁବାର ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଆଦି ଜିଲାରେ ଘନ କୁହୁଡ଼ି ଦେଖିବାକୁ ମିଳିଥିବାବେଳେ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୪.୨ ଡିଗ୍ରୀ ଓ ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ କରାଯାଇଛି। ଉତ୍ତର ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କିଛି ସ୍ଥାନରେ ଏବଂ ଉପକୂଳ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ଦୃଷ୍ଟାନ୍ତମୂଳକ ଭାବେ ରାତି ତାପମାତ୍ରା ବୃଦ୍ଧି ପାଇଛି। ଆସନ୍ତା ୩ଦିନରେ ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ବଢ଼ିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା ଓ କଟକ ଜିଲାରେ ଘନ କୁହୁଡ଼ି ସମ୍ଭାବନା ରହିଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ମ୍ୟୁଜିୟମ ଛକ, ସମୟ: ସକାଳ ୮ଟା।
- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡିଏମ୍‌ଇଟି ଅଫିସ୍, ନତାଲା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାଉଣ୍ଟ ଲିଟେରା ଜି ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଭାଗବତିପୁର, କଣ୍ଟାବାଡ଼, କାଟେଣୀ ଛକ, ସମୟ: ଅପରାହ୍ନ ୪ଟା।

## କଟକ

- ବକ୍ସିବଜାର ବ୍ୟବସାୟୀ ସଂଘ ପକ୍ଷରୁ ବକ୍ସି ଜଗବନ୍ଧୁଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ବକ୍ସିବଜାର ଛକ, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ

- ପ୍ରଥମ ତାପସ ସ୍ମାରକୀ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ସିମୁଳିଆ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର,ସମୟ: ପୂର୍ବାହ୍ନ୧୧ଟା।
- ଉପେନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କ୍ଷୀରକୋଣା, ସମୟ: ପୂର୍ବାହ୍ନ୧୦ଟା ୩୦।
- ମାର୍କୋଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମାର୍କୋଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାର୍କୋଣା ଆଥ୍‌ଲେଟିକ ଆସୋଶିଏସନର ବାର୍ଷିକ କ୍ରୀଡା, ସ୍ଥାନ: ମାର୍କୋଣା, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ବୈଦିକ ପରିବାର ସମ୍ମିଳନୀର ଉଦ୍‌ଯାପନୀ,ସ୍ଥାନ:ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମ, ମନ୍ତ୍ରିଡାହି, ରୂପସା, ସମୟ:ଅପରାହ୍ନ ୪ଟା।
- ଏକ୍ସପୋ ଓ ଚତୁର୍ଥ ସନ୍ଧ୍ୟା, ସ୍ଥାନ:ଆଇଟିଆଇ, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା।

## ଭଦ୍ରକ

- ସାଧାରଣତନ୍ତ୍ର ଦିବସ ପାଇଁ ପରେଡ୍ ଅଭ୍ୟାସ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସକାଳ ୯ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ଗୁଲସନେ ଗୌସପାକ ଖାନ୍‌କାହ ବାଇପାସ୍ ରୋଡ୍, ଭଦ୍ରକ, ସମୟ: ସକାଳ ୯ଟା।
- ଅଦ୍ୱୈତ ନାୟକ ମେମୋରିଆଲ ଚ୍ୟାଲେଞ୍ଜ ଟ୍ରଫିର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ରଘୁନାଥପୁର କ୍ରିକେଟ ପଡ଼ିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ଏଜେ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ, ସ୍ଥାନ: ଦୋବଲ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ, ସ୍ଥାନ: ମଠଡିହ ବିଦ୍ୟାଳୟ ପରିସର, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ଦାସଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: କଣ୍ଟାପଡ଼ା ଦାସସାହି, କଲେଇ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ରଇପୁର ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ରଇପୁର ବିଦ୍ୟାଳୟ ପ୍ରାଙ୍ଗଣ, ଧାମନଗର, ସମୟ: ଅପରାହ୍ନ ୧ଟା।
- ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ, ଧାମନଗର, ସମୟ: ଅପରାହ୍ନ ୩ଟା।
- ସବୁଜ ଅନୁଷ୍ଠାନର ପ୍ରତିଷ୍ଠାତା ଦୁର୍ଗେଶ ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା: ସ୍ଥାନ: ହୋଟେଲ ପଦ୍ମା, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ମା' ତାରିଣୀଙ୍କ ମନ୍ଦିରର ଦ୍ୱିତୀୟ ବାର୍ଷିକୋତ୍ସବର ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଚୁଡ଼ାମଣି ତଳସାହି, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ହନୁମାନ ମନ୍ଦିରରେ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜୟ ହନୁମାନ ଯୁବକ ସଂଘ ଆଖଡ଼ା, ନ୍ୟୁ ମାର୍କେଟ, ବଡ଼ବିଲ,ସମୟ: ସକାଳ ୬ଟା୫୧।
- ଶୈବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବିଦ୍ୟାଧରପୁର-ବାଲିବରେଇ ବଜାର, ହାଟଡିହୀ, ସମୟ: ସକାଳ ୭ଟା।
- କଲେଜରେ ଆତ୍ମରକ୍ଷା ତାଲିମ ଶିବିର, ସ୍ଥାନ: ବଉଳା-ସୋସୋ, ହାଟଡିହୀ, ସମୟ: ପୂର୍ବାହ୍ନ ୧୧ଟା।
- ଢେଙ୍କିକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକୋତ୍ସବ,ସ୍ଥାନ: ବିଦ୍ୟାମନ୍ଦିର ପରିସର,ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ଗୋପବନ୍ଧୁ ନଗର ପ୍ରେସ କ୍ଲବର ୬ଷ୍ଠ ବାର୍ଷିକୋତ୍ସବ,ସ୍ଥାନ:କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ଦୁର୍ଗାପୁର, ମୋରଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ଆର୍‌ଡିଏସ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: କୁଣ୍ଡାବାଇସ୍ଥିତ ମହାବିଦ୍ୟାଳୟ ପରିସର, ଉଦଳା,ସମୟ:ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟ।
- ମିଶନ ଶକ୍ତି ସଦସ୍ୟାଙ୍କ ବିକ୍ଷୋଭ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।।

## ବ୍ରହ୍ମପୁର

- ଜାତୀୟ ବାଳିକା ଦିବସ,ସ୍ଥାନ: ଆଇଇସି ହଲ,ସମୟ: ପୂର୍ବାହ୍ନ୧୧ଟା ୩୦।

## ଗଞ୍ଜାମ

- ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ଶେରଗଡ଼ ଧବଳପୁରସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ନେତାଜୀ କ୍ଲବ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନ ଦିବସ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ନାଶନାଲ ଗାର୍ଲ ଚାଇଲ୍ଡ ଡେ-୨୦୨୫, ସ୍ଥାନ: ଅନୁଗୋଳସ୍ଥିତ ବ୍ଲାକ ଡାଇମଣ୍ଡ ପରିସର, ସମୟ: ସକାଳ ୯ଟା।
- ଅନୁଗୋଳ ଏଫ୍‌ଏମ୍ ରେଡିଓ ସର୍ବୋଦୟର ଲୋକାର୍ପଣ ଉତ୍ସବ, ସ୍ଥାନ: ଅନୁଗୋଳ ବାଜି ରାଉତ ଛାତ୍ରାବାସ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଗଜସାଥୀ ପ୍ରଶିକ୍ଷଣ ଶିବିର, ସ୍ଥାନ:ଅନୁଗୋଳ ବନ୍ତଳାସ୍ଥିତ ରେଞ୍ଜ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ଶ୍ରୀ ଜଗନ୍ନାଥ ପରିଚାଳନା ଟ୍ରଷ୍ଟର ବିଗ୍ରହ ସ୍ଥାପନା ପାଇଁ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଜଗନ୍ନାଥ ମନ୍ଦିର, ଉଦୟବଟ ଧାମ, ଦୋଛକି, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଶାରଳା ସ୍ପୋର୍ଟସ କ୍ଲବ ପକ୍ଷରୁ ମାନସ ମେମୋରିଆଲ ଚାଲେଞ୍ଜ କପ, ସ୍ଥାନ: ରଙ୍କାଳ, ମାର୍ଶାଘାଇ, ସମୟ: ସକାଳ ୯ଟା।

## ଯାଜପୁର

- ଛବିନ୍ଦ୍ର ନାୟକ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବ୍ଲକର କୋହ୍ଲା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନକ୍ଷେତ୍ର ଓଳାଶୁଣୀ ଗୁମ୍ଫାରେ କେଶଯାତ୍ରା, ସ୍ଥାନ: କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଲଳିତଗିରିଠାରୁ ଓଳାଶୁଣୀ ପାହାଡ଼ ଶୀର୍ଷଦେଶ ପର୍ଯ୍ୟନ୍ତ, ସମୟ: ସନ୍ଧ୍ୟା ୫ଟା।

## ନୟାଗଡ଼

- ରାମଚରିତ ମାନସ ପାରାୟଣ ର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୮ଟା।
- ତ୍ରିନାଥ ଠାକୁରଙ୍କ ବାର୍ଷିକୋତ୍ସବ, ସ୍ଥାନ: କଣ୍ଟିଲୋ ଫାଣ୍ଡି ପରିସର, ସମୟ: ସକାଳ ୮ଟା।
- ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱାଦଶ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱାଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆତ୍ମସୁରକ୍ଷା କୌଶଳ ତାଲିମ ଶିବିରର ଉଦ୍‌ଯାପନ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ-ମୁନିଗୁଡା ଯୁକ୍ତ ୨ ମହାବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ପରାମର୍ଶ ଶିବିର, ସ୍ଥାନ: ରାମନାଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ଜଙ୍ଗଲ ସୁରକ୍ଷା ନେଇ ବାଇକ ରାଲି, ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ରପୁର ବ୍ଲକ୍‌ର ଡ଼ାଙ୍ଗସୋରଡ଼ାଠାରୁ ହନୁମନ୍ତପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଆବାସ ଯୋଜନା ଶୁଭାରମ୍ଭ, ସ୍ଥାନ: କୋଲନରା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାଲୁଙ୍କେଶ୍ୱର ମନ୍ଦିର ପ୍ରତିଷ୍ଠା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ପିଏଚଡି ବାଲୁଙ୍କେଶ୍ୱର ମନ୍ଦିର, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ବାଳାଶ୍ରମ ଅନ୍ତେବାସୀଙ୍କୁ ସହାୟତା, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ଦହଣା, ସମୟ: ପୂର୍ବାହ୍ନ ୧୦ଟା।
- ମାଣ୍ଡିଆ ମଣ୍ଡି ଶୁଭାରମ୍ଭ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜଙ୍ଗଲରେ ନିଆଁ ନ ଲଗାଇବା ନେଇ ସଚେତନତା ଶିବିର, ସ୍ଥାନ: ଝରିଗାଁ ବନ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜଙ୍ଗଲ ନିଆଁ ନେଇ ସଚେତନ ଶିବିର, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ ବତାସର, ସମୟ: ପୂର୍ବାହ୍ନ ୧୧।
- ବାସହୀନଙ୍କ ପାଇଁ ଆଶ୍ରୟ ସ୍ଥଳୀର ଭୂମିପୂଜନ, ସ୍ଥାନ: ଉମରକୋଟ ବ୍ଲକ ଭାଲୁଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## କୋରାପୁଟ

- ଗଣତନ୍ତ୍ର ଦିବସ ଲାଗି ପରେଡ ଅଭ୍ୟାସ, ସ୍ଥାନ : କୋରାପୁଟ ପୋଲିସ ପଡିଆ, ସମୟ: ସକାଳ ୮ ଟା।
- ସାଧାରଣତନ୍ତ୍ର ଦିବସ ନେଇ ଭଲିବଲ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ:କୋରାପୁଟ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ଜାତୀୟ ସେମିନାର, ସ୍ଥାନ: ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଶିଶୁ କନ୍ୟା ଦିବସ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଚୌଧୁରୀ ସିମେଣ୍ଟ ଇଟା କାରଖାନା, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର

- ସମ୍ବଲପୁର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତ ଭଣ୍ଡାର ପରିସର, ସମୟ : ସକାଳ ୯ଟା।
- ସମ୍ବଲପୁର ପୁସ୍ତକ ମେଳା, ସ୍ଥାନ: ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୨ଟା।
- ସିଏମ୍ କପ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ-୨୦୨୫ର ଫାଇନାଲ ମ୍ୟାଚ, ଫାଟକ ମେହେର ଆସୋସିଏଶନ ବନାମ ଭୁତାପଡା ଅଫତାବ କ୍ଲବ, ସ୍ଥାନ: ରେଲୱେ ମିନି ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା୩୦।
- ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା ଓ ସାଥୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: ଲାଠୋର ଗ୍ରାମ, ଖପ୍ରାଖୋଲ ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା ୩୦।

## ସୁବର୍ଣ୍ଣପୁର

- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ଷଷ୍ଠ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବେଟି ବଚାଓ ବେଟି ପଢାଓ ଅଭିଯାନର ୧୦ବର୍ଷ ପୂର୍ତ୍ତି ଓ ଜାତୀୟ କନ୍ୟା ରତ୍ନ ଦିବସ ଅବସରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ:କଟାପାଲି କଲେଜ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ, ସ୍ଥାନ:ଟାଉନ ହଲ୍, ଖଜୁରଟିକ୍ରା ରୋଡ୍, ବରଗଡ଼, ସମୟ: ଅପରାହ୍ନ ୩ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଟାଲ୍, ପଦ୍ମପୁର, ସମୟ:ସନ୍ଧ୍ୟା ୫ଟା।

## ଝାରସୁଗୁଡ଼ା

- ମାଘ ଦଶମୀ ପୂଜା, ସ୍ଥାନ: ପୁଝରୀପାଲି ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ସାଇବାବା ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା, ସ୍ଥାନ: ଖେରୁଆଲ, ସମୟ: ସକାଳ ୯ଟା।
- ସମଲେଶ୍ୱରୀ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଣୀସତୀ ମନ୍ଦିର, ଝଣ୍ଡାଛକ, ଝାରସୁଗୁଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ରାମଚରିତ ମାନସ ନବାନ୍ନ ପାରାୟଣ ଓ ପୂଜା, ସ୍ଥାନ: ବାନ୍ଧବହାଲ ଦୀନବାନ୍ଧବ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଜାତୀୟ ଶିଶୁ କନ୍ୟା ଦିବସ ଉପଲକ୍ଷେ ବାଇକ ରାଲି ଓ ପଦଯାତ୍ରା,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସୁନ୍ଦରଗଡ଼,ସମୟ: ସକାଳ୯ଟା।
- ଜାତୀୟ ଶିଶୁ କନ୍ୟା ଦିବସ ପାଳନ ସମାରୋହ,ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଜିଲା ତାଲିମ ୟୁନିଟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।

## ରାଉରକେଲା

- ଆର୍‌ଏସ୍‌ପିର ପ୍ରତିଷ୍ଠା ଦିବସ, ସ୍ଥାନ: ଇସ୍ପାତ ଷ୍ଟାଡିୟମ, ସେକ୍ଟର-୬, ସମୟ: ସକାଳ ୭ଟା।
- ସେଲ୍ ଫାଉଣ୍ଡେଶନ ଡେ, ସ୍ଥାନ: ଆର୍‌ଏସ୍‌ପି କାରଖାନା, ସମୟ: ସକାଳ ୯ଟା।
- ବିର୍ସା ମୁଣ୍ଡା ବିଦ୍ୟାପୀଠ ପକ୍ଷରୁ କନ୍ୟା ଦିବସ, ସ୍ଥାନ: ଜଗଦା, ସମୟ: ସକାଳ ୯ଟା ୩୦।
- ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ୨୪ କୁଣ୍ଡୀୟ ଯଜ୍ଞ ପାଇଁ କଳସ ଯାତ୍ରାର୨ୟ ଦିବସ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ଆଇଏସ୍‌ଏସ୍ ଓ ଅଲମ୍ପିଆଡ୍ ପରୀକ୍ଷା, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ରାଉରକେଲା କ୍ରିକେଟ ମ୍ୟାଚ୍, ସ୍ଥାନ: ରାଇଜିଂ ଖେଳ ପଡିଆ, ସେକ୍ଟର-୨୦, ସମୟ: ପୂର୍ବାହ୍ନ ୧୧ଟା।
- ଶିରିଡି ସାଇବାବାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସାଇବାବା ମନ୍ଦିର ପ୍ରାଙ୍ଗଣ, ସେକ୍ଟର-୮, ସମୟ: ସନ୍ଧ୍ୟା ୭ଟା ୩୦।
- ହକି ଇଣ୍ଡିଆ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍, ସମୟ: ରାତି ୮ଟା ୧୫।

## ଦେବଗଡ଼

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ବାରକୋଟ ବ୍ଲକ କଣ୍ଢେଇ ଗ୍ରାମ, ବଡଦାଣ୍ଡ ସାହି, ସମୟ: ସକାଳ ୬ଟା।
- ଜାତୀୟ ଶିଶୁ କନ୍ୟା ଦିବସ-୨୦୨୫ ଉପଲକ୍ଷେ ସଚେତନତା ରଥ ଓ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଦେବଗଡ଼ ସହରରୁ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ-୨୦୨୫, ସ୍ଥାନ: ଡ଼ଅଂରା ସରକାରୀ ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟ, ବାରକୋଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜାତୀୟ ବାଳିକା ଦିବସ-୨୦୨୫, ସ୍ଥାନ: ଟାଉନ ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ୟୁଜେ ରିଆମାଳ ଶାଖା ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: କଲ୍ୟାଣ ମଣ୍ଡପ, ରିଆମାଳ,ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ସରକାରୀ ଏସ୍‌ଏସ୍‌ଡି ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଏସ୍‌ଏସ୍‌ଡି ବିଦ୍ୟାଳୟ, ଡୁମେର ପଦର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବେଟି ବଚାଓ ବେଟି ପଢ଼ାଓ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କର୍ଲାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: କର୍ଲାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ରୀ ତୋଫାଲୀ ନାଏକଙ୍କ ମୃତ୍ୟୁ ଘଟଣାରେ ଏଓଏସ୍‌ସିଏଫ୍ ପକ୍ଷରୁ ଏସ୍‌ପି ଅଫିସ ଘେରାଉ, ସ୍ଥାନ: ଭବାନୀପାଟଣାସ୍ଥିତ ଏସ୍‌ପି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପରେଡ ପ୍ରସ୍ତୁତି, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୭ଟା ୩୦।
- ୧୧ତମ ମର୍ନିଂ କପ୍ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: ଶିବଶକ୍ତି ନଗର ଖେଳ ପଡିଆ ଶୁଆପଡ଼ା, ସମୟ: ସକାଳ ୯ଟା।
- ୧୮ତମ ନ୍ୟୁଇଅର କପ୍ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ଼ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ କଲୋନି ବଙ୍ଗଳାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୬।

## ବୌଦ୍ଧ

- ମା' ବୁଢୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କାଲେଶ୍ୱର ଗ୍ରାମ, ବୌଦ୍ଧ, ସମୟ: ସକାଳ ୬ଟା।
- ଶ୍ରୀ ଜଗନ୍ନାଥ ମନ୍ଦିର ଓ ଶ୍ରୀରାମଚନ୍ଦ୍ରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ନାରାୟଣନଗର, ବୌଦ୍ଧ, ସମୟ: ସକାଳ ୯ଟା।
- ଜାତୀୟ ବାଳିକା ଦିବସ ପାଳନ ଉତ୍ସବ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ର କେନ୍ଦ୍ରରେ ଶନି ଯୋଗୁ କର୍ମତତ୍ପରତା, ବନ୍ଧୁମିଳନ, ଦୂରଯାତ୍ରା, ଅର୍ଥ ସଂଗ୍ରହ କରିବେ। ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ହେବ। ବନ୍ଧୁଙ୍କ ସହାୟତାରେ ନୂତନ ଯୋଜନା ପାଇଁ ମନ ବଳାଇବେ। ରାସ୍ତାକାମ, ଘରତିଆରି କିମ୍ବା ଯାନବାହନ, କଳକବ୍ଜା ସମ୍ବନ୍ଧୀୟ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ**
ସପ୍ତମସ୍ଥ ତୃତୀୟାଧିପ ଯୋଗୁ ଧର୍ମକାର୍ଯ୍ୟ, ସତ୍‌ସଙ୍ଗ ସକାଶେ ପ୍ରେରଣା ପ୍ରଦାନ କରିବେ। ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧହେବେ। ସାମାଜିକ ସ୍ତରରେ ସମ୍ମାନ ମିଳିବା ସହ ଶୁଭକାର୍ଯ୍ୟରେ ଯୋଗଦେବେ। ବ୍ୟବସାୟ ତଥା କଳା, ସାହିତ୍ୟରେ ଉନ୍ନତି କରିବେ ଏବଂ ପ୍ରଶଂସିତ ମଧ୍ୟ ହେବେ।

**ମିଥୁନ**
ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ। ପୂର୍ବ ଯୋଜନା ଅନୁଯାୟୀ କର୍ମରେ ନିଯୁକ୍ତ ହେଲେ କାମ ଅଟକିବ ନାହିଁ। ବିଶେଷ ସମସ୍ୟା ଦେଖା ନ ଦେଲେ ମଧ୍ୟ ପୁରାତନ ରୋଗପୀଡ଼ା ଅନୁଭବ ହେବ। ପରିବାରରେ ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରି ଉଚିତ ପଦକ୍ଷେପ ନିଅନ୍ତୁ।

**କର୍କଟ**
ଅଷ୍ଟମସ୍ଥ ଶୁକ୍ର ଓ ଶନିଙ୍କ ଯୋଗୁ କାର୍ଯ୍ୟବ୍ୟସ୍ତତା ହେତୁ ଘର କାମ ସକାଶେ ବେଶି ସମୟ ଦେଇ ପାରିବେ ନାହିଁ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ତଥା ବନ୍ଧୁଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ସକାଶେ ସ୍ଥାନୀୟ ଲୋକଙ୍କ ସାହାଯ୍ୟ ନେବାକୁ ପଡ଼ିବ।

**ସିଂହ**
ରବିଙ୍କ ୬ଷ୍ଠସଂସ୍ଥାନ ହେତୁ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସାମାଜିକ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ଅର୍ଥସଙ୍କଟ କାରଣରୁ ସାମୟିକ ବ୍ୟସ୍ତତା ଉପଲବ୍ଧି କରିପାରନ୍ତି।

**କନ୍ୟା**
ରାଶିରେ କେତୁ ଥିବାରୁ କୌଣସି ବିଶେଷ କାରଣ ନ ଥାଇ ଅନ୍ୟମାନେ ଦୋଷଦେଇପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ ସମସ୍ୟା ସୃଷ୍ଟିହେବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ବାଣିଜ୍ୟ, ପରିବହନରେ ସନ୍ତୋଷଜନକ ଫଳ ପାଇବେ। କର୍ମକ୍ଷେତ୍ର, ନିର୍ମାଣ, ମଙ୍ଗଳଜନକ କାମରେ ଉତ୍ସାହିତ ହେବେ।

**ତୁଳା**
ବନ୍ଧୁଙ୍କ ସାହାଯ୍ୟ ଲାଭକରି କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ବକ୍ରୀ ମଙ୍ଗଳଙ୍କ ଯୋଗୁ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭରେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ଘରୋଇ କାମ ସକାଶେ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ବିଛା**
ଚତୁର୍ଥ କେନ୍ଦ୍ରସ୍ଥ ଶୁକ୍ରଙ୍କ ହେତୁ ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି। ରାସ୍ତାରେ ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜିଯାଇପାରେ। ସାମାଜିକ ସମ୍ମାନ ସହ କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନକରିବେ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ।

**ଧନୁ**
ଆଜି ସ୍ୱତନ୍ତ୍ର ଭାବରେ ସଭାସମିତିକୁ ନିମନ୍ତ୍ରିତ ହୋଇ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ ସହ ସମ୍ମାନିତ ହେବେ। ଶନିକ୍ଷେତ୍ରସ୍ଥ ରବିଙ୍କ ଯୋଗୁ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧହେବେ। ପରିବାରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ। ବନ୍ଧୁମିଳନ, ସାହିତ୍ୟଚର୍ଚ୍ଚା, ସଭାସମିତି, ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପାଇଁ ଦିନଟି ବହୁତ ଭଲ।

**ମକର**
ଗୁରୁଙ୍କ ସ୍ଥିତି କାରଣରୁ କୌଣସି ବିସ୍ମୟକର ଖବରଜନିତ ବନ୍ଧୁଙ୍କ ଦର୍ଶନ ପାଇଁ ମନ ଛଟପଟ ହେବ। ବିବାଦୀୟ ସ୍ଥିତିରେ ରହିଥିବା କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାରକରିପାରନ୍ତି। ଅର୍ଥସଙ୍କଟକୁ ସୁଧାରିବାକୁ ଯାଇ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କୁମ୍ଭ**
ଚନ୍ଦ୍ରଙ୍କ ପ୍ରତି ଶନିଦୃଷ୍ଟିଜନିତ କର୍ମକ୍ଷେତ୍ରରେ ଅଧିକାଂଶ ସମୟ ଡିପ୍ରେସନ ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ କୌଣସି ଘଟଣା ସମ୍ପର୍କରେ ଜାଣିଥିଲେ ମଧ୍ୟ ନୀରବ ରହିବାକୁ ବାଧ୍ୟହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଆର୍ଥିକ ସ୍ଥିତି ବହୁତ ଭଲ ରହିବ ଓ ସ୍ଥଗିତ କାମ ସହଜରେ ସମ୍ପନ୍ନ ହେବାରେ ଅସୁବିଧା ରହିବ ନାହିଁ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ ପିଲାଙ୍କ କଳହରେ କ୍ରୋଧ ପ୍ରକାଶ କରି କଟୁ କଥା କହିବାକୁ ପଛାଇବେ ନାହିଁ। ବନ୍ଧୁମିଳନ, ଦେବଦର୍ଶନ, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।

ଆଜି ଜାନୁଆରୀ ୨୪ ତାରିଖ, ଜାତୀୟ କନ୍ୟା ସନ୍ତାନ ଦିବସ,ବକ୍ସି ଜଗବନ୍ଧୁଙ୍କ ତିରୋଧାନ ଦିବସ, ମାଘ କୃଷ୍ଣ ଦଶମୀ ଶୁକ୍ରବାର। ରାଶିନକ୍ଷତ୍ର-ଅନୁରାଧା/ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୬।୨୭ ଗତେ, ଘ.୦୭।୧୧ ମଧ୍ୟେ, ଘ.୦୭।୫୫ ଗତେ, ଘ. ୦୯।୧୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୩୫ ମି. ଗତେ, ଘ.୧୧।୫୮ ମଧ୍ୟେ ରାହୁକାଳ।

# ରାଜଧାନୀର ହେବ ନବକଳେବର: ମନ୍ତ୍ରୀ

**ଭୁବନେଶ୍ୱର, ୨୩।୧(ସୁନିତ୍ ମିଶ୍ର)**

ରାଜଧାନୀ ଭୁବନେଶ୍ୱରକୁ ସମ୍ପ୍ରସାରିତ କରାଯିବ। ରାଜଧାନୀର ନବକଳେବର ହେବ। ନୂଆ ମଡେଲରେ ନୂଆ ସହର ତିଆରି ହେବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ ନୂଆ ସହର ପାଇଁ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି। ସହର ବଢ଼ିବା ଦ୍ୱାରା ଟ୍ରାଫିକ୍ ସମସ୍ୟା ମଧ୍ୟ ଦୂର ହେବ। ସେହିପରି କମ୍ ଦାମରେ ଘର ମଧ୍ୟ ମିଳିପାରିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଜାନୁଆରୀ ୧୭ରେ ସିଙ୍ଗାପୁର ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସିଥିଲେ। ସିଙ୍ଗାପୁରର ବୈଷୟିକ ସହାୟତାରେ ଓଡ଼ିଶାରେ ନୂଆ ସହର ଗଢ଼ି ଉଠିବ। ଏଥିପାଇଁ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ରାଜ୍ୟ ସରକାର ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ସେହିପରି ଭୁବନେଶ୍ୱର-ପୁରୀ-କଟକକୁ ନେଇ ହେବାକୁ ଥିବା ଟ୍ରାଇ ସିଟିକୁ ନେଇ ମଧ୍ୟ ପ୍ରତିକ୍ରିୟା ରଖି ମନ୍ତ୍ରୀ କହିଛନ୍ତି, ପୁରୀ ହେଉଛି ଆମ ସମସ୍ତଙ୍କ ପରିଚୟ। ପୁରୀକୁ ଏକ ଅନ୍ତର୍ଜାତୀୟ ସହର କରିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି। ରିଙ୍ଗ ରୋଡ୍ ସହ ସମସ୍ତ ରାସ୍ତାର ପ୍ରଶସ୍ତୀକରଣ କରାଯିବା ଯୋଜନା ରହିଛି। ଖୁବ୍‌ଶୀଘ୍ର ମେଟ୍ରୋ କାମ ଆରମ୍ଭ ହେବ। ଏ ଦିଗରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବେ। ଏହାପରେ କାମ ଆରମ୍ଭ ହେବ।

# ହାଇୱା ଚକା ତଳେ ଚାପି ହୋଇ ଜଣେ ମୃତ, ୨ ଗୁରୁତର

**ପାଣିକୋଇଲି/କୋରେଇ,୨୩।୧ (ବିକାଶ ମଲ୍ଲିକ/ଚନ୍ଦ୍ରକାନ୍ତ ପତି)**

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର-ଯାଜପୁର ରାସ୍ତାର ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିକଟରେ ଗୁରୁବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ହାଇୱା ଚକା ତଳେ ୩ ବାଇକ୍ ଆରୋହୀ ପଶିଯିବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁହୋଇଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଶୀତଳେଶ୍ୱରର ପ୍ରମୋଦ କୁମାର ବେହେରା। ଗୁରୁତର ହେଲେ ବିଞ୍ଝାରପୁର ଥାନା ପ୍ରୀତିପୁରର ଗଦାଧର ବେହେରା ଓ ମଇଦାଁ ବରୁଣେଶ୍ୱର ଲେଙ୍କା ସାହିର ତ୍ରିଲୋଚନ ବେହେରା। ମୃତକଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମେଡିକାଲ ପଠାଯାଇଥିବାବେଳେ ଗୁରୁତର ଦ୍ୱୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଲାଇଟ ଓ ହମ୍ପ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ଯାଜପୁର ତହସିଲଦାର ଅରବିନ୍ଦ ବେହେରା ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଲୋକଙ୍କ ଦାବି ଅନୁଯାୟୀ ସେଠାରେ ଏକ ଲାଇଟ ପୋଷ୍ଟ, ଉଭୟ ପଟରୁ ହମ୍ପ ନିର୍ମାଣ କରିବାର ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

ସୂଚନା ମୁତାବକ, ଯାଜପୁର ଟାଉନ ପଟୁ ଏକ ହାଇୱା ଷଠିପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିଲା। ଏହି ସମୟରେ ଏକ ବାଇକ୍‌ରେ ସମ୍ପୃକ୍ତ ୩ ଜଣ ଷଠିପୁରରୁ ଯାଜପୁର ଯାଉଥିବାବେଳେ ରଙ୍ଗ୍‌ରୁଟରେ ଭାରସାମ୍ୟ ହରାଇ ଡିଭାଇଡରେ ପିଟିହୋଇ ହାଇୱା ଚକା ତଳେ ପଡ଼ିଯାଇଥିଲେ। ପୋଲିସ ହାଇୱା ଓ ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

# ୧୦ ବର୍ଷରେ ସଡ଼କ ଦୁର୍ଘଟଣାରେ ଯାଇଛି ୪୭ ହଜାର ଜୀବନ

**ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)**

ପ୍ରତିବର୍ଷ ଓଡ଼ିଶାରେ ପାଖାପାଖି ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନି ଘଟୁଛି। ଗତ ୧୦ ବର୍ଷରେ ୪୭ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଛି। ଦ୍ରୁତ ଗତିରେ ଗାଡ଼ି ଚଳାଇବା, ଭୁଲ୍ ରାସ୍ତାରେ ଓ ଟ୍ରାଫିକ୍ ନିୟମ ନ ମାନି ଗାଡ଼ି ଚଳାଇବା, ମାଦକ ଦ୍ରବ୍ୟ ସେବନ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ବୋଲି ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନର ଶେଷ ଦିବସରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ର ଏବଂ ଭୁବନେଶ୍ୱର କମିଶନରେଟ୍ ପୋଲିସର ମିଳିତ ସହଯୋଗରେ ସଚେତନତା ଶୋଭାଯାତ୍ରା ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅତିଥି ଭାବେ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ରାଉତ, ସବ୍ ଇନ୍ସପେକ୍ଟର ସୌରଭ ଭୋଇ, ସବ୍ ଇନ୍ସପେକ୍ଟର କାହ୍ନୁଚରଣ ମଲ୍ଲିକ ଏବଂ ମାଇଁ ଭାରତର ଯୁବ ଅଧିକାରୀ ବିପିନ୍ କୁମାର ପ୍ରମୁଖ ଯୋଗଦେଇଥିଲେ। ଗତ ୧୯ ତାରିଖରୁ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ପ୍ରମୁଖ ସ୍ଥାନରେ ଆରମ୍ଭ ହୋଇଥିଲା।

## ସ୍ତ୍ରୀଙ୍କୁ କାଟି ପ୍ରେସର କୁକର୍‌ରେ...

**ପ୍ରଥମ ପୃଷ୍ଠାରୁ...**

ତାଙ୍କ ସ୍ୱୀକାରୋକ୍ତି ଉପରେ ପୋଲିସ ତଦନ୍ତ ଚଳାଇଛି। ଏହି ଦମ୍ପତିଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ତେବେ ସେମାନଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ଲାଗିରହୁଥିଲା। ତେବେ କ'ଣ ପାଇଁ ଗୁରୁ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କଲେ, ତାହା ଜଣାପଡ଼ି ନାହିଁ। ପୋଲିସ ବହୁ ଖୋଜାଖୋଜି କରି ମଧ୍ୟ ମୃତଦେହର ଅଂଶବିଶେଷକୁ ଠାବ କରିପାରି ନାହିଁ। ତେଣୁ ମହିଳା ମୃତ କି ନିଖୋଜ, ସେ ନେଇ ପୋଲିସ ଅଧିକ ତଥ୍ୟ ପ୍ରମାଣ ସଂଗ୍ରହ କରିବାକୁ ଉଦ୍ୟମ ଚଳାଇଥିବା ଜଣେ ଅଧିକାରୀ କହିଛନ୍ତି।

# ଚାଉଳ ଭାଗବଣ୍ଟାରୁ ମା'ଙ୍କୁ ହତ୍ୟା

## ହତ୍ୟା ପରେ ନିଜ ବେକ କାଟି ଆତ୍ମହତ୍ୟା ଉଦ୍ୟମ କଲେ ପୁଅ

ବାରିପଦା,୨୩।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଶନ ଚାଉଳ ଭାଗବଣ୍ଟାକୁ ନେଇ ନୃଶଂସ ପୁଅ ଏକ ଦାଆରେ ମା' ବେକକୁ କାଟି ହତ୍ୟା କରିବା ପରେ ନିଜ ବେକ କାଟି ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଶରତଚନ୍ଦ୍ରପୁର ୱାର୍ଡ ନଂ. ୭ରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଏହି ଘଟଣା ଘଟିଛି। ପରିବାର ଲୋକେ ଅଭିଯୁକ୍ତ ପୁଅ ରୋହିଦାସ ସିଂଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଛନ୍ତି।

ସୂଚନା ଅନୁଯାୟୀ, ରୋହିଦାସଙ୍କ ମା' ରଇବାରୀ ସିଂ(୬୫)ପାଇଥିବା ଚାଉଳକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରୋହିଦାସ ଏକ ଦାଆରେ ତାଙ୍କ ମା'ଙ୍କ ବେକକୁ କାଟିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତା ରଇବାରୀଙ୍କ ସାନପୁଅ ଲକ୍ଷ୍ମୀକାନ୍ତ ମଧ୍ୟାହ୍ନ ୧୨ଟାରେ କାମରୁ ଫେରି ପ୍ରଧାନମନ୍ତ୍ରୀ ଆବାସ ଘରେ ରହୁଥିବା ମା'ଙ୍କୁ ଦେଖିବାକୁ ଯାଇଥିଲେ। ସେଠାରେ ମୃତଦେହ ପଡ଼ିଥିବା ଦେଖି ବଡ଼ଭାଇ ରୋହିଦାସଙ୍କୁ ପଚରାଉଚୁରା କରିଥିଲେ। ଚାଉଳ ଭାଗବଣ୍ଟାକୁ ନେଇ ମା'ଙ୍କୁ ହତ୍ୟା କରିଥିବା ରୋହିଦାସ ସ୍ୱୀକାର କରିବା ସହ ସେହି ଦାଆରେ ନିଜ ବେକକୁ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ଲକ୍ଷ୍ମୀକାନ୍ତ ଏତଲାରେ ଦର୍ଶାଇଛନ୍ତି। ଖବରପାଇ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୯/୨୫) ରୁଜୁ ହୋଇଛି।



ଆତ୍ମହତ୍ୟା ଉଦ୍ୟମ କରିଥିବା ରୋହିଦାସ ସିଂ।

# ଅଧ୍ୟକ୍ଷ, ଅଧ୍ୟାପକ ନିଲମ୍ବିତ

## କ୍ଲାସ୍‌ରୁମ୍‌ରେ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଘଟଣା

ଯାଜପୁର,୨୩।୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜର ଜଣେ ଛାତ୍ରୀଙ୍କୁ କ୍ଲାସ୍‌ରୁମ୍‌ରେ ବଳାତ୍କାର ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ନେଇ ଛାତ୍ର ଅଶାନ୍ତି ସୃଷ୍ଟି ହୋଇଥିଲା । ପରିସ୍ଥିତି ଅଣାୟତ୍ତ ହେବା ପରେ କଲେଜ ଅଧ୍ୟକ୍ଷ ସୁଧୀର କୁମାର ରାଉତ ଏବଂ ଅର୍ଥଶାସ୍ତ୍ର ଅଧ୍ୟାପକ ବିଦ୍ୟାଧର ଧଳଙ୍କୁ ନିଲମ୍ବନ କରାଯାଇଛି। ଏନେଇ ଯାଜପୁର ଉପଜିଲାପାଳ ଅଂଶୁମାନ ଶତପଥୀ ଗୁରୁବାର ନିର୍ଦ୍ଦେଶ ଜାରି କରିଛନ୍ତି। କଲେଜ ଅଧ୍ୟକ୍ଷ ରାଉତ ଏବଂ ଅଧ୍ୟାପକ ଧଳଙ୍କ ବିରୋଧରେ ସରକାରୀ କାର୍ଯ୍ୟରେ ଅବହେଳା ଏବଂ ବରୀ ଆଇଆଇସିଙ୍କ ରିପୋର୍ଟ ଆଧାରରେ ସେମାନେ ବିନା ଅନୁମତିରେ ଫେରାର ଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ନିର୍ଦ୍ଦେଶ ପତ୍ରରେ ଦର୍ଶାଯାଇଛି। ନିଲମ୍ବନ ସମୟରେ ଉଭୟଙ୍କ ମୁଖ୍ୟ କାର୍ଯ୍ୟାଳୟ ବରୀ ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ଡିଗ୍ରୀ କଲେଜରେ ଉପସ୍ଥାନ ରହିବ ଏବଂ ସେମାନେ ବିନା ଅନୁମତିରେ ମୁଖ୍ୟ କାର୍ଯ୍ୟାଳୟ ଛାଡି ବାହାରକୁ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ହୋଇଛି।

ଅନ୍ୟପକ୍ଷେ କଲେଜ ପରିସରରେ ପୀଡ଼ିତା ଏବଂ ମା'ଙ୍କ ଆମରଣ ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି । ଗୁରୁବାର ଯାଜପୁର ଏସ୍‌ପି ଯାସ୍ ପ୍ରତାପ ଶ୍ରୀମଳ ଏବଂ ଏମ୍‌ପି ରବିନାରାୟଣ ବେହେରା ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରିଛନ୍ତି। ତେବେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆମରଣ ଜାରି ରହିଛି। ସୂଚନାଯୋଗ୍ୟ, ଗତ ୬ ତାରିଖରେ ଛାତ୍ରୀଙ୍କୁ କ୍ଲାସ୍‌ରୁମରେ ଅଧ୍ୟାପକ ଧଳ ବଳାତ୍କାର ଉଦ୍ୟମ କରିଥିଲେ । ଏନେଇ ୧୫ ତାରିଖରେ ବରୀ ଥାନାରେ ପୀଡ଼ିତା ଛାତ୍ରୀ ଲିଖିତ ଅଭିଯୋଗ କରିଥିଲେ। ତେବେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯିବାରୁ ଗତ ୨୦ ତାରିଖରେ ପୀଡ଼ିତା କଲେଜ ପରିସରରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଅଭିଯୋଗ ଭିତ୍ତିରେ ବରୀ ଥାନାରେ ଏକ ମାମଲା (ନଂ.୧୬/୨୦୨୫) ରୁଜୁ ହୋଇଛି।

# ଜଙ୍ଗଲରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

କାଲିମେଲା,୨୩।୧(ଜୀବନକୃଷ୍ଣ ଦାସ )

ମାଲକାନଗିରି ଜିଲା କାଲିମେଲା ଥାନା ଗମ୍ପାକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ଡୁମୁକିମାଡକା ଗାଁ ପାହାଡ଼ ନିକଟ ଜଙ୍ଗଲରୁ ଗୁରୁବାର ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଏ ନେଇ କାଲିମେଲା ଥାନାରେ ନଂ. ୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜଙ୍ଗଲର ଏକ ଗଛରେ ଝିଅ ପୁଅଙ୍କ ମୃତଦେହ ଝୁଲୁଥିବା ବେଳେ ଘଟଣାଟି ୩ ରୁ ୪ ଦିନ ହୋଇଥିବା ଅନୁମାନ କରାଯାଉଛି । ମୃତ ଯୁବତୀଯୁବକଙ୍କ ଘର ଗମ୍ପାକୋଣ୍ଡା ପଞ୍ଚାୟତ ଅଞ୍ଚଳରେ ହୋଇଥିବା ବେଳେ ଯୁବକ ଜଣକ ହେଲେ ପଦିଆ ପଡିଆମି (୨୦)। ଏନେଇ ଯୁବତୀଙ୍କ ବାପା କାଲିମେଲା ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଥିଲେ। କାଲିମେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବାସହ ଅଧିକ ତଦନ୍ତ ପାଇଁ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଡାକି ଖେଳତାଡ କରୁଥିବା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ମୃତ ଯୁବତୀଯୁବକ ଗୋଟିଏ ଗ୍ରାମର ହୋଇଥିବା ବେଳେ ସେମାନେ ଗତ ଶନିବାର ମକରମେଳା

## ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଦେଖିବାକୁ ଭେଜାଙ୍ଗିୱାର୍ଡା ଗ୍ରାମକୁ ଯାଇଥିଲେ । ସେମାନେ ରାତିରେ ଘରକୁ ଫେରି ନ ଥିଲେ, ନିଖୋଜ ଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ସେମାନଙ୍କର କୌଣସି ସନ୍ଧାନ ମିଳି ନ ଥିଲା । ବୁଧବାର ଅପରାହ୍ନ ପ୍ରାୟ ୨ ଟାରେ ଉଭୟେ ଜଙ୍ଗଲରେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଖବର ପାଇ ଜଙ୍ଗଲକୁ ଯାଇଥିଲେ। ମୃତଦେହ ୩ ରୁ ୪ ଦିନ ହୋଇଥିବା ବେଳେ ତାହା ଗଳିତ ହୋଇଯାଇଥିବା ଦେଖିବାକୁ ମିଳିଛି । ପ୍ରେମ ସମ୍ପର୍କକୁ ନେଇ ଏଭଳି ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି ।

# ୭ ଲକ୍ଷ ଟଙ୍କାର ଗଞ୍ଜେଇ ସହ ୨ କାର୍ ଜବତ, ୪ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ୪ ଅଭିଯୁକ୍ତ।

ଖୋର୍ଦ୍ଧା/ବାଲୁଗାଁ,୨୩।୧(ପ୍ରଭାତ ପାଣିଗ୍ରାହୀ/ସଂଗ୍ରାମ ପାଇକରାୟ)

ବାଲୁଗାଁ ଅବକାରୀ ବିଭାଗ ଏବଂ ଖୋର୍ଦ୍ଧା ମୋବାଇଲ ସ୍କ୍ୱାଡ୍ ଟିମ୍ ଗୁରୁବାର ଚଢ଼ାଉ କରି ଦୁଇଟି କାର୍‌ରେ ଚୋରାଚାଲାଣ ହେଉଥିବା ୭ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳ ଅଞ୍ଚଳର ସୁଶାନ୍ତ ବିନ୍ଧାଣି(୪୦), ରଞ୍ଜିତ୍ ଭୋଇ(୨୪), ସଚ୍ଚିଦାନନ୍ଦ ନାଗ(୩୦) ଏବଂ ଆଶୁତୋଷ ମହାକୁଡ଼ (୨୦)।

ସୂଚନା ମୁତାବକ, କନ୍ଧମାଳ ଅଞ୍ଚଳରୁ ଭୁବନେଶ୍ୱର ଅଭିମୁଖେ ଏକ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଗୁରୁବାର ସକାଳେ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଖୋର୍ଦ୍ଧା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ରେଞ୍ଜ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ୍ କୁମାର ମୁଦୁଲି ସଦଳବେଳେ ରାଜପଥରେ ଛକି ରହିଥିଲେ। ମଧ୍ୟାହ୍ନ ୧୨ଟା ୩୦ରେ ନାଚୁଣୀ ଓଭରବ୍ରିଜ୍‌ଠାରେ ଅବକାରୀ ଟିମ୍‌କୁ ଦେଖି କାର୍ (ଓଡି ୦୨ ବି ଏଫ୍ ୩୬୮୬) ଡ୍ରାଇଭର ଏବଂ ବସିଥିବା ଅନ୍ୟ ଜଣେ ଯୁବକ ଗାଡ଼ି ରଖି ଦୌଡ଼ିଥିଲେ। ଅବକାରୀ ଟିମ୍

## କନ୍ଧମାଳରୁ ଭୁବନେଶ୍ୱରକୁ ହେଉଥିଲା ଚାଲାଣ


ଗୋଡ଼ାଇ ସେମାନଙ୍କୁ କାବୁ କରିଥିଲା। କାର୍ ସିଟ୍ ତଳୁ ୪୫କେଜି ଓଜନର ଦୁଇଟି ବସ୍ତା ଗଞ୍ଜେଇ ବାହାରିଥିଲା। ସମ୍ପୃକ୍ତ ଡ୍ରାଇଭରଙ୍କୁ ପଚରାଉଚରା କରାଯିବାରୁ ଆଉ ଏକ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା। ଅବକାରୀ ମୋବାଇଲ ସ୍କ୍ୱାଡ୍ ଖୋର୍ଦ୍ଧା ମେଡିକାଲ ଛକ ନିକଟରେ ଅନ୍ୟ ଏକ କାର୍ (ଓଡି ୦୨ସିବି ୦୨୬୬)କୁ ଅଟକାଇ ୨୩କେଜି ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଥିଲେ। ମୋଟ୍ ଦୁଇଟି କାରରୁ ୬୮କେଜି ଗଞ୍ଜେଇ ଏବଂ ୫ଟି ମୋବାଇଲ ଫୋନ ଜବତ କରାଯାଇଛି । ଏନେଇ ଦୁଇଟି ମାମଲା ପରେ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ମୋବାଇଲ ସ୍କ୍ୱାଡ୍ ଉପନିରୀକ୍ଷକ ସୁଜିତ ନାଗ, ଜିତେନ୍ଦ୍ର ହେମ୍ବ୍ରମ, ବାଲୁଗାଁ ଅବକାରୀ ବିଭାଗ ଏଏସ୍‌ଆଇ ସଞ୍ଜୟ ସୁବୁଦ୍ଧି, ଆଶିଷ ପ୍ରଧାନ, ତୁଷାରକାନ୍ତ ଚମ୍ପତି, ଚିନ୍ମୟୀ ଦାସ ଏବଂ କାଳୁ ପ୍ରଧାନ ସାମିଲ ଥିଲେ।

# ଡକାୟତି ଯୋଜନା ବେଳେ ଚଢ଼ାଉ

## ପୋଲିସ ଉପରକୁ ଗୁଳି ଚାଳନା ଚର୍ଚ୍ଚା

ତାଳଚେର,୨୩।୧(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଥାନା ଅଙ୍ଗାରୁଆ ହାଟ ପାଖରେ ବୁଧବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ବସି ଏକ ବଡ଼ଧରଣର ଡକାୟତି ଯୋଜନା କରୁଥିବା ବେଳେ ତାଳଚେର ପୋଲିସର ଏକ ଟିମ୍ ଚଢ଼ାଉ କରିଥିଲା। ଏହି ସମୟରେ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇ ଦୁର୍ବୃତ୍ତମାନେ ଫେରାର ହେବାକୁ ଚେଷ୍ଟା କରିଥିବା ସହରରେ ଆଲୋଚନା ହେଉଛି। କେତେଜଣ ପ୍ରତ୍ୟକ୍ଷଦର୍ଶୀ ଏ ନେଇ ଗଣମାଧ୍ୟମକୁ ସୂଚନା ଦେଇଥିବା ବେଳେ ତାଳଚେର ପୋଲିସ ଘଟଣାକୁ ନେଇ ମୁହଁ ଖୋଲୁନାହିଁ। ତେବେ ଘଟଣାସ୍ଥଳରେ ମାଳ ମାଳ ପୋଲିସ କର୍ମଚାରୀ ପହଞ୍ଚିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପୋଲିସ ଘଟଣାସ୍ଥଳରୁ ଏକ ବାଇକ୍ (ନଂ. ଓଡି୧୯ଟି-୩୭୫୯), ହେଲମେଟ ଓ କିଛି ଜୋତା ଜବତ କରିଛି। ତାଳଚେର ଥାନା ଆଇଆଇସି ଦିଗବିଜୟ ବିଶ୍ୱାଳ ଫୋନ କଲ୍ ଉଠାଉ ନ ଥିବାବେଳେ ଏସ୍‌ଡିପିଓ ମାନସ ବାରିକ କହିଛନ୍ତି, ଘଟଣା ସମ୍ପର୍କରେ କୌଣସି ତଥ୍ୟ ତାଙ୍କ ନିକଟରେ ନାହିଁ।



ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


### ତେଲି ଗୁଡ଼ିଆ
### ବାର ମାସରେ ତେର କୁଡ଼ିଆ।

ସାଧାରଣତଃ ତେଲି ଏବଂ ଗୁଡ଼ିଆ ଜାତି ବ୍ୟକ୍ତିମାନଙ୍କର କୌଳିକ ବୃତ୍ତି ବର୍ଷସାରା ଜମି ରହିଥାଏ। ବିଭିନ୍ନ ପର୍ବପର୍ବାଣିରେ ଏମାନେ ନିଜ ନିଜର ବେପାର କରି ଭଲ ଦି'ପଇସା ରୋଜଗାର କରୁଥିବାବେଳେ ବିଭିନ୍ନ ଅଞ୍ଚଳ ବା ସ୍ଥାନମାନଙ୍କରେ ପଡୁଥିବା ଯାନିଯାତରରେ ମଧ୍ୟ ଭାଗ ନେବା ଲାଗି ତତ୍ପରତା ଦେଖାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

### ତୋଡ଼ି ପେଟିଆ ସବୁ ଖାଏ,
### ଥନ୍ତଲ ପେଟିଆ ନାଁରେ ଯାଏ।

ଥନ୍ତଲ ପେଟିଆ ଆକାରରେ ବଡ଼ ପେଟ ଧାରଣ କରିବା ହେତୁ ବହୁ ଭୋଜନ କରିବା ସ୍ୱାଭାବିକ। ମାତ୍ର ସରୁ ପେଟିଆ ଯେ ଲୁଚେଇ ଚୋରେଇ ସବୁ ଭକ୍ଷଣ କରେ, ଏହାର ସତ୍ୟତାକୁ କେହି ସ୍ୱୀକାର କରନ୍ତି ନାହିଁ। ପରୋକ୍ଷରେ ଅନ୍ତଃକପଟିଆ ବେଶି ମାରି ଖାଏ, କିନ୍ତୁ ଯେ ମାରି ଖାଇବାର ନାଁ ବହିଛି ତାକୁ ସାଧାରଣ ଲୋକ ବେଶି ଆତ୍ମସାତ୍ କରିବା ଲୋକ କହି ଗାଇ ବୁଲନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।


# ଜେଇ, ଭାରପ୍ରାପ୍ତ ଏଇଇଙ୍କ ବିରୋଧରେ ବିଡିଓଙ୍କ ଏତଲା

## ବିନା କାମରେ ବିଲ୍ ଅଭିଯୋଗ

ଛେଣ୍ଡିପଦା,୨୩।୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରି ପଞ୍ଚାୟତରେ ରାସ୍ତା କାମ କରା ନ ଯାଇ ବିଲ୍ କରାଯାଇଥିବା ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯିବା ସହ ବୁଧବାର ସନ୍ଧ୍ୟାରେ ଛେଣ୍ଡିପଦା ଥାନାରେ ଏତଲା ଦିଆଯାଇଛି। କନିଷ୍ଠ ଯନ୍ତ୍ରୀ (ଜେଇ) କ୍ଷମାସାଗର ସିଂହ ଓ ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ରଞ୍ଜନ କୁମାର ସେଠୀ ସରକାରୀ ଅର୍ଥ ଆତ୍ମସାତ କରିଥିବା ଛେଣ୍ଡିପଦା ବିଡିଓ ତ୍ରିବିକ୍ରମ କୁମୁରା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି।

ପ୍ରକାଶ ଯେ, ଟାଙ୍ଗିରି ପଞ୍ଚାୟତର ବାରମଞ୍ଚା ଗାଁରେ ପଞ୍ଚଦଶ ରାଜ୍ୟ ଅର୍ଥ କମିଶନ ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ ରାସ୍ତା ନିର୍ମାଣ ପାଇଁ ଅର୍ଥ ଆସିଥିଲା। ଏହି କାର୍ଯ୍ୟାଦେଶ ବ୍ଲକର କନିଷ୍ଠ ଯନ୍ତ୍ରୀ କ୍ଷମାସାଗରଙ୍କ ନାମରେ ଦିଆଯାଇଥିଲା। କିନ୍ତୁ ରାସ୍ତା କାମ କରା ନ ଯାଇ ଚଞ୍ଚକତା କରାଯାଇ ୧୦ ଲକ୍ଷ ଟଙ୍କାର ବିଲ୍ ହୋଇଥିବା ପଞ୍ଚାୟତର ଜନ ପ୍ରତିନିଧି ମହେଶ୍ୱର ମାଝୀ ଓ ଗ୍ରାମର କେତେଜଣ ବ୍ୟକ୍ତି ଗତ ୨୦ ତାରିଖରେ ଜିଲାପାଳ ଓ ପିଡିଙ୍କୁ ଅଭିଯୋଗ କରିଥିଲେ। ଏପରିକି ଅଭିଯୋଗ ଆସିବା ପରେ ରାତିଅଧିଆ ରାସ୍ତା କାମ ଆରମ୍ଭ କରାଯାଇଥିବା ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ପାଇବା ପରେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂହ, ଛେଣ୍ଡିପଦା ବିଡିଓ ତ୍ରିବିକ୍ରମ କୁମୁରା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଏହାପରେ ୨୨ ତାରିଖ ସନ୍ଧ୍ୟାରେ ବିଡିଓ କୁମୁରା ଛେଣ୍ଡିପଦା ଥାନାରେ ଏତଲା ଦେଇଥିଲେ। ଏତଲାରେ ବିଡିଓ ଦର୍ଶାଇଛନ୍ତି, ଜେଇ କ୍ଷମାସାଗର ଡିସେମ୍ବର ୧୬ରେ ଏମ୍‌ବି ନଂ. ୪୭/୨୩-୨୪ରେ ବିଲ୍ ଓ ଭାଉଚର ଦାଖଲ କରିଥିଲେ। ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାରଙ୍କ ଦ୍ୱାରା ଯାଞ୍ଚ ଏବଂ ମାପ କରାଯିବା ପରେ ସରକାରୀ ଟାକ୍ସକୁ ବାଦ ଦେଇ ୮, ୯୩, ୭୪୯ ଟଙ୍କା ବିଲ୍ ବାବଦ ପ୍ରଦାନ କରାଯାଇଛି। ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବାରୁ ସମ୍ପୃକ୍ତ ଅଧିକାରୀ ଦ୍ୱୟଙ୍କ ନାମରେ ଏତଲା ଦିଆଯାଇଥିବା ବିଡିଓ ଉଲ୍ଲେଖ କରିଛନ୍ତି। ବିଡିଓଙ୍କ ଅଭିଯୋଗ ଆଧାରରେ ଛେଣ୍ଡିପଦା ଥାନାରେ ନଂ. ୪୧/୨୪ରେ ମାମଲା ରୁଜୁ କରାଯାଇଛି।



PANCHAYAT SAMITI OFFICE, CHHENDIPADA

No. 212 Date 22.01.2025

To

The IIC, Chhendipada Police Station,

Chhendipada

Sub: Lodging of FIR against Sri Khyamasagar Singh, JE and Sri Ranjan Kumar Sethy, I/C AEE of Chhendipada Block for mis-appropriation of Govt. fund amounting to Rs. 10,00,000/- (Rupees Ten lakhs only)

Sir,

With reference to the subject cited above, I am to inform you that a project namely " Improvement of road from Biju Majhi house to Aunli, Baramancha" with estimated cost of Rs.10,00,000/- (Rupees Ten lakhs only) in village Baramancha under Tangiri GP has approved for the year 2024-25 in all weather connectivity under 15th SFC,GIA Scheme. For execution of said project work order was issued in the name of Sri Khyamasagar Singh, JE on 16.12.2024 . On dtd. 07.01.2025 JE has submitted the bills and vouchers along with Meaasurement Book No. 47/2023-234, which has been checked & measured by I/C AEE Sri Ranjan Kumar Sethy for payment of final bill to the Section Officer Sri Biranchi Narayan Mohapatra for scruitinising of bills and vouchers.. After that the same record was sent to the Block Finance Officer, Chhendipada namely Chinmayee Behera for re-scrurtinisation of bills & voucherrs. Then it was put up before the undersigned for approval of final payment in favour of the exeutant amounting to Rs. 8,93,749/- after deduction of Govt. dues. Accordingly payment has been made by the undersigned.

On dtd. 20.01.2025 I received a complaint petition from the CDO- cum-EO, ZP, Angul regarding misappropriation of Govt. fund amounting to Rs.10,00,000/- by making false bill by the JE without executing the work. Thereafter I have visited the work site along with the CDO-cum-EO,ZP, Angul for field enquiry on 21.01.2025 and found that the said project was under progress . There was no transparency board pertaining to that work. The villagers of Baramancha stated that the project work has been started just two days before. They also stated that the work was executed in absence of JE.




ୟୁରୋପୀୟ ସମାଜର ସୁନ୍ଦର ବାହ୍ୟ ସଭ୍ୟତା ତଳେ, ଏକ ଗଭୀର ନୈତିକ ରୋଗ ତା'ର ପ୍ରାଣକୁ ଗ୍ରାସ କରୁଛି – ଯାହାର ସହସ୍ର ସହସ୍ର ଲକ୍ଷଣ ଆମ ଆଖିରେ ପଡୁଛି। ଭାରତ ଯଦି ତା'ର ରାଜନୈତିକ ଆଦର୍ଶ, ସାମାଜିକ ପ୍ରଣାଳୀ ଓ ଆର୍ଥିକ ନିୟମକୁ ଗ୍ରହଣ କରେ– ତେବେ ସେ ମଧ୍ୟ ସେ ସବୁ ରୋଗ ଦ୍ୱାରା ଆକ୍ରାନ୍ତ ହେବ।–**ଶ୍ରୀଅରବିନ୍ଦ**



# ଦିଶାହୀନ ବିକାଶ ଲକ୍ଷ୍ୟ





ଗର୍ଡନ ବ୍ରାଉନ
ପୂର୍ବତନ ପ୍ରଧାନମନ୍ତ୍ରୀ, ବ୍ରିଟେନ

କେଭିନ୍ ୱାଟ୍‌କିନ୍ସ
ପୂର୍ବତନ ସିଇଓ, ସେଭ୍ ଦି ଚିଲ୍‌ଡ୍ରେନ୍, ବ୍ରିଟେନ

୨୦୧୫ରେ ବିଭିନ୍ନ ଦେଶର ସରକାର ମିଳିତ ଜାତିସଂଘର ସଷ୍ଟେନେବଲ ଡେଭେଲପମେଣ୍ଟ ଗୋଲ୍ସ(ଏସ୍‌ଡିଜିଏସ୍) ବା ନିରନ୍ତର ବିକାଶ ଲକ୍ଷ୍ୟଗୁଡ଼ିକୁ ଗ୍ରହଣ କରିଥିଲେ। ୨୦୩୦ ସୁଦ୍ଧା ଏହି ଲକ୍ଷ୍ୟ ସବୁ ହାସଲ କରିବାକୁ ସ୍ଥିର କରାଯାଇଥିଲା। ସେତେବେଳେ ସେମାନେ କ୍ଷୁଧା ଏବଂ ଦାରିଦ୍ର୍ୟ ଦୂରକରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। କିନ୍ତୁ ଏବେ ଦେଶଗୁଡ଼ିକ ଏହି ଲକ୍ଷ୍ୟର ବାସ୍ତବତାଠାରୁ ଦୂରେଇଯାଉଛନ୍ତି। ୨୦୨୦ ଦଶକ ଏକ ବିକାଶବିହୀନ ଦଶନ୍ଧି ହେବାକୁ ଯାଉଛି ଏବଂ ବିଶ୍ୱର ସବୁଠାରୁ ଅସୁରକ୍ଷିତ ପିଲାମାନେ ଏଥିରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

୨୦୩୦ରେ, ପାଖାପାଖି ୬୨୦ ନିୟୁତ ଲୋକ ଅତ୍ୟଧିକ ଦାରିଦ୍ର୍ୟରେ ରହିବେ ବୋଲି ଆକଳନ କରାଯାଇଛି (ସେତେବେଳେ ସେମାନଙ୍କ ଦୈନିକ ଆୟ ୨.୧୫ ଡଲାରରୁ କମ୍ ରହିବ ବୋଲି ବିଶ୍ୱବ୍ୟାଙ୍କ ନିର୍ଦ୍ଧାରଣ କରିଛି)। ଏବେ ଯେଉଁ ହାରରେ କ୍ଷୁଧା ଦୂରୀକରଣ ଚାଲିଛି, ୨୦୩୦ ସୁଦ୍ଧା ୫୮୨ ମିଲିୟନ ଲୋକ ପୁଷ୍ଟିହୀନତାର ଶିକାର ହେବା ସମ୍ଭାବନା ରହିଛି। ଉଲ୍ଲେଖନୀୟ, ୧ ଦଶନ୍ଧି ପୂର୍ବରୁ ଯେତେବେଳେ ଏସ୍‌ଡିଜିଏସ୍‌କୁ ଗ୍ରହଣ କରାଯାଇଥିଲା ସେତେବେଳେ ଏହି ସଂଖ୍ୟକ ଲୋକ ଅପପୁଷ୍ଟିର ଶିକାର ହୋଇଥିଲେ। ଲକ୍ଷ୍ୟ ଏବଂ ସଫଳତା ମଧ୍ୟରେ ବ୍ୟାପକ ବ୍ୟବଧାନ ଯୋଗୁ ୧୮ ବର୍ଷରୁ କମ୍ ବୟସର କିଶୋର ପ୍ରଭାବିତ ହେଉଛନ୍ତି। ବିଶ୍ୱ ଜନସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ହେଉଛନ୍ତି ଶିଶୁ ଏବଂ ଏହା ବିଶ୍ୱର ଗରିବଙ୍କ ସଂଖ୍ୟାର ଅଧାରୁ ଅଧିକ। ସମ୍ପ୍ରତି ଉତ୍କଟ ଦାରିଦ୍ର୍ୟରେ ଥିବା ୩୩୩ ନିୟୁତ ଶିଶୁଙ୍କ ମଧ୍ୟରୁ ୨୩୭ ନିୟୁତ ସାହାରା ମରୁଭୂମିର ଦକ୍ଷିଣରେ ଥିବା ଆଫ୍ରିକୀୟ ଦେଶ(ଏସ୍‌ଏସ୍‌ଏ)ଗୁଡ଼ିକରେ ରହୁଛନ୍ତି। ଜାତିସଂଘ ଏବଂ ବିଶ୍ୱବ୍ୟାଙ୍କର ଆକଳନ ଅନୁଯାୟୀ ୨୦୩୦ ସୁଦ୍ଧା ଏହି ସଂଖ୍ୟା ୩୨୬ ନିୟୁତ ହୋଇଯିବ।

ବିଶ୍ୱରେ ସବୁଠୁ ଗରିବ ଦେଶଗୁଡ଼ିକରେ ପାଖାପାଖି ୨୫୮ ମିଲିୟନ ଶିଶୁ କ୍ଷୁଧାରେ ରହୁଛନ୍ତି। ୨୦୧୫ରେ ଥିବା କ୍ଷୁଧିତ ଶିଶୁଙ୍କ ସଂଖ୍ୟାଠାରୁ ଏହା ୫୬ ମିଲିୟନ ଅଧିକ। ଏହି ପିଲାଙ୍କ ପାଇଁ କ୍ଷୁଧା ଏକ ସାମୟିକ ଚାପ ନୁହେଁ, ବରଂ ଏହା ଦୈନନ୍ଦିନ ଜୀବନର ଦୀର୍ଘ ତଥା ଉତ୍କଟ ଦାରଦ୍ର୍ୟର ନିଛକ ବାସ୍ତବତା। ଦୀର୍ଘଦିନର କୁପୋଷଣ ଯୋଗୁ ଅନେକ ଲକ୍ଷ ପିଲା ଷ୍ଟଣ୍ଟିଂ (ବୟସ ଅନୁଯାୟୀ ଉଚ୍ଚତା କମ୍ )ର ଶିକାର ହୋଇଛନ୍ତି। ଷ୍ଟଣ୍ଟିଂ ହାର ହ୍ରାସ ପାଉଛି, କିନ୍ତୁ ଏସ୍‌ଡିଜିଏସ୍ ଲକ୍ଷ୍ୟ ହାସଲ ପାଇଁ ଯାହା ଦରକାର ତାହାର ଏକଚତୁର୍ଥାଂଶ ହାରରେ ଏହା କମୁଛି। ଦକ୍ଷିଣ



ଏସିଆ ଏବଂ ଏସ୍‌ଏସ୍‌ଏରେ ଏହା ୩୦ ପ୍ରତିଶତରୁ ଅଧିକ ରହିଛି। ଯଦି ଏସ୍‌ଡିଜିଏସ୍‌ର କ୍ଷୁଧା ଲକ୍ଷ୍ୟ ହାସଲ ନ ହୁଏ ତେବେ ୨୦୩୦ରେ ୩୬ ମିଲିୟନ ପିଲା ଷ୍ଟଣ୍ଟିଂରେ ରହିବେ। ଦାରିଦ୍ର୍ୟ ଏବଂ କ୍ଷୁଧାର ଶିକ୍ଷା ଏବଂ ସାମାଜିକ ଗତିଶୀଳତା ଉପରେ ଭୟଙ୍କର ପ୍ରଭାବ ରହିଛି। ୨୦୩୦ ସୁଦ୍ଧା ପ୍ରାୟ ୮୪ ମିଲିୟନ ପିଲା ଶିକ୍ଷାରୁ ଦୂରେଇ ରହିବା ଆଶଙ୍କା ରହିଛି। କ୍ଷୁଧା ଶ୍ରେଣୀଗୃହରେ ପିଲାଙ୍କ ଏକଗ୍ରତା ଓ ପଠନରେ ବାଧକ ସାଜିଥାଏ।

ଅନେକ ସମୟରେ ଏସ୍‌ଡିଜିଏସ୍‌ର ନିରାଶାଜନକ ଅଗ୍ରଗତି ଗରିବ ଓ କ୍ଷୁଧାରେ ଥିବା ପିଲାଙ୍କ ପାଇଁ କ୍ଷତିକାରକ। ସେମାନେ ବ୍ୟବହାରିକ ନୀତି ଆବଶ୍ୟକ କରନ୍ତି, ଯାହା ୨୦୩୦ ସୁଦ୍ଧା ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣପାରିବ। ଏଥିପାଇଁ, ଆମେ ସବୁଠୁ ଗରିବ ଦେଶଗୁଡ଼ିକରେ ବିଶ୍ୱସ୍ତରୀୟ ବା ବୈଶ୍ୱିକ ବିଦ୍ୟାଳୟ ଭୋଜନ( ସ୍କୁଲ ମିଲ୍ସ) ବ୍ୟବସ୍ଥା କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ସକାଶେ ଦାବି କରୁଛୁ। ଏକ ନୂତନ ବିଶ୍ୱସ୍ତରୀୟ ପାଣ୍ଠି ଯୋଗାଣ ବ୍ୟବସ୍ଥା ଦ୍ୱାରା ଏହାକୁ ପରିଚାଳିତ କରିବାକୁ ମଧ୍ୟ ସ୍ୱର ଉଠାଉଛୁ। ଭାରତ, ବ୍ରାଜିଲ ଏବଂ ଅନ୍ୟାନ୍ୟ ଦେଶରେ କାର୍ଯ୍ୟକ୍ରମଗୁଡ଼ିକରୁ ଜଣାପଡ଼ିଛି, ବିଦ୍ୟାଳୟ ଭୋଜନ ପୋଷକରେ ଉନ୍ନତି ଆଣିଛି। ପିଲାମାନଙ୍କୁ କ୍ଷୁଧାର କ୍ଷତିକାରକ ପ୍ରଭାବରୁ ମୁକ୍ତକରି ଏହା ପଢ଼ିବାରେ ସହାୟକ ହୋଇପାରିଛି। କମ୍ ଖର୍ଚ୍ଚରେ ଶିଶୁ ଦାରିଦ୍ର୍ୟ ହ୍ରାସ କରିବାର ଏହା ସବୁଠାରୁ ଭଲ ଉପାୟ। ବିଦ୍ୟାଳୟ ଭୋଜନ ବିଶେଷକରି ଗରିବ ପିଲାଙ୍କ ନାମଲେଖା ବଢ଼ାଇବା ସହ ଅଧାରୁ ପାଠ ଛାଡ଼ିବା ପ୍ରତିଶତ ହ୍ରାସକରେ ଓ ପିଲାମାନଙ୍କୁ ଅଧିକ ଶିଖିବାକୁ ସକ୍ଷମ କରାଏ। ଘାନାର ବ୍ୟାପକ ସ୍କୁଲ ମିଲ୍ସ କାର୍ଯ୍ୟକ୍ରମରୁ ଅଧିକ ଲାଭ ମିଳୁଛି।

ଗ୍ରାମାଞ୍ଚଳରେ ରହୁଥିବା ୮୦ ଭାଗ ଗରିବ ଲୋକଙ୍କ ପାଇଁ ସ୍କୁଲ ଭୋଜନ କାର୍ଯ୍ୟକ୍ରମ ଲାଭଦାୟକ ହୋଇଛି। ବ୍ରାଜିଲରେ ସ୍କୁଲ ମିଲ୍ସ ପାଇଁ ହେଉଥିବା ବଜେଟର ଏକ ତୃତୀୟାଂଶ କ୍ଷୁଦ୍ରଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ। ଏହା ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଛି। ଫ୍ରି ସ୍କୁଲ ମିଲ୍ସ କୋଆଲିସନର ସ୍ଥାୟୀ ବିତ୍ତୀୟ ଯୋଜନା ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ବିଶ୍ୱର ଅତି ଗରିବ ଦେଶଗୁଡ଼ିକରେ ଥିବା ୨୩୬ ମିଲିୟନ ପିଲାଙ୍କୁ ମାଗଣାରେ ସ୍କୁଲରେ ଖାଇବାକୁ ଦିଆଗଲେ ୨୦୩୦ ପର୍ଯ୍ୟନ୍ତ ବର୍ଷକୁ ଏ ବାବଦରେ ୩.୬ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ ହେବ। ଅଧିକାଂଶ ପାଣ୍ଠି ବିକଶିତ ବା ବିକାଶଶୀଳ ଦେଶଗୁଡ଼ିକରୁ ହିଁ ସଂଗ୍ରହ ହେବ। କିନ୍ତୁ ଅନ୍ୟ ବାହ୍ୟ ଖର୍ଚ୍ଚ ପାଇଁ ବର୍ଷକୁ ଅତିରିକ୍ତ ୧.୨ ବିଲିୟନ ଡଲାର ଆବଶ୍ୟକ ପଡ଼ିବ। ଏବେ ବିକାଶ ପାଇଁ ମିଳୁଥିବା ପାଣ୍ଠି ଏହି ପରିମାଣଠାରୁ ବହୁତ କମ୍ ଏବଂ ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ହୋଇ ରହିଛି। ଡୋନରମାନେ ଖୁବ୍ କମ୍ ସହାୟତା ଦେଉଛନ୍ତି। କମ୍ ପରିମାଣର ଅର୍ଥାତ୍ ପାଖାପାଖି ୨୮୦ ମିଲିୟନ ଡଲାର ସ୍କୁଲ ଭୋଜନ ପାଇଁ ଯୋଗାଇ ଦିଆଯାଉଛି ଏବଂ ଏହାର ଅଧିକାଂଶ ଖାଦ୍ୟ ସହାୟତା ଆକାରରେ ଆମେରିକାରୁ ଆସୁଛି। ଏଥିରେ ସ୍ଥାନୀୟ କୃଷକଙ୍କଠାରୁ ଖାଦ୍ୟ କିଣିବା ସମ୍ଭବ ହେଉନାହିଁ।

ଆଉ ଏକ ବିକଳ୍ପ ଅଛି। ବୈଶ୍ୱିକ ସ୍ୱାସ୍ଥ୍ୟ ପାଣ୍ଠି ବିଶେଷକରି ଟିକାକରଣ ମେଣ୍ଟ ଗାଭି ଏବଂ ଏଡ୍‌ସ, ଯକ୍ଷ୍ମା ଓ ମ୍ୟାଲେରିଆର ମୁକାବିଲା ପାଇଁ ଥିବା ବୈଶ୍ୱିକ ପାଣ୍ଠି ଅଭିନବ ଆର୍ଥିକ ପଦ୍ଧତି ମାଧ୍ୟମରେ ରାଜସ୍ୱ ସଂଗ୍ରହ କରୁଛି। ଏହ ନୀତି ସ୍କୁଲ ଭୋଜନର ନୂତନ ବିଶ୍ୱସ୍ତରୀୟ ପଦକ୍ଷେପକୁ ସମର୍ଥନ କରିବା ଦରକାର। ଦେଖିବାକୁ ଗଲେ ପରିବର୍ତ୍ତନର ଗତି ଆରମ୍ଭରୁ ପ୍ରସ୍ତୁତ ହୋଇସାରିଛି। ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡି ସିଲ୍‌ଭାଙ୍କ ନେତୃତ୍ୱରେ ଚାଲିଥିବା କ୍ଷୁଧା ଏବଂ ଦାରିଦ୍ର୍ୟ ବିରୋଧରେ ବୈଶ୍ୱିକ ମେଣ୍ଟ ସ୍କୁଲ ଭୋଜନକୁ ପ୍ରାଥମିକତା ଦେଇଥିବାବେଳେ ବିଶ୍ୱ ବ୍ୟାଙ୍କ ସାମାଜିକ ନିରାପତ୍ତା ବଳୟକୁ ମଜଭୁତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ତଥା ବ୍ୟାପକ ରଣନୀତି ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତି ଦେଇଛି। ୨୦୩୦ ସୁଦ୍ଧା ବିଶ୍ୱସ୍ତରରେ ବିଦ୍ୟାଳୟ ଭୋଜନ ଯୋଗାଇବା ପାଇଁ କାର୍ଯ୍ୟ କରୁଥିବା ୧୦୦ରୁ ଅଧିକ ସରକାର ସ୍କୁଲ ମିଲ୍ସ କୋଆଲିସନରେ ଯୋଗଦେଇଛନ୍ତି । ଇଣ୍ଡୋନେସିଆ, ନେପାଳ, ଇଥିଓପିଆ, କେନିଆ, ଏବଂ ହଣ୍ଡୁରାସ୍ ସମେତ କେତେକ ଦେଶ ନିଜର ଯୋଜନା ମଧ୍ୟ ପ୍ରସ୍ତୁତ କରିଛନ୍ତି।

ରଜ୍ ଶାହାଙ୍କ ନେତୃତ୍ୱରେ ରକ୍‌ଫେଲର ଫାଉଣ୍ଡେଶନ ସ୍କୁଲ ମେଲ୍ସକୁ ଇମ୍ପାକ୍ଟ ଆକ୍ସିଲେଟରରେ ଯଥେଷ୍ଟ ନିବେଶ କରିଛି। ଏହି ଆକ୍ସିଲେରଟର ଅଧିକ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଚେଷ୍ଟା କରୁଥିବା ଦେଶଗୁଡ଼ିକୁ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗ କରୁଛି। ଆକ୍ସିଲେରଟରର ପ୍ରାରମ୍ଭିକ ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ୧୫୦ ନିୟୁତ ପିଲାଙ୍କ ନିକଟରେ ପହଞ୍ଚିବା। ଏହା ସ୍ୱଳ୍ପ ଆୟକାରୀ ଏବଂ ସ୍ୱଳ୍ପ ମଧ୍ୟମ ଆୟବର୍ଗର ଦେଶରେ ଏବେ ବିଦ୍ୟାଳୟ ଭୋଜନ ଗ୍ରହଣ କରୁଥିବା ସଂଖ୍ୟାଠାରୁ ୨ଗୁଣ ଅଧିକ । ଏହିସବୁ ପଦକ୍ଷେପକୁ ବ୍ୟାପକ କରିବା ପାଇଁ ଏକାଠି କାମ କରିବା ହିଁ ଏବକାର ଆହ୍ୱାନ। ନିରନ୍ତର ବିକାଶ ଲକ୍ଷ୍ୟଗୁଡ଼ିକ ପାଇଁ ଏବେ ଶେଷ କାଉଣ୍ଟଡାଉନ ଆରମ୍ଭ ହୋଇଛି। ଏଣୁ ଆମକୁ ବ୍ୟାବହାରିକ, ଲକ୍ଷ୍ୟ ହସଲ ଯୋଗ୍ୟ ତଥା କମ୍ ବ୍ୟୟଭିତ୍ତିକ ପଦକ୍ଷେପ ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ମଧ୍ୟ ବିଶ୍ୱକୁ ସୂଚିତ କରିଦେବ ଯେ, ସବୁ କିଛି ସମ୍ଭବ । ବିଶ୍ୱସ୍ତରୀୟ ସ୍କୁଲ ଭୋଜନ ପଦକ୍ଷେପ ଦ୍ୱାରା ଲକ୍ଷ୍ୟ ହାସଲ ହୋଇପାରିବ।

## ଅତିଥି ପରିଚୟ



ରାଧାଶ୍ୟାମ ରାଉଳ

ଦେଉଳଠାରୁ ମୁଖଶାଳା ବଡ଼ ହେବା ପରି ଆଜିକାଲି ସଭାସମିତିରେ ଅତିଥି ପରିଚୟ ପ୍ରଦାନ,ଆବଶ୍ୟକତାଠାରୁ ଅଧିକ ବିଜ୍ଞାପନ ଏବଂ ଗାଲୁଗପର କୌଶଳପୂର୍ଣ୍ଣ ମାଧ୍ୟମ ହୋଇଯାଇଛି। ସଭାକାର୍ଯ୍ୟ ଆରମ୍ଭହେବା ମାତ୍ରେ ପ୍ରଦୀପ ପ୍ରଜ୍ୱଳନ, ମା' ସରସ୍ୱତୀ କି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପାର୍ଘ୍ୟ ପ୍ରଦାନ, ସଭା ସମ୍ପର୍କିତ ସୂଚନା ପ୍ରଦାନ ପରେ ସଭାମଣ୍ଡନ କରୁଥିବା ଆମନ୍ତ୍ରିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରାଯିବା ବିଧି ରହିଛି। କାରଣ ଶାସ୍ତ୍ର କହୁଛି,'ଅତିଥି ଦେବୋ ଭବ'। ଅତିଥି ଦେବତା କିମ୍ବା ଦେବତା ସମାନ। ତେଣୁ ଅତିଥି ଅର୍ଚ୍ଚନା ଓ ଅତିଥି ପରିଚୟ ପ୍ରଦାନ ଶାସ୍ତ୍ରାନୁମୋଦିତ।

ସ୍ୱନାମଧନ୍ୟ ସାହିତ୍ୟିକ (ଯିଏ ନିଜ ଅନୁଷ୍ଠାନର ପ୍ରାୟ ପ୍ରତ୍ୟେକ ସଭାରେ ଅତିଥି ପରିଚୟ ପ୍ରଦାନକୁ ନିଜର ଜାଗିରିଦାରି ବୋଲି ମନେକରନ୍ତି) ଡ. ବାବୁଲାଲ ସୁବୁଦ୍ଧି ଓରଫ ବାବୁଲିବାବୁଙ୍କ ମତରେ, ପ୍ରତ୍ୟେକ ସଭାରେ ଅତିଥି ପରିଚୟ ପ୍ରଦାନ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ, ସଭାର ଶୋଭାବର୍ଦ୍ଧନକାରୀ ଅଳଙ୍କାର,ପ୍ରଚଳିତ ବ୍ୟବସ୍ଥା ଓ ଚଳନ୍ତି ସମ୍ବିଧାନ! ଅତିଥି ପରିଚୟ ପ୍ରଦାନ ବିନା ସଭା ଶୁଷ୍କ ଓ ଶ୍ରୀହୀନ ଲାଗେ!

ବାବୁଲିବାବୁଙ୍କର ଏ ଉକ୍ତିକୁ ଅବଶ୍ୟ ନୋଟ୍ କରାଯାଇପାରେ। କାରଣ ସେ ଏ କାର୍ଯ୍ୟରେ ବେଶ୍ ଧୁରୀଣ। ଦୀର୍ଘବର୍ଷ ଧରି ନିରବଚ୍ଛିନ୍ନ ଭାବରେ ସେ ଏ କାର୍ଯ୍ୟରେ ନିଜକୁ ନିୟୋଜିତକରି ଆସୁଛନ୍ତି ଏବଂ ଜଣେ ପେସାଦାର ଅତିଥି ପରିଚୟ ପ୍ରଦାନକାରୀ ଭାବରେ ସବୁ ମହଲରେ ପ୍ରଶଂସିତ ହୋଇଆସୁଛନ୍ତି। ଅବଶ୍ୟ ଏକଥା ନିରାଟ ସତ୍ୟ ଯେ, ସଭାରେ କେତେଜଣ ଶ୍ରୋତା, ଅତିଥି ପରିଚୟ ପ୍ରଦାନ ସମ୍ପର୍କିତ ଭାଷଣକୁ ଶୁଣିବାକୁ ଅଧିକ ପସନ୍ଦ କରିଥାନ୍ତି। କାରଣ, ସେମାନେ ଆମନ୍ତ୍ରିତ ଅତିଥିଙ୍କ ସମ୍ପର୍କରେ ଆଗରୁ ସେତେଟା ଜାଣି ନ ଥାନ୍ତି। ଅତିଥି ପରିଚୟ ପ୍ରଦାନକାରୀ ଯେତେବେଳେ ଅତିଥିଙ୍କ ପରିଚୟ ପ୍ରଦାନ କରନ୍ତି, ସେତେବେଳେ ସେମାନେ ବୁଝନ୍ତି ଓ ଜାଣନ୍ତି ; କିଏ କ'ଣ ବୋଲି !

ତେବେ ଅତିଥି ପରିଚୟ ପ୍ରଦାନକୁ ଏକ ନିରୋଳା ପ୍ରହସନ ବୋଲି ବିବେଚନା କରୁଥିବା ବିଶିଷ୍ଟ ସ୍ତମ୍ଭକାର ନିଧିନାରାୟଣ ପଶାୟତ କହନ୍ତି, ''ହେଃ ହେଃ, ଇଏ ତ ଆରମ୍ଭରୁ ତୈଳମର୍ଦ୍ଦନ!'' ନିଧିନାରାୟଣବାବୁଙ୍କର ଏ ମତ ଆଦୌ ଅମୂଳକ କି ଅବାସ୍ତବ ନୁହେଁ ବୋଲି ସାଧାରଣରେ ଚର୍ଚ୍ଚା ହୁଏ। ହାସ୍ୟାସ୍ପଦର ବିଷୟ ଯେ, ଆମନ୍ତ୍ରିତ ଅତିଥିମାନେ ନିଜ ନିଜର କୃତି ଓ ବ୍ୟକ୍ତିତ୍ୱ କ୍ଷେତ୍ରରେ ଯାହା ନୁହନ୍ତି, ସେମାନଙ୍କ ସମ୍ପର୍କରେ ଅତିରଞ୍ଜିତ ଓ କପୋଳକଳ୍ପିତ ପରିଚୟ ପ୍ରଦାନକୁ ସେମାନେ ମନଧ୍ୟାନର ସହ ଶୁଣି କିଛି ସମୟ ପାଇଁ ଆତ୍ମତୃପ୍ତିରେ ଫୁଲିଯାଉଥିବାର ସଚିତ୍ର ପ୍ରମାଣ ସେମାନଙ୍କର ଆଭାମଣ୍ଡିତ ମୁଖମଣ୍ଡଳରୁ ସ୍ପଷ୍ଟ ବାରିହୋଇପଡ଼େ।

ଏକ ସାହିତ୍ୟ ସଭାରେ ମୁଁ ଥିଲି ସମ୍ମାନନୀୟ ଅତିଥି। ମୋ ପରିଚୟ ପ୍ରଦାନ ଦେବାକୁ ଯାଇ ପରିଚୟ ପ୍ରଦାନକାରୀ ମହାଶୟ କହିଲେ, ଆଜିର ଏ ମନୋଜ୍ଞ ସାହିତ୍ୟ ସଭାରେ ସମ୍ମାନନୀୟ ଅତିଥି ଭାବରେ ଯୋଗଦେଇଛନ୍ତି ଡ. ରାଧାଶ୍ୟାମ ରାଉଳ। ଡ. ରାଉଳ ଜଣେ ଉଦୀୟମାନ ଯୁବ ସାହିତ୍ୟିକ ଭାବେ ପରିଚିତ। ଏଥିସହ ଆଉ କିଛି ଅନାବନା,ଏଣୁତେଣୁ ଶବ୍ଦାବଳୀ ମୋ ପରିଚୟ ସହ ଯୋଡ଼ି ସେ ତାଙ୍କର ଅନର୍ଗଳ ବକ୍ତବ୍ୟ ପ୍ରଦାନକଲେ। ସେ ମହାଶୟଙ୍କ ଦ୍ୱାରା ମୋ ପରିଚୟ ପ୍ରଦାନ ମୋତେ ବେଖାପ ଓ ଅତିଶୟୋକ୍ତି ଲାଗିଲା। ମୋତେ ଲାଗୁଥିଲା,ମୁଁ ନିଜକୁ ନିଜେ ହୁଏତ ଚିହ୍ନିପାରୁ ନ ଥିଲି କି ଜାଣିପାରୁ ନ ଥିଲି ସେବେଳରେ। ଆଶ୍ଚର୍ଯ୍ୟ ହେଉଥିଲି ; ମୁଁ କ'ଣ ସତରେ ଯା'ଭିତରେ ଡକ୍ଟରେଟ ଲାଭକରି ସାଧାରଣ ରାଧାଶ୍ୟାମରୁ ଡକ୍ଟର ରାଧାଶ୍ୟାମ ହୋଇଯାଇଥିଲି! ବୟସ ପଞ୍ଚାବନ ଟପିଥିଲେ ବି ଜଣେ ଉଦୀୟମାନ ଯୁବ ସାହିତ୍ୟିକ ଭାବେ ମୋ ପରିଚୟ ପ୍ରଦାନକୁ ମୁଁ ସହଜରେ ହଜମ କରିପାରୁ ନ ଥିଲି। ମୋ ନିରଳସ ସୃଜନକର୍ମ ବିରୋଧରେ ଏହା ରୀତିମତ ଷଡ଼ଯନ୍ତ୍ର ବୋଲି ସେବେଳରେ ମନେକରି ପ୍ରମାଦ ଗଣୁଥିଲି। ଅତିଥି ପରିଚୟ ପ୍ରଦାନ ନାଁରେ ଅତିଶୟୋକ୍ତି, ଅତିରଞ୍ଜିତ,ଅବାସ୍ତବ ପ୍ରଶଂସାଗାନ ନିହାତି ଭାବରେ ବନ୍ଦହେବା ଉଚିତ। ଅତିଥି ପରିଚୟ ପ୍ରଦାନ କେମିତି ହେବା ଉଚିତ, କେଉଁ ଶବ୍ଦାବଳୀ ସେମାନଙ୍କ ପାଇଁ ପ୍ରଯୁଜ୍ୟ,ସେନେଇ ଏକ କର୍ମଶାଳାର ଆବଶ୍ୟକତା ରହିଛି।

ମର୍କତନଗର, କଟକ
ମୋ: ୯୪୩୭୦୯୦୯୮୫

## ଏଇ ଭାରତରେ

କେଦାରନାଥର ବନ୍ୟା ହିରେଶା ବର୍ମାଙ୍କ ଜୀବନରେ ଏକ ପରିବର୍ତ୍ତନ ଆଣିଛି । ହିରେଶା ଶିକ୍ଷା ଶେଷକରି ଦିଲ୍ଲୀରେ ଆଇଟି ସେକ୍ଟରରେ କାର୍ଯ୍ୟ କରୁଥିଲେ। ୨୦୧୩ରେ ଘଟିଥିବା କେଦାରନାଥର ପ୍ରଳୟଙ୍କରୀ ବନ୍ୟା ପରେ ସେହି ଅଞ୍ଚଳରେ ଅସହାୟ ମହିଳାମାନଙ୍କୁ ସହଯୋଗ କରିବାକୁ ଆଗେଇ ଆସିଥିଲେ। ଏଥିପାଇଁ ସେ ଚାକିରି ଛାଡ଼ିଦେଇଥିଲେ। ମହିଳାମାନଙ୍କୁ ରୋଜଗାର ଦେବା ଲକ୍ଷ୍ୟରେ ହିରେଶା ଛତୁଚାଷକୁ ବାଛିଥିଲେ। ସେ ପ୍ରଥମେ ତାଙ୍କ ଘରେ ୨୦୦୦ ଟଙ୍କା ନିବେଶକରି ଚାଷ ଆରମ୍ଭ କରିଥିଲେ। ପରେ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ଅତ୍ୟାଧୁନିକ ପଦ୍ଧତିରେ ଏହି ଚାଷ କରୁଛନ୍ତି ଏବଂ ଏଥିରେ ସେ ୮୦ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ଏବେ ତାଙ୍କ ଫାର୍ମରୁ ପ୍ରତିଦିନ ୧,୦୦୦ କେଜି ଛତୁ ଉତ୍ପାଦନ ହେଉଛି ଏବଂ ଏଥିରୁ ସେ ବର୍ଷକୁ ୧.୫ କୋଟି ଟଙ୍କା ପାଉଛନ୍ତି। ଛତୁଚାଷରେ ସେ ୨,୦୦୦ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ଫଳରେ ଏହି ମହିଳାମାନଙ୍କ ଆର୍ଥିକ ଉନ୍ନତି ଘଟିବା ସହ ସେମାନଙ୍କ ସାମାଜିକ ସ୍ଥିତି ବଦଳିଯାଇଛି। ସେ ହାନ୍ ଆଗ୍ରୋକେୟାର ପ୍ରତିଷ୍ଠାକରି ସାରା ଭାରତରେ ଏହା ମାଧ୍ୟମରେ ଛତୁରୁ ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୪ ଜାନୁଆରୀ ୧୯୭୬**

- ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ଡାକ୍ତର ଅମରେଶ୍ୱର ଚକ୍ରବର୍ତ୍ତୀଙ୍କର ସୋରଠାରେ ହୃଦ୍‌କ୍ରିୟା ବନ୍ଦ ହୋଇ ମୃତ୍ୟୁ ଘଟିଛି।
- ପ୍ରେସ୍ କାଉନ୍‌ସିଲକୁ ଉଚ୍ଛେଦ କରିବା ସଂକ୍ରାନ୍ତରେ ଏକ ବିଲ୍ କେନ୍ଦ୍ର ତଥ୍ୟ ଓ ବେତାର ମନ୍ତ୍ରୀ ଲୋକ ସଭାରେ ଆଗତ କରିଛନ୍ତି।
- କେନ୍ଦ୍ର ଆଇନ ମନ୍ତ୍ରୀ କେ.ଭି. ରଘୁନାଥ ରେଡ୍‌ଡୀ ରାଜ୍ୟ ସଭାରେ ବୋନସ (ସଂଶୋଧନ) ବିଲ୍ ଉପସ୍ଥାପିତ କରିଛନ୍ତି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | | |
| | | 8 | 3 | | | | 5 | |
| | 1 | | 6 | 9 | 8 | | | 4 |
| | | 7 | | 4 | | | | |
| | | | | 8 | 1 | | | 3 |
| | 8 | | 7 | 2 | | | | |
| | 2 | | | | | | 4 | 5 |
| | | 1 | | 3 | | | | 2 |
| | 3 | | | 6 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 5 | 2 | 6 | 4 | 8 | 1 | 9 |
| 2 | 1 | 4 | 8 | 9 | 7 | 6 | 3 | 5 |
| 8 | 6 | 9 | 5 | 1 | 3 | 4 | 2 | 7 |
| 9 | 2 | 7 | 1 | 3 | 8 | 5 | 6 | 4 |
| 4 | 8 | 3 | 6 | 2 | 5 | 7 | 9 | 1 |
| 1 | 5 | 6 | 4 | 7 | 9 | 2 | 8 | 3 |
| 5 | 4 | 1 | 3 | 8 | 2 | 9 | 7 | 6 |
| 3 | 7 | 8 | 9 | 4 | 6 | 1 | 5 | 2 |
| 6 | 9 | 2 | 7 | 5 | 1 | 3 | 4 | 8 |

ଗତକାଲିର ଉତ୍ତର

# ପନିପରିବା କେତେ ନିରାପଦ



ବିଦ୍ୟାଧର ମହାରଣା

ସ୍ୱାସ୍ଥ୍ୟଗତ କାରଣରୁ ବର୍ତ୍ତମାନ ଲୋକମାନଙ୍କ ମଧ୍ୟରେ ତାଜା ପନିପରିବା ଓ ଫଳ ଖାଇବା ବୃଦ୍ଧିପାଉଛି। ବଜାରରେ ବିକ୍ରି ହେଉଥିବା ଫଳଗୁଡ଼ିକର ଆକର୍ଷଣୀୟ ରଙ୍ଗ ଗ୍ରାହକମାନଙ୍କୁ ଆକୃଷ୍ଟକରେ। ଫଳଗୁଡ଼ିକ ଅଧିକ ଦିନ ରହିଲେ ବ୍ୟବସାୟୀ ଲାଭବାନ୍ ହୁଅନ୍ତି। ଏହି କାରଣରୁ ଫଳଗୁଡ଼ିକୁ ବିଭିନ୍ନ ରାସାୟନିକ ପଦାର୍ଥ ଦ୍ୱାରା ଉପଚାର କରାଯାଏ। ଏହି ପ୍ରକ୍ରିୟାରେ ବ୍ୟବସାୟୀ ଲାଭ ପାଇବା ବେଳେ ଉପଭୋକ୍ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼େ। କାରଣ ଫଳ ପଚାଇବା ପାଇଁ ଏବଂ ରଙ୍ଗିନ କରିବାକୁ ଯେଉଁ ରାସାୟନିକ ପଦାର୍ଥ ବ୍ୟବହାର କରାଯାଏ ସେଗୁଡ଼ିକ ଆମ ସ୍ୱାସ୍ଥ୍ୟ ପାଇଁ ବିପଦର କାରଣ। ଏପରି କୃତ୍ରିମ ଭାବରେ ପଚାଯାଇଥିବା ଫଳ ଆମ ପାଇଁ ବିଷତୁଲ୍ୟ। ସେହିପରି ପନିପରିବା ସବୁଜ ରଖିବା ପାଇଁ କପର ସଲ୍‌ଫେଟ୍ ଓ କେତେକ କୀଟନାଶକ ଦ୍ୱାରା ଉପଚାର କରାଯାଏ। ବାଇଗଣ, ପୋଟଳ, କଲରା, ଭେଣ୍ଡି, କାକୁଡ଼ି ଇତ୍ୟାଦି ପରିବାରେ ଏପରି ଉପଚାର ଅଧିକ ହୁଏ।

କୃତ୍ରିମ ଉପାୟରେ ଶୀଘ୍ର ପଚାଇବାପାଇଁ ଏବଂ ଅଧିକ ଦିନ ସାଇତି ରଖିବାପାଇଁ ବ୍ୟବହୃତ ରାସାୟନିକ ପଦାର୍ଥ ଦ୍ୱାରା ଫଳ ଓ ପନିପରିବାଗୁଡ଼ିକର ପୋଷକ ଗୁଣ କମିଯାଏ। କୃତ୍ରିମ ଉପାୟରେ ପଚାଯାଇଥିବା ଫଳରେ ବାସ୍ନା ଓ ସ୍ୱାଦ ନ ଥାଏ। ଯେଉଁ ରାସାୟନିକ ପଦାର୍ଥ ଫଳ ପଚାଇବା ପାଇଁ ବ୍ୟବହାର କରାଯାଏ ସେଗୁଡ଼ିକ ହେଲା ଅପୃକ୍ତ ହାଇଡ୍ରୋକାର୍ବନ, ଏସିଟିଲିନ୍, ଏଥିଲିନ୍ ଇତ୍ୟାଦି। ଆଗରୁ କଦଳୀ ଓ ଆମ୍ବ ପଚାଇବା ପାଇଁ କ୍ୟାଲ୍‌ସିୟମ କାର୍ବାଇଡ୍ ବ୍ୟବହାର କରାଯାଉଥିଲା। କିନ୍ତୁ ଏହାକୁ ସରକାର ଅସିଦ୍ଧ ଘୋଷଣା କରିବାରୁ ଆଜିକାଲି ଇଥିଲିନ୍ ଓ ଇଥେଫୋନ୍‌ବ୍ୟବହାର କରାଯାଉଛି। ଏହାକୁ ସୀମିତ ମାତ୍ରାରେ ବ୍ୟବହାର କରିବାକୁ ଅନୁମତି ମିଳିଛି।

ଭାରତରେ କୃତ୍ରିମ ପ୍ରଣାଳୀରେ ଫଳ ପଚାଇବା ୧୯୫୪ ଖାଦ୍ୟ ଅପମିଶ୍ରଣ ପ୍ରତିଷେଧ ଆଇନ ଓ ୧୯୫୫ ଖାଦ୍ୟ ଅପମିଶ୍ରଣ ପ୍ରତିଷେଧ ନିୟମ ବଳରେ ନିଷେଧ କରାଯାଇଛି। ଏଥିରେ କୌଣସି ଫଳ କ୍ୟାଲସିୟମ କାର୍ବାଇଡ୍ ଦ୍ୱାରା ପଚାଇବା ନିଷେଧ ହୋଇଛି। ଏଥିର ଉଲ୍ଲଂଘନକାରୀଙ୍କୁ ୩ ବର୍ଷ ସଜା ଓ ୧୦୦୦ ଟଙ୍କା ଜରିମାନା ବ୍ୟବସ୍ଥା ରହିଛି।

ବାହାରୁ ଆକର୍ଷଣୀୟ ଦେଖାଯିବା ଫଳ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ପ୍ରାକୃତିକ ଭାବରେ ପାଚିଥିବା ଫଳ ସେତେଟା ଆକର୍ଷଣୀୟ ହୋଇ ନ ପାରେ , କିନ୍ତୁ ଏହା ସ୍ୱାଦଯୁକ୍ତ ଓ ସ୍ୱାସ୍ଥ୍ୟ ପାଇଁ ନିରାପଦ। ଟମାଟୋ, ଆମ୍ବ ଓ ଅମୃତଭଣ୍ଡା ସମାନ ଭାବରେ ପାଚିବା ଦେଖାଗଲେ ଏଥିରେ କ୍ୟାଲସିୟମ କାର୍ବାଇଡ୍ ବ୍ୟବହାର ହୋଇଥିବା ଆଶଙ୍କା କରାଯାଏ। ଏହି କାରଣରୁ ଫଳ ଓ ପନିପରିବା କିଣିବା ବେଳେ ସମାନ ଭାବରେ ପାଚି ଆକର୍ଷଣୀୟ ଦେଖାଯିବାକୁ ଚୟନ କରିବା ଅନୁଚିତ।

କ୍ୟାଲ୍‌ସିୟମ କାର୍ବାଇଡ୍ କ୍ୟାନ୍‌ସର ସୃଷ୍ଟିକାରକ। ଏହା ଶରୀରର ଲିଭର ଓ ଅନ୍ୟାନ୍ୟ ଅଙ୍ଗକୁ କ୍ଷତି ପହଞ୍ଚାଏ। ଏହାର ଅବଶେଷରେ କିଛି ଆର୍ସେନିକ୍ ଓ ଫସ୍‌ଫୋରସ୍ ହାଇଡ୍ରାଇଡ ଥିବାରୁ ଶରୀରରେ ତରୁଣ ଓ ଦୀର୍ଘକାଳୀନ ରୋଗ ସୃଷ୍ଟିକରେ। ରାସାୟନିକ ପଦାର୍ଥ ଅଧିକ ଥିଲେ ଫୁସ୍‌ଫୁସ୍‌ରେ



ଜଳ ଜମିଯାଏ। କୃତ୍ରିମ ଭାବରେ ପାଚିଥିବା ଆମ୍ବ ଖାଇଲେ ପାକସ୍ଥଳୀ ଓ ଅନ୍ତଃନଳୀରେ ଯନ୍ତ୍ରଣା ହୁଏ। ଦୀର୍ଘଦିନ ଧରି ଏପରି ଫଳ ଖାଇଲେ ପେଟରେ କ୍ଷତ ଓ ଘାଆ ହୋଇପାରେ। ମଣିଷ ଶରୀରରେ ଏସିଟିଲିନ୍ କମ୍ ମାତ୍ରାରେ ସେତେଟା ବିଷାକ୍ତ ନ ହେଲେ ମଧ୍ୟ ଅଧିକ ମାତ୍ରାରେ ଏହା ଦୀର୍ଘକାଳୀନ ହାଇପୋକ୍ସିଆ ଯୋଗୁ ସ୍ନାୟୁରୋଗ ଏବଂ ମୂର୍ଚ୍ଛାରୋଗ ସୃଷ୍ଟି କରିପାରେ। ଅମ୍ଳଜାନ ଅଭାବ ହେଲେ ଏପରି ହୋଇଥାଏ। ଅଧିକାଂଶ କ୍ଷେତ୍ରରେ ଅଧିକ କ୍ଷତି ପହଞ୍ଚାଇବା ପୂର୍ବରୁ ଆର୍ସେନିକ ଓ ଫସ୍‌ଫରସ ବିଷ ଚିହ୍ନଟ କରିହୁଏ। ଗର୍ଭବତୀ ମହିଳାଙ୍କର ଗର୍ଭପାତ ମଧ୍ୟ ଏପରି ବିଷ ଯୋଗୁ ହୋଇପାରେ।

ସରକାରଙ୍କ ନିୟମ ଅନୁସାରେ ଇଥିଲିନ୍ ବାଷ୍ପ ଫଳ ପଚାଇବା ପାଇଁ ୦.୦୦୧–୦.୦୧% ମାତ୍ରାରେ ଫସଲ, କିସମ ଓ ବୟସ ଅନୁସାରେ ୯୦–୮୫ ଆର୍ଦ୍ରତା ଓ ୧୮–୨୪ ଡିଗ୍ରୀ ସେଲ୍‌ସିୟସ ଉତ୍ତାପ ଥିବା କୋଠାରିରେ ବ୍ୟବହାର କରାଯାଇପାରେ। ଖାଦ୍ୟ ନିରାପତ୍ତା ଓ ମାନକ ନିୟନ୍ତ୍ରଣ, ୨୦୧୧(ଏଫ୍‌ଏସ୍‌ଏସ୍‌ଆର୍) ଅନୁସାରେ କୌଣସି ଫଳ ଓ ପନିପରିବାରେ କୃତ୍ରିମ ରଙ୍ଗ କିମ୍ବା ରାସାୟନିକ ପଦାର୍ଥ ବ୍ୟବହାର କରିବା ନିଷିଦ୍ଧ କରାଯାଇଛି। ଏଥିରେ ମହୁମାଛି ଅଠା ବ୍ୟତୀତ ଅନ୍ୟ କୌଣସି ମହମ ଜାତୀୟ କିମ୍ବା ଖଣିଜ ତୈଳ ପଦାର୍ଥ ଆବରଣକୁ ନିଷିଦ୍ଧ କରାଯାଇଛି। କ୍ୟାଲ୍‌ସିୟମ କାର୍ବାଇଡ୍ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ଏହାର ବ୍ୟତିକ୍ରମ ହେଲେ ପ୍ରଶାସନ ଦୃଷ୍ଟିକୁ ଆଣିବା ଆବଶ୍ୟକ। ଖାଦ୍ୟ ନିରୀକ୍ଷକ ମଧ୍ୟ ନିୟମିତ ଭାବରେ ଫଳଗୋଦାମ ତନଖିକରି ନମୁନା ପରୀକ୍ଷାଗାରକୁ ପଠାଇବା ଜରୁରୀ ମନେହୁଏ।

ପନିପରିବା ବ୍ୟବସାୟୀ ପନିପରିବାଗୁଡ଼ିକୁ ସତେଜ ରଖିବା ଲାଗି କପର ସଲ୍‌ଫେଟ୍ ଓ ବିଭିନ୍ନ କୀଟନାଶକ ଦ୍ରବ୍ୟ ସହ ଉପଚାର କରନ୍ତି ଏବଂ ରାସାୟନିକ ରଙ୍ଗ ବ୍ୟବହାର କରନ୍ତି। ବ୍ୟବସାୟୀମାନେ ଫଳ ଓ ପନିପରିବାରେ ସୀମିତ ପରିମାଣର ରାସାୟନିକ ପଦାର୍ଥ ମିଶାଇବା କହିଲେ ମଧ୍ୟ ଏହାକୁ କିଏ ବିଶ୍ୱାସ କରିବ? ସରକାରୀ ପରିଦର୍ଶକ ସବୁ ବ୍ୟବସାୟୀଙ୍କ ନିକଟକୁ ଯିବା ମଧ୍ୟ ସମ୍ଭବ ହୋଇ ନ ପାରେ।

ସରକାର ଅନ୍ତତଃ ହୋଲ୍‌ସେଲ୍ ବଜାରରେ ଫଳ ସହ ଯେପରି ରାସାୟନିକ ପଦାର୍ଥ ନ ମିଶେ ସେଥିପ୍ରତି ସଜାଗ ଦୃଷ୍ଟିଦେବା ଆବଶ୍ୟକ। ବିପଦପୂର୍ଣ୍ଣ ରାସାୟନିକ ପଦାର୍ଥଗୁଡ଼ିକ ଉପରେ କଟକଣା ଜରୁରୀ ମନେହୁଏ। ବରଂ ନିରାପଦ ବିକଳ୍ପ ରାସାୟନିକ ପଦାର୍ଥ ଫଳ ପଚାଇବା ପାଇଁ ଅନୁମୋଦନ ହେବା ବାଞ୍ଛନୀୟ।

ଉପଭୋକ୍ତାମାନେ କେତେକ ନିୟମ ମାନିଲେ ବିପଦମୁକ୍ତ ହୋଇପାରିବେ। ପ୍ରଥମତଃ ବଜାରରୁ ଫଳ ଓ ପନିପରିବା କିଣିଲା ବେଳେ ଦାଗ କିମ୍ବା ଅସ୍ୱାଭାବିକ ଚିହ୍ନମୁକ୍ତ ବାଛି କିଣିବା ଆବଶ୍ୟକ। ଦ୍ୱିତୀୟତଃ ପନିପରିବା ରାନ୍ଧିବା ପୂର୍ବରୁ ଓ ଫଳ ଖାଇବା ପୂର୍ବରୁ ଖାଇବା ସୋଡ଼ା କିମ୍ବା କ୍ଲୋରିନ୍ ପାଣି ଦ୍ୱାରା ପରିଷ୍କାରକରି ଧୋଇବା ଉଚିତ। କେବେହେଲେ ସାବୁନ ବା ସର୍ଫ ବ୍ୟବହାର କରିବା ଉଚିତ ନୁହେଁ। ତୃତୀୟତଃ ବଜାରରୁ କଟା ପରିବା କିମ୍ବା ପାଚିଲା ଫଳ ନ କିଣିବା ଭଲ। ଚତୁର୍ଥରେ ବନ୍ଧାକୋବି ଇତ୍ୟାଦି ପରିବାର ଉପର ପତ୍ର ବାହାର କରି କେବଳ ଭିତର ପତ୍ର କାଟି ରାନ୍ଧିବା ଆବଶ୍ୟକ। ଆମେ ଯଦି ଖାଇବା ପୂର୍ବରୁ ଫଳକୁ ଭଲ ଭାବରେ ଧୋଇ ଓ ଚୋପା ବାହାରକରି ଖାଇବା ତେବେ ରାସାୟନିକ ପଦାର୍ଥ ଯୋଗୁ ଥିବା ବିପଦ ସର୍ବନିମ୍ନ ହୋଇପାରିବ।

ଘାଟିକିଆ, ଭୁବନେଶ୍ୱର
ମୋ: ୯୪୩୭୦୭୧୧୯୦

## ଚିରନ୍ତନୀ

ମଧୁମାସ ପରଶରେ ବଢ଼େ ମମ ପରାସ
ମୁହୁର୍ମୁହୁଃ ନିଃଶ୍ୱାସ ଛାଡ଼ଇ।
ବାସି ଫୁଲ ସମ କେତେ ଝଡ଼ି ପଡ଼େ ବାସନା
ଚାହିଁ ଚାହିଁ ଆଖିପତା ପୀଡ଼ଇ
ସଂଗୀତ ଆସି କେତେ ରୋଧେ ପୁଣି କଣ୍ଠ
ସଙ୍କୋଚେ ମନପ୍ରାଣ ବ୍ରୀଡ଼ଇ।
–(ଜୀବନ–ଦୋଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିରପେକ୍ଷ ଯାଞ୍ଚ ହେଉ

ମହାଶୟ,
ପ୍ରଭାବୀ ବ୍ୟକ୍ତିବିଶେଷ , ରାଜନୈତିକ ନେତା ଏବଂ ସେଲିବ୍ରିଟଙ୍କ ଦ୍ୱାରା ରୁଜୁ ମକଦ୍ଦମାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ଉପର ମହଲରୁ ନିର୍ଦ୍ଦେଶନାମା ଆସିଯାଏ, ଯାହାକୁ ଅସ୍ୱୀକାର କରିବା କଷ୍ଟକର। ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷରେ ସାମ୍ବିଧାନ ଅନୁସାରେ ଧନୀ ଗରିବ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ । ଆଇନ ସେବା ପ୍ରଦାନରେ ଜଣଙ୍କୁ ଗୁରୁତ୍ୱଦେବା ଓ ଅନ୍ୟ ଜଣଙ୍କୁ ଅଣଦେଖା କରିବା ଆଇନତଃ ନିୟମ ବିରୁଦ୍ଧ । ଅନ୍ୟପକ୍ଷରେ ବହୁ ପୋଲିସ ଅଧିକାରୀ ଅଛନ୍ତି, ଯେଉଁମାନେ ତାଙ୍କ କାର୍ଯ୍ୟରେ ସଚ୍ଚୋଟତା ସହ ଥାନାରେ ଅଭିଯୋଗକାରୀଙ୍କ ଅଭିଯୋଗର ସତ୍ୟାସତ୍ୟକୁ ତଦନ୍ତ ପରିସରକୁ ଆଣିବାରେ ଅବହେଳା କରି ନ ଥାଆନ୍ତି। ହେଲେ ପରିତାପର ବିଷୟ, କେତେଜଣ ଅଭିଯୋଗକାରୀ ପୋଲିସର ପକ୍ଷପାତିତାର ଶିକାର ହେବାରେ ବହୁ ଦୃଷ୍ଟାନ୍ତ ରହିଛି। ଅଭିଯୋଗକାରୀମାନେ ଦୋଷୀଙ୍କୁ ଗିରଫ ଦାବିରେ ଥାନା ଘେରାଉ କରନ୍ତି। ଏଣୁ ପ୍ରତ୍ୟେକ ଆପରାଧିକ ମାମଲାକୁ ନିରପେକ୍ଷ ଯାଞ୍ଚ କରିବାରେ ପୋଲିସ ଅଧିକାରୀ ଆନ୍ତରିକତା ପ୍ରଦର୍ଶନ କରନ୍ତୁ ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ୍ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:..................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରୁଷିଆର ତୈଳକ୍ଷେତ୍ର ଉପରେ ଆମେରିକାର କଟକଣା

## ଭାରତକୁ ଅଶୋଧିତ ତୈଳ ପ୍ରବାହ ପ୍ରଭାବିତ

ଭୁବନେଶ୍ୱର,୨୩ା୧(ଅନୁରାଧା ମହାରଣା)



ରୁଷିଆର ତୈଳ କ୍ଷେତ୍ର ଉପରେ ଆମେରିକାର ବ୍ୟାପକ କଟକଣା ଭାରତକୁ ଅଶୋଧିତ ତୈଳ ପ୍ରବାହକୁ ପ୍ରଭାବିତ କରିବାରେ ଲାଗିଛି। ପବ୍ଲିକ୍ ସେକ୍ଟର ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) କହିଛି, ମାର୍ଚ୍ଚ ଯୋଗାଣ ପାଇଁ ପର୍ଯ୍ୟାପ୍ତ ପରିମାଣର ମାଲ ଉପଲବ୍ଧ ନାହିଁ। ଯେଉଁ ସମୟରେ ଭାରତର ତୈଳ ବିଶୋଧନ କମ୍ପାନୀଗୁଡ଼ିକ ମାର୍ଚ୍ଚ ମାଲ ପରିବହନ ପାଇଁ ଆଲୋଚନା ଆରମ୍ଭ କରିଥିଲେ ସେହି ସମୟରେ ଏହି କଟକଣା ଘୋଷଣା କରାଯାଇଥିଲା। ଜାନୁଆରୀ ୧୦ରେ ଆମେରିକା ରୁଷିଆର ତୈଳ କ୍ଷେତ୍ରରେ ବ୍ୟାପକ କଟକଣା ଲଗାଇଥିଲା। ରୁଷିଆର ଶକ୍ତି କ୍ଷେତ୍ରକୁ ଟାର୍ଗେଟକରି ଆମେରିକା ବ୍ୟାପକ କଟକଣା ଲାଗୁ କରିବାକୁ ଘୋଷଣା କରିଥିଲା। ଏଥିମଧ୍ୟରେ ରୁଷିଆର ତୈଳ ଉତ୍ପାଦକ ଗାଜପ୍ରୋମ ନେଫ୍ଟ ଏବଂ ସର୍ଗୁଟନେଫ୍ଟଗାସ ଉପରେ କଟକଣା ଜାରି କରାଯିବା ସହ ରୁଷିଆର ଶକ୍ତି ରପ୍ତାନି ସହ ଜଡ଼ିତ ୧୮୩ ଜାହାଜକୁ କଳା ତାଲିକାଭୁକ୍ତ କରାଯାଇଥିଲା। ଏହାସହ ତୈଳ ବ୍ୟବସାୟୀ, ତୈଳ କ୍ଷେତ୍ର ସେବା ପ୍ରଦାନକାରୀ ସଂସ୍ଥା, ଟ୍ୟାଙ୍କର ମାଲିକ ଏବଂ ପରିଚାଳକ, ବୀମା କମ୍ପାନୀ ଏବଂ ଶକ୍ତି ଅଧିକାରୀଙ୍କ ଉପରେ କଟକଣା ଜାରି କରାଯାଇଛି। ବିପିସିଏଲ୍ ନିର୍ଦ୍ଦେଶକ (ଅର୍ଥ) ଭି. ରାମକୃଷ୍ଣ ଗୁପ୍ତା ଗୁରୁବାର ବିଶ୍ଳେଷକମାନଙ୍କୁ କହିଛନ୍ତି, ଗତ ୨ ମାସ ମଧ୍ୟରେ ଜାନୁଆରୀ ଏବଂ ଫେବୃଆରୀ ପାଇଁ ରୁଷିଆର ତୈଳକୁ ବୁକିଂ କରାଯାଇଥିଲା । ମାତ୍ର ମାର୍ଚ୍ଚ ଯୋଗାଣ ପାଇଁ ପର୍ଯ୍ୟାପ୍ତ ପରିମାଣର ମାଲ ପରିବହନ ଉପଲବ୍ଧ ନ ଥିଲା। ସେ କହିଛନ୍ତି, ଅଶୋଧିତ ତୈଳ ଯୋଗାଣରେ ରୁଷିଆର ଅଂଶ ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ୩୧%ରୁ ମାର୍ଚ୍ଚ ତ୍ରୈମାସରେ ୨୦ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ୨୦୨୪ ଏପ୍ରିଲରେ ଚଳିତ ଆର୍ଥିକ ବର୍ଷ ଆରମ୍ଭରେ, ବିପିସିଏଲ୍ ଦ୍ୱାରା ବିଶୋଧିତ ମୋଟ ତୈଳରେ ରୁଷିଆର ଅଂଶ ୩୪-୩୫% ଥିଲା। ରୁଷିଆର ତୈଳ ଯୋଗାଣରେ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା କରାଯାଉଥିବାବେଳେ ରାମକୃଷ୍ଣ ଗୁପ୍ତା କହିଛନ୍ତି, ବଜାରରେ ପର୍ଯ୍ୟାପ୍ତ ତୈଳ ଉପଲବ୍ଧ ଅଛି ଏବଂ ଏହି କ୍ଷତି ପୂରଣ ପାଇଁ କମ୍ପାନୀ ପଶ୍ଚିମ ଏସୀୟ ଦେଶକୁ ଯାଇପାରିବ। ସୂଚନା ଥାଉକି, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ଆମେରିକା ଏବଂ ଅନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷିଆର ତୈଳ ଆମଦାନୀ ଉପରେ ଅନେକ ପ୍ରତିବନ୍ଧକ ଲଗାଇଥିଲେ। ଏଭଳି ପରିସ୍ଥିତିରେ ଭାରତୀୟ କମ୍ପାନୀଗୁଡିକ ବହୁ ପରିମାଣରେ ଶସ୍ତା ମୂଲ୍ୟରେ ଉପଲବ୍ଧ ରୁଷିଆ ତୈଳ ଆମଦାନୀ କରିବା ଆରମ୍ଭ କରିଥିଲେ। କିଛି ବର୍ଷ ମଧ୍ୟରେ ଦେଶର ମୋଟ ତୈଳ କ୍ରୟରେ ରୁଷିଆର ଅଂଶ ପ୍ରାୟ ୪୦%କୁ ବୃଦ୍ଧି ପାଇଛି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୩ା୧

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୧୫ (୧୧୫.୩୯) ପଏଣ୍ଟ ବଢ଼ି ୭୬,୫୨୦ (୭୬,୫୨୦.୩୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୫୦ (୫୦.୦୦) ପଏଣ୍ଟ ବୃଦ୍ଧି ଘଟି ୨୩,୨୦୫ (୨୩,୨୦୫.୩୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ରିଲାଏନ୍ସ ଡିଜିଟାଲ୍‌ର ଡିଜିଟାଲ୍ ଇଣ୍ଡିଆ ସେଲ୍

ମୁମ୍ବାଇ,୨୩ା୧




ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ତଥା ଭାରତର ସବୁଠୁ ବଡ଼ ଇଲେକ୍ଟ୍ରୋନିକ୍ସ ସେଲ୍ 'ଡିଜିଟାଲ୍ ଇଣ୍ଡିଆ ସେଲ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସେଲ୍ ୨୦୨୫ ଜାନୁୟାରୀ ୨୬ ପର୍ଯ୍ୟନ୍ତ ସମସ୍ତ ରିଲାଏନ୍ସ ଡିଜିଟାଲ୍, ମାଇଁ ଜିଓ ଷ୍ଟୋର ଏବଂ www.reliancedigital.in ଅନ୍‌ଲାଇନରେ ଉପଲବ୍ଧ। ଯେଉଁଥିରେ ଇଲେକ୍ଟ୍ରୋନିକ୍ସର ବିସ୍ତୃତ ଶୃଙ୍ଖଳ ଉପରେ ଅତୁଳନୀୟ ରିହାତି ପ୍ରଦାନର ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ଏପରିକି ଗ୍ରାହକମାନେ ଅଗ୍ରଣୀ ବ୍ୟାଙ୍କ କାର୍ଡ ସହିତ କିଣାକିଣି ଉପରେ ୨୬,୦୦୦ଟଙ୍କା ପର୍ଯ୍ୟନ୍ତ ରିହାତି ତୁରନ୍ତ ଉପଭୋଗ କରିପାରିବେ। ସେହିଭଳି ଉପରୋକ୍ତ ଷ୍ଟୋରଗୁଡିକରେ ଖରିଦ କରୁଥିବା ଲୋକମାନେ ଏକାଧିକ ଫାଇନାନ୍ସ ବିକଳ୍ପ ଚୟନ କରିପାରିବେ। ଏପରିକି ଗ୍ରାହକ କଞ୍ଜ୍ୟୁମର ଡ୍ୟୁରେବଲ୍ ଲୋନ୍ ଉପରେ ୨୬,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ସାମିଲ ରହିଛି। ସେହିପରି ଗ୍ରାହକମାନେ ୟୁପିଆଇ ବ୍ୟବହାର କରି ଆସେସରିଜ୍ ଏବଂ ଛୋଟ ଉପକରଣ ଉପରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଉପଭୋଗ କରିପାରିବେ।

# ସିଲ୍ ଫୁଡ୍‌ସକୁ ଅଧିଗ୍ରହଣ କଲା ଆରସିପିଏଲ୍

ମୁମ୍ବାଇ,୨୩ା୧




ଦେଶର ପ୍ରମୁଖ ଫୁଡ୍‌ସ ବ୍ରାଣ୍ଡ ସିଲ୍ (ଏସ୍‌ଆଇଏଲ୍)କୁ ଆନୁଷ୍ଠାନିକ ଭାବେ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍ (ଆର୍‌ସିପିଏଲ) ନିକଟରେ ଅଧିଗ୍ରହଣ କରିଥିବା ରିଲାଏନ୍ସ ଗ୍ରୁପ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏପରିକି ଗୁଣାତ୍ମକ ଖାଦ୍ୟ ସାମଗ୍ରୀ ପାଇଁ ସିଲ୍ ବର୍ତ୍ତମାନ ଆରସିପିଏଲ୍‌ର ବିସ୍ତୃତ ସମ୍ଭାରର ଏକ ଅଂଶବିଶେଷ ହେବ। ସେହିଭଳି କମ୍ପାନୀ ଉପଭୋକ୍ତା ଉତ୍ପାଦ କ୍ଷେତ୍ରରେ ନିଜର ସ୍ଥିତିକୁ ମଜଭୁତ କରିବା ଏବଂ ଭାରତୀୟ ଐତିହ୍ୟ ବ୍ରାଣ୍ଡଗୁଡିକୁ ପୁନର୍ଜୀବିତ କରିବା ଦିଗରେ ରିଲାଏନ୍ସ ରଣନୀତିର ଏହି ପଦକ୍ଷେପ ଏକ ଅଂଶବିଶେଷ ବୋଲି କୁହାଯାଉଛି।

ଏ ସମ୍ପର୍କରେ ଆରସିପିଏଲର ସିଇଓ କେତନ ମୋଦି କହିଛନ୍ତି, ଆମେ ଭବିଷ୍ୟତର ବ୍ୟବସାୟ ନିର୍ମାଣ କରିବାବେଳେ ଭାରତର ସଂସ୍କୃତି ଏବଂ ଐତିହ୍ୟକୁ ସଂରକ୍ଷିତ ରଖିବା ପାଇଁ ପ୍ରତିବଦ୍ଧ ରହିଛୁ। ସିଲ୍ ଫୁଡ୍‌ସର ଅଧିଗ୍ରହଣ ଆମକୁ ଭାରତୀୟ ଖାଦ୍ୟ ଓ ଖାଦ୍ୟସାମଗ୍ରୀଗୁଡିକୁ ଉପଭୋକ୍ତାଙ୍କ ପାଖରେ ନୂତନ ତଥା ଅଭିନବ ଫର୍ମାଟରେ ପହଞ୍ଚାଇବାରେ ସହାୟକ ହେବ। ସେହିପରି ଆରସିପିଏଲ ସିଲ୍ ବ୍ରାଣ୍ଡର ଗୁଣବତ୍ତା ଏବଂ ବିତରଣ ନେଟୱର୍କରେ ଉନ୍ନତି ଆଣିବ।

ଅପରପକ୍ଷରେ ସିଲ୍ ଫୁଡ୍‌ସର ଏମ୍‌ଡି ଅଜୟ ମାରିୱାଲା କହିଛନ୍ତି, ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟ ସହିତ ଯୋଡ଼ି ହୋଇ ସିଲ୍ ବ୍ରାଣ୍ଡକୁ ଏକ ନୂତନ ପରିଚୟ ଦେବାକୁ ଆମେ ଉତ୍ସାହିତ ଅଛୁ। ଏହି ସହଭାଗିତା ସିଲ୍‌କୁ ଏକ ବ୍ୟାପକ ତଥା ଆଧୁନିକ ଗ୍ରାହକଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହେବ।

# ଓୟୁଟିଆର୍‌ରେ ଇ-ସମ୍ମିଟ୍ ୨୦୨୫



ଭୁବନେଶ୍ୱର,୨୩ା୧ (ଅଭୟ ଦାଶ)

ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍) ର ଇଡି ସେଲ୍ ପକ୍ଷରୁ ଏକ ୨ଦିନିଆ କର୍ମଶାଳା 'ଇ-ସମ୍ମିଟ୍ ୨୦୨୫' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଉଦ୍ୟୋଗୀମାନଙ୍କୁ ପ୍ରେରଣା ଦେବା ପାଇଁ ପ୍ରଥମ ଥର ପାଇଁ ଏହି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଡ. ଅମରେଶ ପଣ୍ଡା, କିଟ୍ ଟି ବି ଆଇ ପ୍ରମୁଖ, କୁଳପତି ବିଭୂତି ଭୂଷଣ ବିଶ୍ୱାଳ, ପ୍ରଫେସର ରଞ୍ଜନ କୁମାର ପ୍ରଧାନ, ଡିନ୍ ଷ୍ଟୁଡେଣ୍ଟ ୱେଲଫେୟାର ପ୍ରଫେସର ଜିବିତେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କୋକୋବଡ ଫାଉଣ୍ଡର ଆର୍ଯ୍ୟମାନ ଦାସ, ନ୍ୟୁ ରୂପ ଟେକ ଫାଉଣ୍ଡର୍ ଅନୁପ ପାଇକରାୟ, ପ୍ଲାଣ୍ଟରୀ ଫାଉଣ୍ଡର୍ ଅଭିଷେକ ମହାପାତ୍ର, ୟାଇ ଥ୍ରୀ ଏକ୍ସ ଫାଉଣ୍ଡର୍ ଶୁଭମ ଜେନା ପ୍ରମୁଖ ଉପସ୍ଥିତ ରହି ଇନଭେଷ୍ଟ ଉପରେ ଉପସ୍ଥିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହା ସହ ପିଚ୍ ୱାର, ଆଇପିଏଲ ଅକ୍ସନ, ବି ପ୍ଲାନ୍, ମାର୍କେଟିଅର୍ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାର ଭିନ୍ନ ଭିନ୍ନ କଲେଜରୁ ଅନେକ ପ୍ରତିଯୋଗୀ ଯୋଗ ଦେଇଥିଲେ।

ଉଦଯାପନୀ ସନ୍ଧ୍ୟାରେ ଭୁବନେଶ୍ୱର ପ୍ରତିଷ୍ଠିତ ପ୍ରଥମ ବୟନ ଶିଳ୍ପ ସେଡ୍ରାଫିଲ ନିର୍ଦ୍ଦେଶକ ମୁକେଶ ନାୟକ ଯୋଗ ଦେଇଥିଲେ। ଏଥି ସହିତ ବିଶ୍ୱବିଦ୍ୟାଳୟର ଟି ପି ଓ ବିଭୁ ପ୍ରସାଦ ଦାସ, ପ୍ରଫେସର ସୁଧାଂଶୁ ଶେଖର ସାହୁ, ପ୍ରଫେସର ରଞ୍ଜନ କୁମାର ପ୍ରଧାନ ବିଜୟୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଅକ୍ଷୟ ଶକ୍ତି ବ୍ୟବହାରକୁ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର,୨୩ା୧

ବର୍ତ୍ତମାନ ସମୟରେ ଓଡ଼ଶା ସରକାର ଅକ୍ଷୟ ଶକ୍ତିକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏପରିକି ୨୦୨୭ ସୁଦ୍ଧା ରାଜ୍ୟରେ ୩ ଲକ୍ଷ ରୁଫ୍ ଟପ୍ ସୋଲାର ପ୍ୟାନେଲ ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଛି, ଯାହା ସବୁଜ ଶକ୍ତି ଆଡ଼କୁ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ସେହିଭଳି ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅକ୍ଷୟ ଶକ୍ତି କ୍ଷମତା ହାସଲ କରିବା ପାଇଁ ରହିଥିବା ଜାତୀୟ ଲକ୍ଷ୍ୟ ସହିତ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ବେଶ୍ ଗୁରୁତ୍ୱ ଓ ସମନ୍ୱିତ ରହିଛି, ପରିବେଶ ଲାଭ ବ୍ୟତୀତ ଏହି ଯୋଜନା ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରି ଦେଶର ସ୍ଥାୟିତ୍ୱ ପ୍ରୟାସକୁ ଆହୁରି ସୁଦୃଢ଼ କରିବ। ଉଲ୍ଲେଖଯୋଗ୍ୟ, ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରି ଅକ୍ଷୟ ଶକ୍ତିକୁ ସୁଲଭ ମୂଲ୍ୟରେ ଯୋଗାଇବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏପରିକି ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ହେଉଛି, ଭାରତ ସରକାରଙ୍କ ଏହା ଏକ ପ୍ରମୁଖ ଯୋଜନା। ଏପରିକି ସରକାରଙ୍କ ଏହି ପଦକ୍ଷେପ ଘରୋଇ ଛାତ ଉପରେ ସୌରଶକ୍ତି ସ୍ଥାପନ ପ୍ରକ୍ରିୟାକୁ ସରଳ କରିଛି, ସମଗ୍ର ଦେଶ ଓ ରାଜ୍ୟରେ ରୁଫ୍‌ଟପ୍ ସୋଲାର ସ୍ଥାପନକୁ ସୁଗମ କରିଥିବା ଏହି ଯୋଜନାର ଲକ୍ଷ୍ୟ ହେଉଛି, ଅକ୍ଷୟ ଶକ୍ତି କ୍ଷେତ୍ରରେ ବିପ୍ଳବ ଆଣିବା। ଅପରପକ୍ଷରେ ଆରଇସି ଲିମିଟେଡର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ଭେଣ୍ଡର ମିଟ୍ର ଆୟୋଜନ କରାଯାଇଥିଲା। ଏହି ଅବସରରେ ସୌରଶକ୍ତି ବିକ୍ରେତା ଏବଂ ଏସ୍‌ଏଲ୍‌ବିସିଙ୍କ ସମେତ ବ୍ୟାଙ୍କିଙ୍ଗ୍ ସହଯୋଗୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ ଏବଂ ଓରେଡାର ସିଇଓ ସାଇ ଦତ୍ତ ବିପ୍ଳବ କେଶରୀ ପ୍ରଧାନ ଏବଂ ଭୁବନେଶ୍ୱର ଆରଇସିର ସିପିଏମ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକ ପ୍ରମୁଖ ଅଂଶୀଦାରମାନଙ୍କ ପାଇଁ ଯୋଜନାର କାର୍ଯ୍ୟକାରିତା ଉପରେ ଥିବା ପ୍ରତିବନ୍ଧକଗୁଡ଼ିକୁ ସମାଧାନ କରିବା ଏବଂ ସମ୍ଭାବ୍ୟ ସମାଧାନ ଅନ୍ୱେଷଣ କରି ଗଠନମୂଳକ ଆଲୋଚନାରେ ନିୟୋଜିତ ହେବା ପାଇଁ ଏକ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଥିଲା।

# ରୋଜଗାର ଯୋଗାଇବ ଇଇଏସ୍ଏଲ୍ ଉର୍ଜାବୀର

ନୂଆଦିଲ୍ଲୀ,୨୩ା୧

ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକର ଏକ ମିଳିତ ଉଦ୍ୟମ ତଥା ଏନର୍ଜି ଏଫିସିଏନ୍ସି ସର୍ଭିସେସ ଲିମିଟେଡ (ଇଇଏସ୍‌ଏଲ୍)ର ବହୁ ପ୍ରତୀକ୍ଷିତ ଯୋଜନା 'ଉର୍ଜାବୀର ଆନ୍ଦୋଳନ' ଜରିଆରେ ତୃଣମୂଳ ସ୍ତରର ନାଗରିକମାନଙ୍କୁ କମ ଶକ୍ତି ବ୍ୟବହାର କ୍ଷେତ୍ରରେ ଅଗ୍ରଣୀ ରହିବାକୁ ସଶକ୍ତ କରୁଛି। ଏପରିକି ବିଜୁଳି ସଞ୍ଚୟ ସହିତ ଅତିରିକ୍ତ ରୋଜଗାର ଇଇଏସ୍‌ଏଲ୍‌ର ଉର୍ଜାବୀର ଏବଂ ପରିକଳ୍ପିତ ଉର୍ଜାବୀର ଆନ୍ଦୋଳନ ହେଉଛି ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଏହି ପଦକ୍ଷେପ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ରାଜ୍ୟ ଜୀବିକା ମିଶନର ସଦସ୍ୟଙ୍କ ସମେତ ବ୍ୟକ୍ତିବିଶେଷଙ୍କୁ ଇଇଏସଏଲମାର୍ଟ.ଇନ୍ ମାଧ୍ୟମରେ ଶକ୍ତି-ଦକ୍ଷ ଉପକରଣ ଗୁଡିକୁ ପ୍ରୋତ୍ସାହିତ କରିବା, ଅତିରିକ୍ତ ଆୟ ସୃଷ୍ଟିକୁ ପ୍ରୋତ୍ସାହିତ କରିବା ସହିତ ସ୍ଥାୟୀ ଅଭ୍ୟାସ ଗ୍ରହଣକୁ ତ୍ୱରାନ୍ୱିତ କରିବାରେ ସକ୍ଷମ କରୁଛି । ସେହିଭଳି ୧୮ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷମାନେ ଉର୍ଜାବୀର ହୋଇପାରିବେ। ଏପରିକି ଆଧାର, ପ୍ୟାନ, ବ୍ୟାଙ୍କ ଆକାଉଣ୍ଟ ଏବଂ ସାଧାରଣ ସ୍ମାର୍ଟଫୋନ ବ୍ୟବହାର କରିପାରିବାର ଜ୍ଞାନଥିବା ବ୍ୟକ୍ତି ଏହି ଯୋଜନାରେ ସାମିଲ ହୋଇପାରିବେ। ଏଥିପାଇଁ ଇଇଏସଏଲମାର୍ଟ.ଇନ୍/ଉର୍ଜାବୀରର ସରଳ ପ୍ରକ୍ରିୟାରେ ପଞ୍ଜୀକରଣ କରିହେବ। ଯେଉଁଥିରେ ଏକ ନାମମାତ୍ର ଶୁଳ୍କ, କେୱାଇସି ସଂପୂର୍ଣ୍ଣ କରିବା ଏବଂ ଏକ କ୍ଷୁଦ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି।

# Classified Everyday

0674-2580101, 9692975378




REAL ESTATE

**SALE**

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-2681

ଭୁବନେଶ୍ୱର ହଂସପାଳ Sudananda Engg. College Frontରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-76231

**4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact- 9438362399.** D-2670




A four storied building (on Patia-Infocity main road) with Six Halls & five bedrooms with Toilet and another building in same plot with Five rooms and Toilets to be rented. Suitable for Nursing Home/ Office/ Coaching Center. 9078630318, 9435193999. D-2673




Newly open health benefits SPA special Offer @ 799 Bapujinagar. 8018429809. D-76189

Newly open health benefits spa by experience lady therapist. 7750040475 D-76188

## AFFIDAVIT

By the virtue of an affidavit dt-22.01.2025 before the Court of Executive Magistrate, Bhubaneswar, I Rudra Mahakuda, At- Betarasingi, Post-Betarasingi, Buguda, Dist.- Ganjam have changed my name from Rudra Gouda, according to my father's surname i.e. Jitendra Gouda for all future purposes. D-2678

I, Limbani Karishma Gopal, W/o- Deepak Kumar Patel, R/o Ramchandrapur Bazar, Jatni 752050 have changed my name to Karishma Patel for all purposes vide affidavit dated- 21.01.2025, sworn before Notary Jayaprakash Sharma, Jatni. D-2682

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

154/21.01.2025

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ-୪, ସ୍ଥାନ ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର,ଜିଲ୍ଲା-ଖୋର୍ଦ୍ଧା ଓ.ଏସ୍.ଏସ୍. କେସ୍ ନଂ-୧୧୬୦/୨୦୨୩

ଲକ୍ଷ୍ମୀଧର ମଲ୍ଲିକ ... ବାଦୀ

ବନାମ

ଇନ୍ଦ୍ରମନି ସାହୁ ଏବଂ ଅନ୍ୟମାନେ ...ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫ ରୁଲ୍-୨୦ ମୁତାବକ

୧) ଇନ୍ଦ୍ରମନୀ ସାହୁ, ପିତା ସ୍ୱର୍ଗତ ବାଲୁଙ୍କି ସାହୁ, ୨) ଚମ୍ପା ସାହୁ, ସ୍ୱାମୀ ସ୍ୱର୍ଗତ ପୁନ ସାହୁ, ୩) ଶ୍ରୀମତୀ ସରସ୍ୱତୀ ସାହୁ, ୪) ପାର୍ବତୀ ସାହୁ ଉଭୟଙ୍କର ପିତା ସ୍ୱର୍ଗତ ପୁନ ସାହୁ, ୫) ଯୋଗେନ୍ଦ୍ର ସାହୁ, ପିତା ସ୍ୱର୍ଗତ ପୁନ ସାହୁ, ୬) ମୁଲି ସାହୁ, ପିତା ସ୍ୱର୍ଗତ ଫକୀର ସାହୁ, ୭) ଗୁନନିଧି ସାହୁ, ପିତା ସ୍ୱର୍ଗତ କପିଳା ସାହୁ, ୮) ଲାବଣ୍ୟ ପ୍ରଧାନ, ସ୍ୱାମୀ ସ୍ୱର୍ଗତ ସୋମନାଥ ପ୍ରଧାନ, ୯) ପ୍ରଫୁଲ୍ଲ କୁମାର ବିଧାର, ପିତା ସ୍ୱର୍ଗତ ବେନୁଧର ବିଧାର ସମସ୍ତ ପ୍ରତିବାଦୀମାନଙ୍କର ବାସସ୍ଥାନ ସା/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି । ଯେହେତୁ ପ୍ରତିବାଦୀ ନଂ- ୧, ୨, ୩, ୪, ୫, ୬, ୭, ୮ ଏବଂ ୯ ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ- ୪ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା-୧୭.୦୨.୨୦୨୫ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- କୃଷ୍ଣ ନଗର, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ-୭, ୨୦, ସାବକ ପ୍ଲଟ୍ ନଂ-୭୦, ୭୧, ଏରିଆ-ଏ.୦.୦୩୬ ୧/୨ଡି, ଏ.୦.୦୧୮ ୧/୨ଡି, ହାଲ୍ ଖାତା ନଂ-୬୮, ହାଲ୍ ପ୍ଲଟ୍ ନଂ-୧୦୫୮, ଏରିଆ- ଏ.୦.୦୫୫ ଡି।

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ-୪ଙ୍କ ଆଦେଶ କ୍ରମେ
ସ୍ୱା.- କୋର୍ଟ ଅଧିକାରୀ

ଧ- ୨୬୭୯

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ବିଳାସିନୀ ମହାପାତ୍ର**

ଖୋର୍ଦ୍ଧା, ଗୁଡୁମୁ

ଆବିର୍ଭାବ: ୩୦।୦୯।୧୯୭୨ (ଶନିବାର)

ତିରୋଧାନ: ୧୪।୦୧।୨୦୨୫ (ମଙ୍ଗଳବାର)

ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ- ପୁଅ: ରିଙ୍କୁ, ମୁନ୍ନୁ, ଚିକୁ, ଟୁନା, ସାଇ, ଝିଅ: ମାମା, ମାନି, ଖୁସି, ଲୁସି ।

ଧ-୭୬୪୧୦

### ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ଦାସ**

ଦାସସାହି, କଣ୍ଟାପଡ଼ା, କଲେଇ, ଭଦ୍ରକ

ତିରୋଧାନ: ୧୪।୦୧।୨୦୨୫

ଏକାଦଶାହ: ୨୪।୦୧।୨୦୨୫

ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।

ଶୋକାଭିଭୂତ: ବିଶ୍ୱମ୍ବର, ସାବିତ୍ରୀ, ସୁବାସ, ସୁଧାଂଶୁ, କିଶୋର, ସଞ୍ଜୀବ, ପ୍ରସନ୍ନ, ନିତ୍ୟ, ଅକ୍ଷୟ, ଅଶ୍ୱିନୀ, ଦୁଷ୍ମନ୍ତ, ଦେବେନ୍ଦ୍ର, ଧର୍ମେନ୍ଦ୍ର, ହିମାଂଶୁ ଓ ଆତ୍ମୀୟସ୍ୱଜନ, ପରିବାରବର୍ଗ, ଗ୍ରାମବାସୀ ।

ଧ-୨୬୮୪

# ୧୧ ମିଲରଙ୍କୁ କାରଣ ଦର୍ଶାଅ ନୋଟିସ

## ମଣ୍ଡିରୁ ଧାନ ଉଠାଇବାରେ ଅବହେଳା

**ଛତ୍ରପୁର,୨୩।୧(ସନ୍ତୋଷ ପାଢ଼ୀ)**

ଗଞ୍ଜାମ ଜିଲାରେ ମଣ୍ଡିରୁ ଧାନ ଉଠାଇବାରେ ବିଳମ୍ବ ଓ ଅବହେଳା କରାଯାଇ ଥିବାରୁ ଜିଲା ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଛତ୍ରପୁର ବ୍ଲକର ୪, ଗଞ୍ଜାମ ବ୍ଲକର ୪ ଓ ପୁରୁଷୋତ୍ତମପୁର ବ୍ଲକର ୩ ଜଣ ମିଲରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି।

ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଜିଲାପାଳ ବିଦ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଜିଲାର ସମସ୍ତ ଉପଜିଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଯୋଗାଣ ବିଭାଗ ଓ ସମବାୟ ବିଭାଗର ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ହୋଇଥିଲା। ଉକ୍ତ ବୈଠକରେ ଚଳିତ ଖରିଫ ବର୍ଷ ୨୦୨୪-୨୫ ଧାନ କ୍ରୟ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ତେବେ ୧୧ ଜଣ ମିଲର ଧାନ ଉଠାଇବାରେ ବିଳମ୍ବ ଓ ଅବହେଳା କରୁଥିବା ସମ୍ପର୍କିତ ତଥ୍ୟ ଜିଲା ପ୍ରଶାସନର ଦୃଷ୍ଟିକୁ ଆସିଥିଲା। ତେଣୁ ପ୍ରଶାସନ ତରଫରୁ ସମ୍ପୃକ୍ତ ମିଲରମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଅବିଳମ୍ବେ ମଣ୍ଡିରୁ ଧାନ ଉଠାଇବାକୁ ତାଗିଦ କରାଯାଇଛି। ଏଥିରେ ଖିଲାପ କଲେ ଜିଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜଣାଇ ଦିଆଯାଇଛି।

# ଜନ୍ମପୀଠରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ

**କଟକ,୨୩।୧(କାର୍ତ୍ତିକ ସାହୁ)**

ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ କଟକ ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସଂଗ୍ରହାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ନିର୍ଦ୍ଦେଶକ ଡା. ବିଜୟ କେତନ ଉପାଧ୍ୟାୟ, ସଂଗ୍ରହାଳୟର ସଚିବ ଅଶ୍ୱିନୀ କୁମାର ଶତପଥୀ ଯୋଗଦେଇ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ଅତିଥିମାନେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିଥିଲେ।


କଟକ ଓଡ଼ିଆ ବଜାରସ୍ଥିତ ଜନ୍ମପୀଠରେ ନେତାଜୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସଙ୍ଗଠନ କର୍ମକର୍ତ୍ତା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ସାମାଜିକ ସଙ୍ଗଠନର ସଦସ୍ୟମାନେ ଶୋଭାଯାତ୍ରାରେ ନେତାଜୀଙ୍କ ଜନ୍ମପୀଠକୁ ଯାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ନେତାଜୀଙ୍କ ଜନ୍ମ ପ୍ରକୋଷ୍ଠରେ ହୋମଯଜ୍ଞ କରାଯାଇଥିଲା। ନେତାଜୀ ଜୟନ୍ତୀ ପାଇଁ ସଂଗ୍ରହାଳୟକୁ ସଜ୍ଜିତ କରାଯାଇଥିଲା। ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ ସଂଗ୍ରହାଳୟ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା। ଲଳିତ କଳା ଏକାଡେମୀ ପକ୍ଷରୁ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ପ୍ରତି ବ୍ଲକ୍‌ରେ ୨୦୦ରୁ ୩୦୦ ଅଯୋଗ୍ୟ ହିତାଧିକାରୀ: ମନ୍ତ୍ରୀ ପାତ୍ର

**ଭୁବନେଶ୍ୱର, ୨୩।୧(ସୁନିତ୍ ମିଶ୍ର)**

ରାଶନ କାର୍ଡ ତାଲିକାରେ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ବହୁମାତ୍ରାରେ ରହିଛି। ପ୍ରତ୍ୟେକ ବ୍ଲକରେ ୨୦୦ରୁ ୩୦୦ ଅଯୋଗ୍ୟ ହିତାଧିକାରୀ ରହିଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। କିଛି ବ୍ୟକ୍ତି ସରକାରୀ ଚାକିରି କରି ରାଶନ କାର୍ଡ ହାତେଇଛନ୍ତି। ଆୟକର ଦେଉଥିବା ଲୋକମାନେ ମଧ୍ୟ ରାଶନ କାର୍ଡ ହାତେଇଛନ୍ତି। ତେଣୁ ଅଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ସରେଣ୍ଡର କରିବା ଲାଗି ମନ୍ତ୍ରୀ ପାତ୍ର ଅପିଲ କରିଛନ୍ତି। ଅଯୋଗ୍ୟ ହୋଇଥିଲେ ମଧ୍ୟ ରାଜନୀତିକ କ୍ଷମତା ମାଧ୍ୟମରେ କିମ୍ବା ମିଛ ତଥ୍ୟ ଦେଇ ରାଶନ କାର୍ଡ ହାତେଇଥିଲେ ଏଥର ଆକ୍ସନ ନିଆଯିବ। ଅଯୋଗ୍ୟ ରାଶନ କାର୍ଡ ହିତାଧିକାରୀ ତୁରନ୍ତ ରାଶନ କାର୍ଡ ସରେଣ୍ଡର କରନ୍ତୁ। ଯଦି ଏହା ନ କରନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି ସେମାନେ ରାଶନ କାର୍ଡ ସରେଣ୍ଡର କରନ୍ତି ତେବେ କୌଣସି କାର୍ଯ୍ୟାନୁଷ୍ଠାନ ହେବ ନାହିଁ। ଜାନୁଆରୀ ୩୧ରେ ଇ-କେୱାଇସି ଶେଷ ହେବ। ଏହା ପୂର୍ବରୁ ଅଯୋଗ୍ୟ ହିତାଧିକାରୀ କାର୍ଡ ସରେଣ୍ଡର କରନ୍ତୁ ବୋଲି ସେ କହିଛନ୍ତି।

ମନ୍ତ୍ରୀ ପାତ୍ର ଆହୁରି କହିଛନ୍ତି, ଅସାଧୁ ମିଲରମାନେ ଅଧିକ କଟ୍‌ନି ଛଟ୍‌ନି କରୁଛନ୍ତି, କଥା ମାନୁନାହାନ୍ତି। ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯାଇଛି। ଯେଉଁ ମିଲର ସରକାରଙ୍କ ନିୟମ ମାନିବେ ନାହିଁ, ମନମାନି କରିବେ, ପୁରୁଣା ନୀତିରେ ଚାଲିବେ, ସେସବୁ ଆଉ ଚଳିବ ନାହିଁ। ନୂଆ ସରକାର ନୂଆ ନୀତିରେ ଚାଲିବ। କୃଷକମାନଙ୍କୁ ହଇରାଣ କଲେ କଡ଼ା ଆକ୍ସନ ହେବ ବୋଲି ମନ୍ତ୍ରୀ ଚେତାଇ ଦେଇଛନ୍ତି।

# ଗୃହରେ ବିଶୃଙ୍ଖଳିତ ଆଚରଣ ଦେଖାଇଲେ ବରଦାସ୍ତ କରାଯିବ ନାହିଁ: ବାଚସ୍ପତି

**ଭୁବନେଶ୍ୱର, ୨୩।୧(ସୁନିତ୍ ମିଶ୍ର)**

- ନାଲିଆଖି ଦେଖାଇ ଡରାଇପାରିବେ ନାହିଁ: ପ୍ରମିଳା
- ବିରୋଧୀଙ୍କୁ ଯଥେଷ୍ଟ ସମୟ ଦେଲେ ବିଶୃଙ୍ଖଳା ହେବ ନାହିଁ: କାଡାମ
- ବାଚସ୍ପତି ଦୃଢ଼ ହୁଅନ୍ତୁ, ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ: ସରୋଜ

ଆସନ୍ତା ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ରାଜ୍ୟ ସରକାର ବଜେଟ ଆଣିବେ। ଆସନ୍ତା ୧୩ରୁ ବିଧାନସଭା ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ବାଚସ୍ପତି ବିଶୃଙ୍ଖଳାକାରୀଙ୍କୁ କଡ଼ା ଚେତାବନୀ ଶୁଣାଇଛନ୍ତି। ଗୃହରେ ବିରୋଧୀ ଦଳ ସଦସ୍ୟମାନଙ୍କ ବିଶୃଙ୍ଖଳାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ବିଶୃଙ୍ଖଳିତ ସଦସ୍ୟମାନଙ୍କୁ ଏବେଠାରୁ ବାଚସ୍ପତି ଚେତାବନୀ ଦେଇଛନ୍ତି। ହେଲେ ବାଚସ୍ପତିଙ୍କ ନାଲିଆଖିକୁ ଡରିନାହୁଁ ବୋଲି ବିରୋଧୀ ଦଳ ସଦସ୍ୟମାନେ କହିଛନ୍ତି। ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି, ବିରୋଧୀମାନେ ଯଦି ବିଶୃଙ୍ଖଳା କରନ୍ତି ତେବେ ଚଳିତ ଅଧିବେଶନରେ ତାହାକୁ ଆଉ ବରଦାସ୍ତ କରାଯିବ ନାହିଁ। ବିରୋଧୀ ଦଳ ଗଠନମୂଳକ ପ୍ରସ୍ତାବ ଦିଅନ୍ତୁ। ରାଜ୍ୟର ବିକାଶ କିପରି ଆଗକୁ ବଢ଼ିବ ତାହା ଉପରେ ପରାମର୍ଶ ଦିଅନ୍ତୁ ବୋଲି ସେ କହିଛନ୍ତି।

ବାଚସ୍ପତିଙ୍କ ଏଭଳି ଚେତାବନୀ ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ନାଲିଆଖି ଦେଖାଇ ଡରାଇପାରିବେ ନାହିଁ। ସେ ବାଚସ୍ପତି ଥିବାବେଳେ ସେମାନେ କିପରି ବ୍ୟବହାର ପ୍ରଦର୍ଶନ କରିଥିଲେ ତାହା ରାଜ୍ୟବାସୀ ଦେଖିଛନ୍ତି। ବିଜେଡି ସେ ପର୍ଯ୍ୟନ୍ତ ଯାଇ ନାହିଁ। ସେମାନେ ବାଧ୍ୟ କଲେ ବିରୋଧୀ ଦଳ ଭୂମିକାରେ ଥିବାବେଳେ ଭାଜପା ସଦସ୍ୟମାନେ ଯାହା କରିଥିଲେ ଆମକୁ ତାହା କରିବାକୁ ବାଧ୍ୟ ହେବୁ। ବିଜେଡି ପକ୍ଷରୁ ବିରୋଧୀ ଦଳ ସ୍ୱରକୁ ଯେପରି ଉପସ୍ଥାପନ କରିବା କଥା କରାଯିବ। ସରକାରଙ୍କ ଯେଉଁଠି ଦୋଷ ତ୍ରୁଟି ଅଛି ତାକୁ ଉପସ୍ଥାପନ କରାଯିବ, କାହା ନାଲିଆଖି କି ଭୟରେ ବିରୋଧୀ ଦଳ ଚପିଯିବ ନାହିଁ ବୋଲି ପ୍ରମିଳା କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ସେମାନେ ଯେତେବେଳେ ବିରୋଧୀ ଦଳରେ ଥିଲେ ସେମାନେ ମଧ୍ୟ ଏଭଳି କାର୍ଯ୍ୟକ୍ରମ କରିଆସୁଥିଲେ। କଂଗ୍ରେସ କି ଅନ୍ୟ ବିରୋଧୀ ଦଳ ସଦସ୍ୟ ବିଶୃଙ୍ଖଳା କରୁଛନ୍ତି ତାହା ନୁହେଁ, ସେ ସମସ୍ତଙ୍କୁ ନେଇ ଚାଲିବା ଦରକାର। ବିରୋଧୀ ଦଳକୁ ଯଥେଷ୍ଟ ସମୟ ଦେବା ଦରକାର। ବିରୋଧୀ ଦଳ ଯଦି ସାଢ଼େ ୪ କୋଟି ଲୋକଙ୍କ ପାଇଁ ନିଜ ସ୍ୱର ରଖିବାକୁ ଯଥା ସମୟ ପାଇବେ ତେବେ କୌଣସି ବିଶୃଙ୍ଖଳା ହେବ ନାହିଁ ବୋଲି ସେ କହିଛନ୍ତି।

ଭାଜପା ବିଧାୟକ ସରୋଜ ପାଢ଼ୀ କହିଛନ୍ତି, ବିରୋଧୀ ବିଜେଡି ଏବଂ କଂଗ୍ରେସ ଏକାଠି ହୋଇ ବାଚସ୍ପତିଙ୍କ ପ୍ରତି ଯେଉଁ ବ୍ୟବହାର ଦେଖାଇଲେ ତାହା କେବେହେଲେ ଯୁକ୍ତିଯୁକ୍ତ ନୁହେଁ। ବାଚସ୍ପତିଙ୍କୁ ଅନୁରୋଧ ସେ ଦୃଢ଼ ହୁଅନ୍ତୁ ଏବଂ ଯିଏ ଗୃହରେ ବିଶୃଙ୍ଖଳା କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସରୋଜ କହିଛନ୍ତି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୪/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, January 24/2025 Page 16 ₹ 7.00 | BERHAMPUR
୫୧ଶ ଭାଗ ୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 62 ମୂଲ୍ୟ ₹୭/-

# ଆମେରିକାରେ ଆଗୁଆ ପିଲା ଜନ୍ମ ପାଇଁ ଭିଡ଼

ଆମେରିକାର ଦକ୍ଷିଣପନ୍ଥୀ ନେତା ଡୋନାଲ୍ଡ ଟ୍ରମ୍ପ୍ ସୋମବାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବା ପରଠୁ ଗୋଟିଏ ପରେ ଗୋଟିଏ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଚାଲିଛନ୍ତି। ତନ୍ମଧ୍ୟରେ ରହିଥିବା ଦୁଇଟି ନିର୍ଦ୍ଦେଶନାମା ବିବାଦ ଓ ବିତର୍କରେ ଛନ୍ଦି ହୋଇଯାଇଛି। ପ୍ରଥମଟି ହେଲା ଆମେରିକାରେ ଜନ୍ମସିଦ୍ଧ ନାଗରିକତ୍ୱ ଅଧିକାରକୁ ରଦ୍ଦ କରିବା ଏବଂ ଅନ୍ୟଟି ସେହି ଦେଶରୁ ବେଆଇନ ପ୍ରବାସୀମାନଙ୍କୁ ବିଦା କରିବା। ବାର୍ଥରାଇଟ୍ ସିଟିଜେନ୍‌ଶିପ୍ ଅର୍ଡର ଅନୁଯାୟୀ ଆମେରିକାରେ ବସବାସ କରୁଥିବା ଅଣନାଗରିକ ଦମ୍ପତିଙ୍କ ପିଲା ସେଠାରେ ଜନ୍ମ ହେଲେ ମଧ୍ୟ ଆଗକୁ ଆଉ ଆମେରିକୀୟ ନାଗରିକତ୍ୱ ପାଇବେ ନାହିଁ। ଜନ୍ମସିଦ୍ଧ ନାଗରିକତ୍ୱ ସମାପ୍ତିର ଶେଷ ତାରିଖ ହେଉଛି ଫେବୃଆରୀ ୨୦। ତେଣୁ ଆମେରିକାରେ ରହୁଥିବା ଭାରତୀୟଙ୍କ ସମେତ ବିଭିନ୍ନ ଦେଶର ଦମ୍ପତିମାନେ ଆସନ୍ତା ୧୯ ତାରିଖ ପୂର୍ବରୁ ପିଲା ଜନ୍ମ ପାଇଁ ମ୍ୟାଟର୍ନିଟି କ୍ଲିନିକ୍‌ଗୁଡ଼ିକରେ ଭିଡ଼ ଜମାଇବାରେ ଲାଗିଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରସବ ଲାଗି ସିଜରିଆନ୍ ସେକ୍ସନର ସହାୟତା ନେଉଛନ୍ତି। ତେବେ ଏଭଳି ଉପାୟରେ ଜନ୍ମିତ ଶିଶୁ ଓ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟକୁ ନେଇ ଡାକ୍ତରମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

## ଅଣଆମେରିକୀୟ ଦମ୍ପତିଙ୍କୁ ଘାରିଛି ଚିନ୍ତା

ୱାଶିଂଟନ୍, ୨୩।୧

ଆମେରିକାର ନୂଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜାତୀୟ ସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ସ୍ୱାକ୍ଷର କରିଥିବା 'ବାର୍ଥରାଇଟ୍ ସିଟିଜେନ୍‌ଶିପ୍' ନିରୋଧୀ ନିର୍ଦ୍ଦେଶନାମା ସେଠାରେ ବସବାସ କରୁଥିବା ଅଣନାଗରିକ ଆସନ୍ନ ପ୍ରସବାଙ୍କ ପାଇଁ ଚିନ୍ତାବୃଦ୍ଧିର କାରଣ ହୋଇଛି। ଟ୍ରମ୍ପ୍ ଆମେରିକାକୁ ବେଆଇନ ପ୍ରବାସୀଙ୍କ ଅନୁପ୍ରବେଶ ରୋକିବା ସକାଶେ ଏହି ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଥିବା କହିଛନ୍ତି। ତଦନୁସାରେ ମା'ବାପାଙ୍କ ମଧ୍ୟରୁ ଅନ୍ୟୂନ ଜଣେ ଆମେରିକାର ନାଗରିକ, ଆଇନଗତ ଭାବେ ସ୍ଥାୟୀ ବାସିନ୍ଦା (ଗ୍ରୀନ୍‌କାର୍ଡ ଧାରକ) କିମ୍ବା ଆମେରିକା ସେନାର ସଦସ୍ୟ ହୋଇଥିଲେ, ସେମାନଙ୍କଠାରୁ ଜନ୍ମିତ ପିଲାଙ୍କୁ ନାଗରିକତ୍ୱ ମିଳିବ ବୋଲି ଏହି ଅର୍ଡରରେ ଉଲ୍ଲେଖ କରାଯାଇଛି। ଏଥିଲାଗି ଫେବୃଆରୀ ୨୦ ଡେଡ୍‌ଲାଇନ୍ ☞ ପୃଷ୍ଠା–୨

# 'ନେତାଜୀଙ୍କ ସଂଘର୍ଷକୁ ଲୋକଲୋଚନରୁ ହଜାଇ ଦିଆଯାଇଛି'

## ପରାକ୍ରମ ଦିବସ ଉଦ୍‌ଘାଟିତ

କଟକ, ୨୩।୧ (ଶିଲ୍ପା ପ୍ରିୟଦର୍ଶିନୀ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ବ୍ରିଟିଶ ସରକାରଙ୍କୁ ସର୍ବଦା ବିରୋଧ କରିଆସିଥିଲେ। ଏଭଳି କି ନେତାଜୀଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ସବୁ ବର୍ଗର ଲୋକ କାମ କରୁଥିଲେ। ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି, ଏହି ନାରା ଦେଇ ଦେଶବାସୀଙ୍କ ସେବାରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ। କିନ୍ତୁ ନେତାଜୀଙ୍କ ସଂଘର୍ଷ ଓ ଜୀବନ କାହାଣୀକୁ ☞ ପୃଷ୍ଠା–୨



ପରାକ୍ରମ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)






## ଆମେରିକାରେ ଆଗୁଆ... ପ୍ରଥମ ପୃଷ୍ଠାରୁ...

ରହିଥିବାରୁ ଏହା ପରେ କୌଣସି ଅଣଆମେରିକୀୟ ଦମ୍ପତିଙ୍କଠାରୁ ଦେଶରେ ଜନ୍ମିତ ପିଲା ଆମେରିକାର ପ୍ରାକୃତିକ ଜନ୍ମସିଦ୍ଧ ନାଗରିକତ୍ୱ ଅଧିକାରରୁ ବଞ୍ଚିତ ହେବେ। ଏହି ଅର୍ଡରକୁ ନେଇ ସ୍ଥାନୀୟ ଆପ୍ରବାସୀ ଦମ୍ପତି ଚିନ୍ତାରେ ପଡ଼ିଯାଇଛନ୍ତି। ବିଭିନ୍ନ ଦେଶର ପ୍ରବାସୀଙ୍କ ମଧ୍ୟରେ ବହୁ ଭାରତୀୟ ରହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ ଆମେରିକାରେ ବର୍ତ୍ତମାନ ୫୪ ଲକ୍ଷ ଭାରତୀୟ ବଂଶୋଦ୍ଭବ ରହିଛନ୍ତି, ଯାହାକି ସେଠାକାର ମୋଟ ଜନସଂଖ୍ୟାର ୧.୪୭%। ସେମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ଆପ୍ରବାସୀ ହୋଇଥିବାବେଳେ ୩୪% ଆମେରିକାରେ ଜନ୍ମିତ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଗ୍ରୀନ୍‌କାର୍ଡଧାରୀଙ୍କ ବ୍ୟତୀତ ବହୁସଂଖ୍ୟକ ଭାରତୀୟ ଅସ୍ଥାୟୀ ଏଚ୍-୧ବି ଏବଂ ଏଲ୍୧ ଭିଜା ବଳରେ ମଧ୍ୟ ଆମେରିକାରେ କାର୍ଯ୍ୟ କରୁଛନ୍ତି।

ଫେବୃଆରୀ ୧୯ ସୁଦ୍ଧା ପିଲା ଜନ୍ମକଲେ ଆମେରିକାର ନାଗରିକତ୍ୱ ପାଇବ। ଏହା ପରେ ଜନ୍ମିତ ଶିଶୁ ନିଜ ମା'ବାପାଙ୍କ ମୂଳ ଦେଶର ନାଗରିକ ବୋଲାଇବ। ନିଜ ପିଲାଙ୍କୁ ଆମେରିକା ନାଗରିକତ୍ୱ ପ୍ରଦାନ ସକାଶେ ମହିଳାମାନେ ଡାକ୍ତରଙ୍କ ସହ ଯୋଗାଯୋଗ କରୁଛନ୍ତି। ଏନେଇ ନ୍ୟୁଜର୍ସି ମାର୍ଟର୍ନିଟି କ୍ଲିନିକ୍‌ର ଡାକ୍ତର ଏସ୍.ଡି. ରାମା କହିଛନ୍ତି, ସି-ସେକ୍ସନ (ସିଜରିଆନ୍) ପାଇଁ ବର୍ତ୍ତମାନ ବହୁ ଫୋନ୍ କଲ୍ ଆସୁଛି। ଏପରି କି ପ୍ରସବ ସମୟ ହୋଇ ନ ଥିଲେ ମଧ୍ୟ ୮ ଓ ୯ ମାସର ଗର୍ଭବତୀମାନେ ପିଲା ଜନ୍ମ ପାଇଁ ତରତର ହେଉଛନ୍ତି। ଆସନ୍ତା ମାର୍ଚ୍ଚରେ ପ୍ରସବ ପାଇଁ ନିର୍ଦ୍ଧାରିତ ଜଣେ ୭ ମାସର ଗର୍ଭବତୀ ପ୍ରିଟର୍ମ ଡେଲିଭରି ଲାଗି ଆସିଥିଲେ। ତାଙ୍କୁ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଟେକ୍ସାସ୍‌ର ମହିଳା ରୋଗ ବିଶେଷଜ୍ଞ ଡା. ଜି.ଏସ୍. ମୁକ୍କଲ ଗତ ୨ ଦିନ ଭିତରେ ଏଭଳି ୨୦ ଦମ୍ପତିଙ୍କଠାରୁ ଫୋନ୍ କଲ୍ ରିସିଭ୍ କରିଥିବା ସୂଚନା ଦେଇଛନ୍ତି। ମୁକ୍କଲଙ୍କ ମତରେ ଆଗୁଆ ଜନ୍ମିତ ପିଲା ଓ ତାକୁ ଜନ୍ମ ଦେଉଥିବା ମା' ଉଭୟଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଛି। ଏଭଳି କେସ୍‌ରେ ପିଲାଙ୍କ ଫୁସ୍‌ଫୁସ୍ ବିକଶିତ ହୋଇପାରି ନ ଥାଏ। ମା'ଙ୍କ ସ୍ତନ୍ୟପାନରେ ଅସୁବିଧା, ପିଲାଙ୍କ ଓଜନ ହ୍ରାସ ଓ ସ୍ୱାୟବିକ ଜଟିଳତା ମଧ୍ୟ ଦେଖାଦେଇଥାଏ। ତେଣୁ ଯଥାସମ୍ଭବ ଉପଯୁକ୍ତ ସମୟକୁ ଅପେକ୍ଷା କରିବା ପାଇଁ ଦମ୍ପତିମାନଙ୍କୁ ପରାମର୍ଶ ଦିଆଯାଉଛି।

## 'ନେତାଜୀଙ୍କ ସଂଘର୍ଷକୁ...

ଇତିହାସ ପୃଷ୍ଠାର ଲୋକଲୋଚନରୁ ହଜାଇ ଦିଆଯାଇଛି। ୪ ଜଣ ପ୍ରସିଦ୍ଧ ଐତିହାସିକଙ୍କ ଦ୍ୱାରା ଲିଖିତ ଫ୍ରିଡମ ଷ୍ଟ୍ରଗଲ ଅଫ୍ ଇଣ୍ଡିଆ ନାମକ ପୁସ୍ତକର ୬୦୦ଶହ ପୃଷ୍ଠା ସମ୍ବଳିତ ପୁସ୍ତକରେ ମାତ୍ର ୫ଟି ପୃଷ୍ଠାରେ ନେତାଜୀଙ୍କ ସ୍ୱାଧୀନତା ଆନ୍ଦୋଳନକୁ ସୀମିତ କରି ରଖି ଦିଆଯାଇଛି। ଏପରି କି ନେତାଜୀଙ୍କ ସମ୍ପର୍କରେ ଅଧିକାଂଶ ପୁସ୍ତକରେ ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନା କରାଯାଇନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମଠାରେ ଗୁରୁବାର ନେତାଜୀ ଜୟନ୍ତୀ ଅବସରରେ ପରାକ୍ରମ ଦିବସ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଆହୁରି କହିଛନ୍ତି, ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆଜିର ଦିନ ଗର୍ବର ଦିନ। ନିର୍ଭୀକ, ବିପ୍ଳବୀ ଓ ଜନନାୟକ ଆଜିର ଦିନରେ ଜନ୍ମ ନେଇଥିଲେ। ଏଭଳି ଜଣେ ବୀରଙ୍କୁ ସମ୍ମାନ ଜଣାଇବା ନେଇ ପରାକ୍ରମ ଦିବସକୁ କଟକରେ ପାଳନ କରାଯାଉଛି। ସାଧାରଣ ଲୋକଙ୍କ ମଧ୍ୟରେ ଏକ ଧାରଣା ରଖି ଦିଆଯାଇଛି ଯେ, ନେତାଜୀଙ୍କ କୌଣସି ମିଲିଟାରି ତାଲିମ ନ ଥାଇ ସେ ସାମୂହିକ ଭାବେ ସଂଗ୍ରାମ କରିବାକୁ ବାଛିଥିଲେ। ଏପରି କି ଇତିହାସ ପୃଷ୍ଠାରେ ମଧ୍ୟ ଉଲ୍ଲେଖ କରାଯାଇନାହିଁ ଯେ, ନେତାଜୀ ଛାତ୍ର ଜୀବନରେ ମିଲିଟାରୀ ତାଲିମ ନେଇଥିଲେ ଏବଂ କଲେଜ ଜୀବନ ଶେଷବେଳକୁ ସେ ନନ୍ କମିଶନ୍ଡ ଅଧିକାରୀ ହୋଇସାରିଥିଲେ। ଏଭଳି କିଛି ବ୍ୟକ୍ତିଙ୍କୁ ମହାନ କରି ଗଢ଼ିତୋଳିବା ପାଇଁ ଇତିହାସ ପୃଷ୍ଠା ସେମାନଙ୍କୁ ଉଚିତ ସ୍ଥାନ ଦେଇନାହିଁ। ଏପରି କି ଇତିହାସ ପୃଷ୍ଠାରେ ଶହୀଦ ଭଗତ୍ ସିଂଙ୍କୁ ଜଣେ ଆତଙ୍କବାଦୀ ଭାବେ ଉଲ୍ଲେଖ କରାଯାଇଛି, ଯାହାକି ସମ୍ପୂର୍ଣ୍ଣ ଲଜ୍ଜାଜନକ। ଓଡ଼ିଆ ଅସ୍ମିତାର ପରିଚୟକୁ ପୁନଃସ୍ଥାପନ କରିବାକୁ ସମସ୍ତ ବରପୁତ୍ରଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ଏହି ସରକାର ପ୍ରୟାସ ଆରମ୍ଭ କରିଛି। ନେତାଜୀଙ୍କ ସମ୍ପର୍କିତ ଅନେକ କଥା ସର୍ବସାଧାରଣଙ୍କୁ ଜାଣିବା ଆବଶ୍ୟକ। ନେତାଜୀଙ୍କ ମୂଲ୍ୟବୋଧ ଓ ଦୂରଦୃଷ୍ଟିକୁ ଭୁଲି ହେବ ନାହିଁ। ତାଙ୍କ ସଂଗ୍ରାମ ଓ ଜାତୀୟତା ଏବଂ ସମସ୍ତ କାର୍ଯ୍ୟ ଆଜିର ଯୁବପିଢ଼ିଙ୍କୁ ଅନୁପ୍ରେରିତ କରିବ ନିଶ୍ଚୟ ବୋଲି ମାଝୀ କହିଥିଲେ। ଅନ୍ୟତମ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ପି. ସିଂଦେଓ, ଆଇଏନ୍‌ଏସ୍ ଟ୍ରଷ୍ଟ ଚେୟାରମ୍ୟାନ ବ୍ରିଗେଡିଅର ଆର୍.ଏସ୍. ଚିକ୍କାରା, ସଂସ୍କୃତି ବିଭାଗ ସଚିବ ଅରୁଣିଷ ଚାୱଲା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ବାର୍ତ୍ତା ଭିଡିଓ ଜରିଆରେ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଆଇଏନ୍‌ଏସ୍ ଯବାନ ଲ୍ୟୁଟ୍‌ନାଣ୍ଟ ଆର. ମାଧବନଙ୍କୁ ମୁଖ୍ୟମନ୍ତ୍ରୀ ମାଝୀ ସମ୍ବର୍ଦ୍ଧିତ କରିଥିଲେ। ଏଏସ୍‌ଆଇ ଏଡିଜି ଆନନ୍ଦ ମଧୁକର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ 'କଦମ୍ କଦମ୍ ବଢ଼ାଏ ଯାଓ' ଅବନ୍ତିପୁର ଓମ୍ ଫାଉଣ୍ଡେଶନର କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ତିନିଦିନିଆ ପରାକ୍ରମ ଦିବସ ପ୍ରଦର୍ଶନୀରେ ନେତାଜୀଙ୍କ ଭାସ୍କର୍ଯ୍ୟ ଶିଳ୍ପ, ୩୦ ଫୁଟ ଉଚ୍ଚତାବିଶିଷ୍ଟ ବାଲୁକା ଶିଳ୍ପ, ପୁସ୍ତକ, ଚିଠି, ଥ୍ରୀଡି ଇଫେକ୍ଟ, ଫଟୋ ଗ୍ୟାଲେରି, ଏଆଇ ଦ୍ୱାରା ନେତାଜୀଙ୍କ ଜୀବନ କାହାଣୀ ଓ ବାର୍ତ୍ତା ପ୍ରଦର୍ଶିତ କରାଯାଇଛି।

# ସୁରେନ୍ଦ୍ର ସାଏ ଭାରତୀୟ ଜନଜୀବନର ମହାନାୟକ

## ଜନ୍ମପୀଠ ଖିଣ୍ଡାକୁ ଦର୍ଶନୀୟ, ସଙ୍କଳ୍ପର ସ୍ଥଳୀ ଭାବେ ବିକଶିତ କରାଯିବ

ସମ୍ବଲପୁର,୨୩।୧ (ଭବାନୀ ଶଙ୍କର ଭୋଇ)



ଖିଣ୍ଡା ଗାଁରେ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ଅତିଥିବୃନ୍ଦ।

ବୀର ସୁରେନ୍ଦ୍ର ସାଏ ଭାରତୀୟ ଜନଜୀବନର ମହାନାୟକ ଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଖିଣ୍ଡା ଗ୍ରାମରେ ଗୁରୁବାର ସଂଗ୍ରାମୀଙ୍କ ୨୧୭ତମ ଜୟନ୍ତୀରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଅପରାହ୍ନ ୨ଟା୩୦ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ଦେଶର ସ୍ୱାଧୀନତା ସଂଗ୍ରାମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ। ସୁରେନ୍ଦ୍ର ସାଏ ହେଉଛନ୍ତି ଓଡ଼ିଶାର ଗୋଟିଏ ଅତ୍ୟନ୍ତ ପରିଚୟ। ସେ ତାଙ୍କ ପରିବାର ସଦସ୍ୟ ବ୍ରିଟିଶ ଆଗରେ ମୁଣ୍ଡ ନ ନୁଆଁଇ ସଂଘର୍ଷ କରିଥିଲେ। ସେଥିପାଇଁ ତାଙ୍କୁ ହଜାରିବାଗ ଏବଂ ପରବର୍ତ୍ତୀ ଅବସ୍ଥାରେ ଆସିରଗଡ଼ ଦୁର୍ଗରେ ଜେଲ୍ ଦଣ୍ଡାଦେଶ ଭୋଗିବାକୁ ପଡିଥିଲା। ଏହି ଭୂମିରେ ସୁରେନ୍ଦ୍ର ସାଏ ଉଲଗୁଲାନ୍(ବିପ୍ଳବ) ଆରମ୍ଭ କରିଥିଲେ। ତାହା ସମ୍ବଲପୁର ସମେତ ସାରା ପଶ୍ଚିମ ଓଡ଼ିଶାକୁ ବ୍ୟାପି ଯାଇଥିଲା। ସେଭଳି ଜଣେ ଅଦ୍ୱିତୀୟ ସଂଗ୍ରାମୀଙ୍କ ଜନ୍ମମାଟି ଖିଣ୍ଡା ଗ୍ରାମକୁ ଆଦର୍ଶ ଗାଁରେ ପରିଣତ କରିବା ପାଇଁ ଆମେ ସମସ୍ତେ ସଙ୍କଳ୍ପ କରିବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଖିଣ୍ଡାକୁ ଏକ ମାନକ ଗାଁ ଭାବେ ବିକଶିତ କରିବାକୁ ପ୍ରଶାସନକୁ ଦାୟିତ୍ୱ ଦେଇ କହିଥିଲେ ଯେ, ଖିଣ୍ଡାର ବିକାଶ ପାଇଁ ଏକ ନକ୍ସା ପ୍ରସ୍ତୁତ କରୁ। ଖିଣ୍ଡାର ବିକାଶ ପାଇଁ କେନ୍ଦ୍ର ସରକାର ସ୍ୱଦେଶ ଦର୍ଶନ ଯୋଜନାରେ ସାମିଲ କରିଛନ୍ତି ଏବଂ ରାଜ୍ୟ ସରକାର ମଧ ବିକାଶ ପାଇଁ ଯୋଜନା କରୁଛନ୍ତି। ଏହି ଗାଁକୁ ଏକ ପର୍ଯ୍ୟଟନସ୍ଥଳୀ ନୁହେଁ ବରଂ ଦର୍ଶନୀୟ ଏବଂ ସଙ୍କଳ୍ପ ସ୍ଥଳୀ ଭାବେ ବିକଶିତ କରିବା। କୁଦୋପାଲିରେ ଛଇଲ ସାଏଙ୍କ ସମେତ ୫୭ ଜଣ ସଂଗ୍ରାମୀଙ୍କ ବଳିଦାନ ଦିବସ ଡିସେମ୍ବର ୩୦ରୁ ଜାନୁଆରୀ ୨୩ ପର୍ଯ୍ୟନ୍ତ ୨୫ ଦିନ ଧରି ସମ୍ବଲପୁର ଅଞ୍ଚଳରେ ବଳିଦାନ ସ୍ମୃତି ମନେପକାଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ।

ଏଥିପୂର୍ବରୁ ଖିଣ୍ଡା ଛକରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏବଂ ଅନ୍ୟ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ବହୁ ସଂଖ୍ୟାରେ ଯୁବତୀଯୁବକ ତ୍ରିରଙ୍ଗା ପତାକା ଧରି ବିରାଟ ପଟୁଆରରେ ପଦଯାତ୍ରା କରି ବୀର ସୁରେନ୍ଦ୍ରଙ୍କ ଜନ୍ମଗାଁରେ ପହଞ୍ଚିଥିଲେ। ଏହି ଅବସରରେ ସୁରେନ୍ଦ୍ର ସାଏଙ୍କ ଦାୟାଦ ଲାଲ ଫକୀର ସାଏଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜନ୍ମପୀଠରେ ଆୟୋଜିତ ସ୍ୱତନ୍ତ୍ର ସଭାରେ କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସିନେ ନିର୍ମାତା ସବ୍ୟସାଚୀ ମହାପାତ୍ର ଓ ବୀର ସୁରେନ୍ଦ୍ର ସାଏଙ୍କ ଦାୟାଦ ଲାଲ ଫକୀର ସାଏ ଉପସ୍ଥିତ ଥିଲେ।


### Government of Odisha
### e-Procurement Notice

No.O-1320

E.Mail : rw_boudh@yahoo.co.in

Bid Identification No. Online tender/13/S.E.RW BOUDH/2024-25

**NATIONAL COMPETITIVE BIDDING THROUGH e-Procurement**

| | | |
|---|---|---|
| | Name of the work | : Road works - 2 Nos |
| 1. | Estimated cost | : Rs. 9.79 lakhs to 12.09 (approximately) |
| 2. | Period of completion | : 01 (One) Calendar month |
| 3. | Date & Time of availability of Bid documents in the portal | : From 27.01.2025 10.00 A.M. to 03.02.2025, 5.00 P.M. |
| 4. | Last date / Time for receipt of bids in the portal | : 03.02.2025 up to 5.00 P.M. |
| 5. | Last date / Time for seeking of Tender clarification | : 02.02.2025 up to 5.00 P.M. |
| 6 | Date & Time of opening of Tender / Bid | : 04.02.2025 at 11.00 A.M. |
| 7 | Name & Address of the officer inviting Bid | : Superintending Engineer, R.W. Division, Boudh |

**Further details, corrigendum (s) etc can be seen from the e-procurement portal "Https://www.tendersorissa.gov.in"**

Sd./- Superintending Engineer
R.W. Division, Boudh

OIPR-25061/11/0015/2425

### ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର
### Office of the Jaleswar Municipality, Jaleswar

Dist.: Balasore, Odisha-756032
Ph.: (06781) 222407 * Email- jaleswarmunicipality@gmail.com

No. 201 Date: 22.01.2025

### E-Procurement Notice
**BID Identification No. JM_05_2024_25**

No. C-1536:- Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

| | | | |
|---|---|---|---|
| 1. | Name of the Work | : | Civil Const. works as mentioned in DTCN |
| 2. | No. of works | : | 01 |
| 3. | Estimated Cost | : | As per Work List |
| 4. | Period of Completion | : | As per DTCN |
| 5. | Date and Time of Bidding | : | 24.01.2025 to 05.02.2025 |
| 6. | Last date and time for receipt | : | 05.02.2025 upto 5.30 PM |
| 7. | Technical Bids shall be opened on | : | 06.02.2025 from 11.00 AM onwards |
| 8. | Financial Bids shall be opened on | | 10.02.2025 from 11.00 AM onwards |
| 9. | Name and address of the Officer Inviting Bid | : | Executive Officer, Jaleswar Municipality |

Further details can be seen from the e-procurement portal i.e. https://tendersodisha.gov.in/nicgep/app.

OIPR-13126/11/0014/2425 Sd./- Executive Officer, Jaleswar Municipality

### GOVERNEMENT OF ODISHA
### OFFICE OF THE ADDITIONAL CHIEF ENGINNER
### ANGUL MINOR IRRIGATION CIRCLE, DHENKANAL

No. - 47 Date : 21.01.2025

**1st CORRIGENDUM TO TENDER CALL NOTICE NO. - NCB-02/DRIP-AMIC/2024-25**

**No.A-930** : The following modifications are made in respect of the Tender Call Notice No. NCB-02/DRIP- AMIC/2024-25 due to some unavoidable circumstances.

1. The Tender Call Notice No. - NCB-02/DRIP-AMIC/2024-25 will be available for online bidding from dated **24.01.2025 at 10.30 A.M. to 23.02.2025 up to 15.00 Hours** instead of dated 15.01.2025 at 10.30 A.M. to dated 13.02.2025 up to 15.00 Hours.
2. The time and date of Pre-bid meeting will be conducted on dated **10.02.2025 up to 15.00 Hours** instead of dated 31.01.2025 up to 15.00 Hours.
3. The last date & time for receipt of bids will be dated **23.02.2025 up to 15.00 Hours** instead of dated 13.02.2025 up to 15.00 Hours.
4. The time and date of opening of bids (Technical Part) will be on dated 24.02.2025 at 16.00 Hours instead of dated 14.02.2025 at 16.00 Hours.

All other terms and conditions remain unchanged.

Sd./- Additional Chief Engineer,
Angul M.I.Circle, Dhenkanal

OIPR-32522/11/0004/2425

### ODISHA HYDRO POWER CORPORATION LTD

OHPC

CIN: U40101OR1995SGC003963
(GOVERNMENT OF ODISHA UNDERTAKING)

**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No. CAD-2261

**No.-CHEP/TW-102 (Vol.-IV)/263 Date: 22.01.2025**

**TENDER CALL NOTICE NO.-CHEP-59/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from Reputed Firms / Agencies for the following work as mentioned below;

| Description | Cost of Tender Paper (Non-refundable) | Estimated Cost / EMD (Refundable) |
|---|---|---|
| Providing Under water diving & salvage works at Chiplima Power House | Rs.4,720.00 (Rs.4,000.00 + GST @18%) | Rs.9,39,999.00 / EMD = Rs.9,400.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.24.01.2025 up to 12:30 PM of dtd.03.02.2025**.

OIPR-04006/11/0059/2425 Sd/- C & P Head, CHEP, Chiplima

### OFFICE OF THE DIVISIONAL FOREST OFFICER, BERHAMPUR DIVISION

At/P.O. Courtpeta Square, P.O- Berhampur-760004, Dist- Ganjam (Odisha)
Ph. No. 0680-2281354, email - dfo.berhampur@odisha.gov.in

**QUOTATION CALL NOTICE**

No. MM- : Sealed Quotations are invited from the intending suppliers/ manufactures for supply of the following Uniform article for year 2024-25.

| Sl. No. | Name of the Uniform Article | Approximate requirement ( As per funds available) |
|---|---|---|
| 1 | Khaki Uniform Cloth | 261 Mtrs |
| 2 | Rain Coat (Pant & Shirt) | 84 Nos. |
| 3 | Mosquito Net | 84 Nos. |
| 4 | Leather Belt With Plate | 81 Nos. |
| 5 | Woolen Jersy | 81 Nos. |
| 6 | Pea Cap (For Forester) | 29 Pairs. |
| 7 | Star (For Forester) | 29 Pairs. |
| 8 | OF Letter of Forester | 29 Pairs. |
| 9 | Beret Cap (Forest Guard) | 52 Nos. |
| 10 | Odisha Forest letter (Forest Guard) | 52 Pairs. |
| 11 | Cap Badge | 81 Nos. |
| 12 | Arm Badge | 81 Nos. |
| 13 | Whistle With Cord | 81 Nos. |

The quotations should reach in the Office of the undersigned by 12.00 Noon of 30.01.2025. The quotations will be opened on 30th January, 2025 at 4.00 P.M. by the purchase committee in presence of the intending bidders. The Authority reserves the right to accept or reject the quotations without assigning any reason thereof. The quotations should be accompanied by copy of (1) Valid PAN Card (2) GST Certificate. Samples should be attached with the quotation. If any supplier fails to provide sample in the quotation, he should produce the same before the tender committee during opening of bids. The supplier may be required to supply in full or part there of as per availability of funds of the purchaser.

The financial quote should come in the following format.

| Sl. No. | Name of item | Unit cost (in Rs.) | Rate of GST Per item (in Rs.) | Final cost per unit (in Rs.) |
|---|---|---|---|---|
| 1 | 2 | 3 | 4 | 5 |

Sd./- Divisional Forest Officer,
Berhampur Division

OIPR-08038/11/0030/2425

### OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)

ଓଡ଼ିଶା ସରକାର

POWER HOUSE SQUARE, UNIT-V, BHUBANESWAR
TEL. NO. : 0674-2394873, Fax : 2391255/2391024
Email: sdaorissa@nic.in/eic-epcei@nic.in

**Notice for Engagement of Consultant on temporary basis in Energy Conservation wing of Engineer in Chief (Electricity)–cum-Principal Chief Electrical Inspector, Odisha, Bhubaneswar**

**No.AA-35** : Engineer-in-Chief-cum-Principal Chief Electrical Inspector, Odisha under the Department of Energy, Govt. of Odisha, as the State Designated Agency (SDA), Odisha for Energy Conservation activities invites applications from eligible candidates for engagement of consultants in Energy Conservation wing of the undersigned. The last date of receipt of completed applications is **31.01.2025, 11:00 A.M.**

For further details and to download the application forms, please visit the website : eicelectricityodisha.nic.in

The authority reserves the right to accept / reject any application without assigning any reasons thereof.

**"Conserve energy today ; secure it for tomorrow"**

Sd./-
OIPR-04066/11/0019/2425 EIC(E)-cum-PCEI & SDA (0)

### Standard Bidding Document
### Government of Odisha
### Forest Environment & Climate Change Department, Divisional Forest Officer, Phulbani K.L. Division

**SHORT TENDER NOTICE FOR HIRING OF PRIVATE VEHICLES**

**No.MM-431** : Sealed tenders are invited from interested Service Providers / Travel Agencies (Registered) for providing 1(One) Scorpio (Preferable S-12 model or higher) and 6 (six) Nos. of A.C. Diesel driven, Mahindra Bolero which shall confirm to the Terms and conditions (Annexure-I) for official use in the jurisdiction of Divisional Forest Officer, Phulbani K.L. Division. One Scorpio and one Bolero will be used for 1 year and 5 nos. of Bolero will be used for 6 to 8 months. Hiring charges will be paid by monthly basis. The last date of submission of Tender is on dated 18.02.2025 up to 12.00 Noon. The tender papers are to be opened on dated 19.02.2025 at 4.00 P.M. in the office of the Divisional Forest Officer, Phulbani (KL) Division in presence of applicants.

The application form for tender containing General Bid information and terms and condition etc. for hiring of vehicles will also be available in the office of the undersigned on all working days.

Sd./- Divisional Forest Officer
Phulbani KL Division

OIPR-08069/11/0002/2425

No.C-1512:

### CUTTACK MUNICIPAL CORPORATION
### "e" PROCUREMENT NOTICE

**Tender Call Notice No.1111 (PW) Date 20.01.2025**
**Tender ID : 2024_ORULB_107986 (Two Bid)**

Civil Work - 4 No.
Bid Value : Rs.61.20 Lakhs to Rs.84.01 Lakhs
Date and Time Schedule:

| Start | End | Opening |
|---|---|---|
| 11.00 AM on Dt.20.01.2025 | 5.00 PM on dt.01.02.2025 | 11.00 A.M. on Dt.05.02.2025 |

Tender Details: Can be seen from the procurement portal: www.tendersorissa.gov.in.

Sd./- Executive Engineer
OIPR-13031/11/0125/2425 City Division-III, CMC

### ZILLA SWASTHYA SAMITI (ZSS), Jharsuguda
### Office of the CDM&PHO, Jharsuguda

Advt. No. 240 / DMF/2025 Date: 21/01/2025

**Walk-in-interview**

No.E-702:- Interested candidates having requisite qualification are requested to attend the Walk-in-Interview in the office chamber of the undersigned for the following contractual posts of DHH, Jharsuguda under District Mineral Foundation (DMF) Fund, Jharsuguda for a period of 11 months. The contract may be renewed for the next term subject to requirement and performance.

| Sl. No. | Name of the Post | Vacancy | Remuneration | Date of Walk-in-Interview |
|---|---|---|---|---|
| 1 | Medical Officer (Critical Care Medicine) | 1 | Negotiable | 10.30 to 11.30 AM on 12.02.2025 or any Govt working day subject to Vacancy |
| 2 | Medical Officer, (MBBS) Trained in ICU | 2 | | |

The above posts are purely temporary & can be terminated at any point of time. Canvassing in any form will render the candidate disqualified for the position. Details of qualification, Experience and term of reference of each category of post along with application form can be downloaded from the district website https://jharsuguda.odisha.gov.in. The undersigned reserves the right to cancel any or all the applications without assigning any reason thereof.

OIPR-10037/11/0009/2425 Sd./- Chief District Medical & Public Health Officer, Jharsuguda

### ODISHA TOURISM DEVELOPMENT CORPORATION LIMITED

(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14

Letter No.2804 **INVITATION FOR BIDS (IFB)** Date:21.01.2025

No.CAD-2252: **NOTICE INVITATION FOR BIDS (NIFB)**

**E-Procurement Notice No.BP-I/13/2024-25 dt.21.01.2025**

1.Nature of Work: Rising of Boundary Wall & Room for Cruise Crew members with goods storage room, repair and renovation of existing I.W.D. waiting hall-cum-entrance plaza (Kalijai) & other miscellaneous works. 2. Total No. of Works: 02 Nos., 3. Value of Works: Rs.17.00 Lakhs to 39.23 Lakhs, 4. Bid Security: As per NIT., 5. Class of Contractor: As per NIT., 6. Period of Completion: 04 (Four) Months, 7. Other details as follows:

| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Executive Engineer, OTDC Ltd., | BP-I/13/2024-25 Dt.21.01.2025 | From 24.01.2025 | To 02.02.2025 | 11.30 Hours of dt.03.02.2025 in the office of the Executive Engineer, OTDC Ltd., Bhubaneswar |

Further details can be seen from the Govt. Website **www.etenderodisha.gov.in**

Sd./- S.Naik
OIPR-37002/11/0042/2425 Executive Engineer, O.T.D.C. Ltd., BBSR

### ROURKELA MUNICIPAL CORPORATION

Uditnagar, Rourkela, Pin-769012
Mail Id : rourkelamunicipality@gmail.com
Telephone : (0661) 2500388

Letter No. 1245 Date. 21.01.25

**Expression of Interest (EOI) for Disposal of Recyclable and Non-recyclable waste materials from Material Recovery Facilities under Rourkela Municipal Corporation**

**No.C-1524** : EOIS are invited from the intending registered Agencies/ Firms/shops for **"Disposal of Recyclable and Non-recyclable waste materials from Material Recovery Facilities under Rourkela Municipal Corporation"**. The agency should submit the EOI in their letter head as per the prescribed formats given in the EOI document in the sealed cover scribing as **"EOI for Disposal of Recyclable and Non-recyclable waste materials from Material Recovery Facilities under Rourkela Municipal Corporation"** and should submit their EOI through speed post/Registered post/courier or By Hand on or before 03.02.25 up to 4.00 P.M. The EOIs should be accompanied both Photocopies of PAN, valid GST registration certificate, Registration Certificate and Experience on handing such projects, EMD of Rs. 50,000/- (Rupees Fifty Thousand only) and paper cost of Rs. 7,080/- including GST(Non-refundable) in shape of DD drawn in favour of Commissioner, Rourkela Municipal Corporation payable at Rourkela. The EOIs will be opened on the same day at 4.30 P.M. in presence of the bidder or their authorized representatives who wish to attend. RMC will enter with an agreement with the successful bidder by keeping the EMD amount as Security Deposit (SD) which will be refunded without interest after completion of the agreement period. The complete EOI document can be downloaded from the website of the Rourkela Municipal Corporation www.rmc.nic.in.

Authority reserve the right to accept or reject any or all EOIs without any reason thereof.

Sd./- Commissioner
OIPR-13131/11/0075/2425 Rourkela Municipal Corporation

### OFFICE OF THE PANCHAYAT SAMITI, CHATRAPUR

Letter No. - 927 Date : 20.01.2025

**DETAIL TENDER CALL NOTICE 02 /BDO-CHATRAPUR OF 2024-25**

**No.i-437** : The Block Development Officer, Chatrapur invites sealed percentage rate tenders in single cover system on behalf of Governor of Odisha from registered and eligible class of civil contractor of the state PWD (R&B)/water Resources/ rural works/M. I/CPWD for the following work eventually to be drawn up in the PWD F-2 forms in conformity with the Detailed Tender Call Notice.

| Sl. No. | Name of the work | Value of work | Bid Security @% (in Rs) | Cost of Bid document (in Rs.) | Class of Bidder | Period of completion |
|---|---|---|---|---|---|---|
| 1 | Construction of GPLF building at Podapadar | 2424475/- | 24245/- | 6000/- + GST 18% | 'B & C' class | 6 (Six) Calendar month |
| 2 | Construction of GPLF building at Kanamana | 2422801/- | 24228/- | 6000/- + GST 18% | 'B & C' class | 6 (Six) Calendar month |
| 3 | Construction of GPLF building at Agastinuagaon | 2424475/- | 24245/- | 6000/- + GST 18% | 'B & C' class | 6 (Six) Calendar month |
| 4 | Construction of GPLF building at S.R. Pur | 2424838/- | 24248/- | 6000/- + GST 18% | 'B & C' class | 6 (Six) Calendar month |
| 5 | Construction of GPLF building at Kalipalli | 2424475/- | 24245/- | 6000/- + GST 18% | 'B & C' class | 6 (Six) Calendar month |
| 6 | Construction of GPLF building at Tanganapalli | 2408953/- | 24090/- | 6000/- + GST 18% | 'B & C' class | 6 (Six) Calendar month |

The Details terms and condition of the tender can be seen w.w.w.ganjam.nic.in and also in the office at the Block Development Officer, Chatrapur.

Sd./- Block Development Officer
OIPR-19102/11/0005/2425 Chatrapur

### GOVERNMENT OF ODISHA
### OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR

No. O-1319

Ph. No.- 0674-2301787, Fax No.-0674-2300965, E Mail I.D.- eerw_bbsr@yahoo.co.in

No.:- Tender - Online-BBSR Divn.- 31 Date:- 20.01.2025

**e-Procurement NOTICE**

1. Name of the work : **CD Work**
2. Total No. of Road : **1 No.**
3. **Class of Contractor** (As per Works Deptt. Office memorandum no.12586 dt. 09.09.2022)
   - **a) Above Rs.20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.**
   - **b) Upto Rs.40.00 lakh : 'C' Class (of Odisha PWD) or equivalent class of other licensing authorities.**
   - **c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities.**
4. Estimate cost of individual project : **Rs.84.03 lakh**
5. Time for completion : **2 (Two) calendar months**
6. **Other Details:**

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhubaneswar | Tender Online - BBSR Divn.- 31 | 24.01.2025 at 11.00 A.M. | 03.02.2025 up to 5.00 P.M. | 04.02.2025 at 11.00 A.M. | 06.02.2025 at 11.00 A.M. |

7. Further details can be seen from the website **www.tendersorissa.gov.in**
8. Corrigendum if any / shall only be published in the above website

OIPR-25189/11/0027/2425 Sd./- Superintending Engineer, Rural Works Division, BBSR

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ଲୁଟ ଘଟଣା, ଜଣେ ଗିରଫ

ବ୍ରହ୍ମପୁର,୨୩।୧ (ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ପଚ୍ଚା ରିକ୍ସା ଚାଳକଙ୍କୁ ବନ୍ଧୁକ ଦେଖାଇ ଲୁଟ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶ୍ରୀରାମନଗର ସ୍ଥିତ ଜଗନ୍ନାଥ ବିହାରର ସୁମନ ଚୌଧୁରୀ(୨୨)। ପୂର୍ବରୁ ଏହି ମାମଲାରେ ଫାଷ୍ଟଗେଟ ଅଟୋ ନଗରର କାଳିଆ ସାହୁଙ୍କୁ ଗିରଫ କରାଯାଇଥିଲା। ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଗତ ମାସ ୨୩ ତାରିଖ ସନ୍ଧ୍ୟାରେ ପଚ୍ଚା ରିକ୍ସା ଚାଳକ ଓ ତାଙ୍କ ସାଙ୍ଗ ଶ୍ରୀରାମନଗର ଜଗନ୍ନାଥ ବିହାର ୮ମ ଲାଇନ ରାସ୍ତାରେ ଚାଲି ଯାଉଥିବା ବେଳେ ଅଭିଯୁକ୍ତମାନେ ଅଟକାଇବା ସହ ଧମକ ଦେଇ ଟଙ୍କା ମାଗିଥିଲେ । ପରେ ୨ ଜଣ ଆକ୍ରମଣ କରିଥିଲେ। ରିକ୍ସା ଚାଳକଙ୍କ ମୋବାଇଲ, ରୁପା ଚେନ ଓ ନଗଦ ୨୩୨ ଟଙ୍କା ଲୁଟି ନେଇଥିଲେ।

### ତାଲାବନ୍ଦ ଘରୁ ଚୋରି

ଗୋପାଳପୁର,୨୩।୧(ନବୀନ ରାଜ ଆଚାରୀ) ଗୋପାଳପୁର ଥାନା ଅନ୍ତର୍ଗତ ଡ଼ିଫେନ୍ସ କଲୋନୀରେ ଏକ ତାଲା ବନ୍ଦ ଘରୁ କେତେ ଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ୬୦୦ ଗ୍ରାମ ରୁପା ଅଳଙ୍କାର ଓ ୩୦ ହଜାର ଟଙ୍କା ଚୋରି କରି ନେଇଯାଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଡ଼ିଫେନ୍ସ କଲୋନୀରେ ଇତିମାୟ ବେହେରା ସପରିବାର ରହନ୍ତି। ଗତ ୨୨ ତାରିଖରେ ଏକ ବାହାଘରରେ ଯୋଗଦେବାକୁ ପରିବାର ସହ ଯାଇଥିଲେ। ଗୁରୁବାର ସକାଳେ ଘରେ ପହଞ୍ଚି ଦେଖିବା ବେଳକୁ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ଏବଂ ଆଲମାରୀ ଭଙ୍ଗା ହୋଇ ସେଥିରେ ଥିବା ରୁପା ମୁଦ୍ରା ୩ ଶହ ଗ୍ରାମ, ରୁପା ପାଉଁଜି ୩ ଶହ ଗ୍ରାମ, ୩୦ ହଜାର ଟଙ୍କା ଓ ଏଲଇଡ଼ି ଟିଭି ଦୁର୍ବୃତ୍ତମାନେ ଚୋରାଇ ନେଇଥିବା ଦେଖିଥିଲେ।

# ସୁରକ୍ଷା ଓ ଅଧିକାର ପାଇଁ ସଚେତନତା ଜରୁରୀ

ବ୍ରହ୍ମପୁର, ୨୩।୧(ସୁବାସ ଚନ୍ଦ୍ର ପାଢ଼ୀ) ପ୍ରତ୍ୟେକ କ୍ଷେତ୍ରରେ ଝିଅମାନଙ୍କ ଅଭୂତପୂର୍ବ ସଫଳତା ଓ ଦକ୍ଷତା ସତ୍ତ୍ୱେ ଆଜି ମଧ୍ୟ ଆମ ମାନସିକତାରେ ଲିଙ୍ଗଗତ ଭେଦଭାବ ଛାଇହୋଇ ରହିଛି। ସମାଜ ଓ କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ବାଳିକାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ସାମଜରେ ଅନ୍ଧ ମାନସିକତା ସ୍ୱରୂପ ପୁଅମାନଙ୍କ ତୁଳନାରେ ଝିଅମାନଙ୍କ ଅନୁପାତ କମିବାରେ ଲାଗିଛି। ଏକ ସର୍ଭେରୁ ଜଣାଯାଇଛି ଯେ, ଓଡ଼ିଶାରେ ୨୦୧୧ରେ ୧୦୦୦ ପୁଅରେ ୯୭୯ ଝିଅ ଥିବା ବେଳେ ୨୦୨୦ରେ ତାହା ୯୨୫ରେ ପହଞ୍ଚିଛି। ଗଞ୍ଜାମ ଜିଲାରେ ଦେଖିବାକୁ ଗଲେ ୧୦୦୦ ପୁଅରେ ୯୮୩ ଝିଅ ଅଛନ୍ତି। କିନ୍ତୁ ଏହି ପୁଅ ଝିଅ ଅନୁପାତ ଗ୍ରାମାଞ୍ଚଳରେ ଅଧିକ ବୋଲି ୱେବ ସାଇଟ ତଥ୍ୟରୁ

**ଆଜି ଜାତୀୟ ବାଳିକା ଦିବସ**

ଜଣାପଡିଛି। ୧୦୦୦ ପୁଅରେ ୯୯୫ ଝିଅ ଅଛନ୍ତି। ତେବେ ଗ୍ରାମାଞ୍ଚଳରେ ସରକାରଙ୍କ ସଚେତନତା କାମ ଦେଉଥିବା ଅନୁମାନ କରାଯାଉଛି। ବାଳିକଙ୍କ ସୁରକ୍ଷା ଓ ଅଧିକାର ପାଇଁ ବ୍ୟାପକ ସଚେତନତା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ବାଳିକା ଶିଶୁମାନଙ୍କ ଅଧିକାରକୁ ନେଇ ଆମ ସମାଜରେ ଅନେକ ବିଭ୍ରାନ୍ତିକର ଧାରଣା ବା କୁସଂସ୍କାର ବଳବତ୍ତର ରହିଛି। ନିଜର ଲାଭ ପାଇଁ ଏବଂ ନିଜର ପୁରୁଣାକାଳିଆ ଚିନ୍ତାଧାରା ପାଇଁ ସେମାନେ ନିଜର କନ୍ୟା ସନ୍ତାନର ଭବିଷ୍ୟତକୁ ମଧ ବାଜିରେ ଲଗାଇ ଦେଉଛନ୍ତି। ଯାହାର ପରିଣାମ ସ୍ୱରୂପ କନ୍ୟା ଭ୍ରୁଣହତ୍ୟା, ଶିଶୁ କନ୍ୟା ମୃତ୍ୟୁ, ବାଲ୍ୟ ବିବାହ, ପୁଷ୍ଟିହୀନତା, ଅଧାରୁ ପାଠ ଛାଡି ବାଳ ଶ୍ରମିକ, ବାଳିକା ଚାଲାଣ,ଯୌନ ନିର୍ଯାତନା, ଲିଙ୍ଗଗତ ବୈଷମ୍ୟ ଇତ୍ୟାଦିର ଶିକାର ହୁଅନ୍ତି ନିରୀହ ବାଳିକା ଶିଶୁ। ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଜାନୁଆରୀ ୨୪ ତାରିଖକୁ ଜାତୀୟ ବାଳିକା ଦିବସ ପାଳନ କରାଯାଉଛି। ଏନେଇ କେନ୍ଦ୍ର ସରକାର ବେଟି ବଚାଓ ବେଟି ପଢ଼ାଓ , ସୁକନ୍ୟା ସମୃଦ୍ଧି ଯୋଜନା ,ବାଳିକା ସମୃଦ୍ଧି ଯୋଜନା, କିଶୋରୀ ପୋଷଣ କାର୍ଯ୍ୟକ୍ରମ ପରି ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଓଡ଼ିଶାରେ ମଧ୍ୟ ବିଜୁ କନ୍ୟାରତ୍ନ, ବିଜୁ ଶିଶୁ ସୁରକ୍ଷା ଯୋଜନା, ମଧୁବାବୁ ଆଇନ ସହାୟତା ଇତ୍ୟାଦି ପ୍ରଣୟନ କରିବା ସହିତ ୬ରୁ ୧୪ ବର୍ଷ ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା ଏବଂ ବାଳିକାମାନଙ୍କୁ ଆତ୍ମନିର୍ଭର ହେବା ପାଇଁ ମାଗଣା ସାଇକେଲ ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତଥାପି ବାଳିକା ଶିଶୁ ସେମାନଙ୍କ ସର୍ବନିମ୍ନ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ପରିବାରୁ ପ୍ରଥମେ ଆରମ୍ଭ ହେଉଛି 'ଝିଅ ଜନମ ପର ଘରକୁ' ବା 'ଦେଲେ ନାରୀ ହେଲେ ପାରି' ପରି ଲିଙ୍ଗଗତ ଭେଦଭାବ। ତେଣୁ ପୁଷ୍ଟିକର ଖାଦ୍ୟ, ଶିକ୍ଷା ଓ ଉପଯୁକ୍ତ ଯତ୍ନରୁ ବଞ୍ଚିତ ହୁଏ। ତେଣୁ ପ୍ରଥମେ ପରିବାର କହିଲେ ମାଆବାପାଙ୍କ ମାନସିକତାର ପରିବର୍ତ୍ତନ ନିହାତି ଦରକାର। ମାନସିକତାର ପରିବର୍ତ୍ତନ କେବଳ ଦୃଢ଼ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଦୂର କରାଯାଇ ପାରିବ। ଆଇନର ବିଭିନ୍ନ ଗଳାବାଟ ପାଇଁ ଦୋଷୀ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛି। ତେଣୁ ଜାତୀୟ ବାଳିକା ଦିବସ କେବଳ ଏକ ଦିବସ ହୋଇ ନ ରହି ଏକ ସାମାଜିକ ପରିବର୍ତ୍ତନର ଧାରକ ହେଉ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ନେତାଜୀଙ୍କ ପଦାଙ୍କ ଅନୁସରଣ କରିବାକୁ ଆହ୍ୱାନ



ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀ।

ବ୍ରହ୍ମପୁର, ୨୩।୧(ସୁବାସ ଚନ୍ଦ୍ର ପାଢ଼ୀ) ଭାରତ ସ୍ୱାଧୀନତା ସଂଗ୍ରାମର ମହାନାୟକ ଓଡିଶାର ୨ ବରପୁତ୍ର ମୁକ୍ତିଯୋଦ୍ଧା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ କୁକୁଡାଖଣ୍ଡି ବ୍ଲକ ଗୁଣ୍ଡବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ପ୍ରଥମେ ସ୍କୁଲ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରାଯାଇଥିଲା। ପରେ ନେତାଜୀଙ୍କ ଜୀବନୀ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର ଯୋଗଦେଇ ନେଜାତୀଙ୍କ ପଦାଙ୍କ ଅନୁସରଣ କରିବାକୁ ଆହ୍ୱାନ ଦେଇଥବଲେ। କୋଷାଧକ୍ଷ ଧର୍ମରାଜ ପାତ୍ର, ଉପଦେଷ୍ଟା ନଳିନୀ କାନ୍ତ ପରିଡା, ବନମାଳି ପ୍ରଧାନ, କୈଳାଶ ମହାନ୍ତି ଉପସ୍ଥିତ ଥିଲେ। ଶିକ୍ଷୟତ୍ରୀ ସଂଗୀତା ସାମଲ, ରୁନୁ ବରାଡ଼ ଓ ରେଣୁଝରା ପୁଷ୍ପଶ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଭଞ୍ଜବିହାରରେ ଅନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ

ବ୍ରହ୍ମପୁର,୨୩।୧(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ ହଲରେ ଜଳବାୟୁ ପରିବର୍ତ୍ତନ ସମୟରେ ସାର୍ବଜନୀନ ନୀତି ଏବଂ ଶାସନ ପୁନଃବିଚାର ଉପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀର ସଂଯୋଜକ ଏବଂ ସଚିବ ପ୍ରଫେସର ମୃତ୍ୟୁଞ୍ଜୟ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଏହା ପରେ ନାପସିପାଜର ନୂତନ ସଚିବ ଜେନେରାଲ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ପୂର୍ବତନ ସଚିବ ଜେନେରାଲ, ପ୍ରଫେସର ଅମିତା ସିଂହଙ୍କ ଦ୍ୱାରା ବାଟନ ହସ୍ତାନ୍ତର କରାଯାଇଥିଲା। ପ୍ରଫେସର ବି. ଅଞ୍ଜନ କେ. ପୃଷ୍ଟି, ସହ-ସଂଯୋଜକ ଅତିଥିମାନଙ୍କୁ ପରିଚୟ କରାଇଥିଲେ। ପିଜି କାଉନସିଲର ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠି ଜଳବାୟୁ ସମସ୍ୟା ଓ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ସମ୍ମାନନୀୟ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଅତିଥି ନୀଳକମଲ ଦରବାରୀ, ଆଇଏଏସ (ଅବସରପ୍ରାପ୍ତ) ଏବଂ ଭାରତ ସରକାରଙ୍କ ଜାତୀୟ ପ୍ରାଧିକରଣ ରସାୟନିକ ଅସ୍ତ୍ର ସମ୍ମିଳନୀର ଅଧକ୍ଷା, ଜଳବାୟୁ ବିପଦକୁ ହ୍ରାସ କରିବା ପାଇଁ ଘରୋଇ ନୀତି ବିଷୟରେ ସୂଚିତ କରିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ଶ୍ରୀଲଙ୍କା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଶିରାନୀ ତିଲକାବର୍ଦ୍ଧନେ ଜଳବାୟୁ ଅବନତି ଏବଂ ଇଓ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ପ୍ରଫେସର ଅମିତା ସିଂହ, ପୂର୍ବତନ ସେକ୍ରେଟାରୀ ଜେନେରାଲ ଗଭୀର ସମୁଦ୍ର ଇକୋସିଷ୍ଟମକୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଫେସର ଦାଶ ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନ ପରିସ୍ଥିତି ଏବଂ ଯୁବପିଢ଼ି କିପରି ଯୋଗଦାନ ଦେଇପାରିବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଡ. ତମୋଘନା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ଚୋରି ବାଇକ୍ ଉଦ୍ଧାର, ଜଣେ ଅଟକ

ଚିକିଟି,୨୩।୧(ପ୍ରକାଶ ଚନ୍ଦ୍ର ସାହୁ) କେ. ନୂଆଗାଁ ଥାନା ଚିକିଟି ପେଣ୍ଠ ଆନ୍ଧ୍ରା ବ୍ୟାଙ୍କ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ବାଇକ୍‌କୁ ପୋଲିସ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଚିକିଟି ପେଣ୍ଠ ମୁଖ୍ୟ ବଜାରରେ ରହୁଥିବା ଟିଟୁ ସାହୁ ବୁଧବାର ନିଜ ବାଇକ (ନଂ ଓଆର ୦୭ ଜେଡ ୬୧୩୮)କୁ ଘର ନିକଟ ଦୋକାନ ଆଗରେ ରଖିଥିଲେ। ଗୁରୁବାର ସକାଳେ ବାଇକଟି ନ ଥିବାର ଦେଖି ଖୋଜାଖୋଜି ଆରମ୍ଭ କରିଥିଲେ। ଦୋକାନ ସମ୍ମୁଖରେ ଲାଗିଥିବା ସିସି କ୍ୟାମେରା ଫୁଟେଜ ଦେଖିବା ପରେ ଚିକିଟି ଫାଣ୍ଡି ପୋଲିସକୁ ଜଣାଇଥିଲେ। ଲୁଟେରାଙ୍କ ବ୍ରହ୍ମପୁର ସ୍ଥିତ ସଦର ଥାନା ଅନ୍ତର୍ଗତ ବଡ କୁଶସ୍ଥଳୀ ଗ୍ରାମକୁ ଯାଇ ପୋଲିସ ବାଇକଟିକୁ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ ଅଟକ ରଖିଛି।

# ଡ୍ୟୁଟିରେ ଅନୁପସ୍ଥିତ: ୩ ଡାକ୍ତରଙ୍କ ଦିନକର ଦରମା ବନ୍ଦ

ବ୍ରହ୍ମପୁର, ୨୩।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା. ବିଜୟ ପଣ୍ଡା ଯଥାସମ୍ଭବ ଉଦ୍ୟମ ଜାରି ରଖିଛନ୍ତି। ଏଥିପାଇଁ ସେ ବିଭିନ୍ନ ସମୟରେ ଜିଲାର ସିଏଚସି ଓ ପିଏଚସିଗୁଡିକୁ ଅଚାନକ ଗସ୍ତ କରି ଚିକିତ୍ସାସେବା ଅନୁଧ୍ୟାନ କରୁଛନ୍ତି। ବୁଧବାର ସିଡିଏମଓ ଡା. ପଣ୍ଡା ଛତ୍ରପୁର ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପିଏଚସି ଓ ମୁନିଷିପେଣ୍ଠ ସିଏଚସି ଅଚାନକ ପରିଦର୍ଶନ କରିଛନ୍ତି। ଉଭୟ ଡାକ୍ତରଖାନାରେ ୩ ଡାକ୍ତର ଡ୍ୟୁଟିରେ ଅନୁପସ୍ଥିତ ଥିବା ଦେଖିଅସନ୍ତୋଷ ପ୍ରକାଶ କରିଥିଲେ। ଏଣୁ ଆଜି ଦିନକର ଦରମା ବନ୍ଦ କରିବା ପାଇଁ ସିଡିଏମଓ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ବିନା ଅନୁମତିରେ ଛୁଟିରେ ରହିବା ଯୋଗୁଁ ସମସ୍ତଙ୍କୁ ସ୍ପଷ୍ଟୀକରଣ ମଗାଯାଇଛି। ସୁନ୍ଦରପୁର ପିଏଚସିରେ ଡା. ଅନିକେତ ତ୍ରିପାଠୀ ଡ୍ୟୁଟିରେ ଅନୁପସ୍ଥିତ ଥିବା ବେଳେ ମୁନିଷିପେଣ୍ଠ ସିଏଚସିରେ ଡା. ଚନ୍ଦ୍ରଶେଖର ମିଶ୍ର ଓ ଡା. ସ୍ମୃତିସାଗର ନାୟକ ଅନୁପସ୍ଥିତ ଥିଲେ।

# ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଚୋରି


କବିସୂର୍ଯ୍ୟନଗର,୨୩।୧(କୃପାସିନ୍ଧୁ ସ୍ୱାଇଁ): ଗଞ୍ଜାମ ଜିଲାରେ ଗୋଟିଏ ପରେ ଗୋଟିଏ ମନ୍ଦିରରୁ ଚୋରି ହେବାରେ ଲାଗିଛି। ବୁଧବାର ବିଳମ୍ବିତ ରାତିରେ କବିସୂର୍ଯ୍ୟନଗର ସିଦ୍ଧେଶ୍ୱର ମନ୍ଦିର ନିକଟ ଶନି ଦେବଙ୍କ ମନ୍ଦିରୁ ଚୋରି ହୋଇଛି। ଗୁରୁବାର ସକାଳେ ପୂଜକ ମନ୍ଦିରକୁ ଆସିଥିବା ବେଳେ ଫାଟକର ତାଲା ଭାଙ୍ଗି ଦାନ ହୁଣ୍ଡି ମନ୍ଦିର ବାହାରକୁ ନେଇ ସେଥିରୁ ଟଙ୍କା ଓ ସିସିଟିଭି ଡିଭିଆର ଚୋରାଇ ନେଇଥିବା ଦେଖି ପରିଚାଳନା କମିଟି ଜଣାଇଥିଲେ। ମନ୍ଦିର କମିଟି ପକ୍ଷରୁ ଏ ନେଇ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

# ମୋଟାବାଡ଼ିରେ ମନ୍ତ୍ରୀଙ୍କ ଜନଶୁଣାଣି



ବୁଗୁଡ଼ା,୨୩।୧(କାଳିଚରଣ ଦାଶ)– ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ଗ୍ରାମ ବଡ଼ଦାଣ୍ଡଠାରେ ଗୁରୁବାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସୁଶାନ୍ତ କୁମାର ଡାକୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇ ତାହାର ଫାଇଦା ନେବାପାଇଁ ପରାମର୍ଶ ଦେଇଥିଲେ। ଏହାସହିତ ଯେକୌଣସି ଲୋକଙ୍କ ଅସୁବିଧା ହେଲେ ତାଙ୍କ ସହିତ ଯୋଗାଯୋଗ କରିବା ପାଇଁ କହିଥିଲେ। ବାଲିଛାଇ, ନାଗିରି ଓ ଠଣାପଲ୍ଲୀ ଗ୍ରାମର ନାମ ମୋଟାବାଡି ପଞ୍ଚାୟତ ତାଲିକାରେ ନ ଥିବା ହେତୁ ମନ୍ତ୍ରୀ ମଲ୍ଲିକ ଗ୍ଳାନିତ କରିଥିବା ପ୍ରକାଶ କରିଥିଲେ। ମୋଟାବାଡି ଗ୍ରାମର ଲୋକଙ୍କ ବିଭିନ୍ନ ଅଭିଯୋଗ ପତ୍ର ଗ୍ରହଣ କରି ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଏହାର ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡାକରାବାଡି ଗ୍ରାମର ଭାସ୍କର ପ୍ରଧାନ, ସୁଶାନ୍ତ ପ୍ରଧାନ, ଗୌର ପ୍ରଧାନ, ସନ୍ତୋଷ ପ୍ରଧାନ, ବିଶୁ ପ୍ରଧାନ, ବିପ୍ର ପ୍ରଧାନ,ଶରତ ପ୍ରଧାନ ଏବଂ ସେମାନଙ୍କ ସମର୍ଥକମାନେ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଗୁରୁବାର ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ମନ୍ତ୍ରୀ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରାଇଥିଲେ। ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି କେ ନିଳମାଧବ ଆଚାରୀ, ସମିତି ସଭ୍ଯ ଶିବଶଙ୍କର ପ୍ରଧାନ, ଗଙ୍ଗାଧର ନାୟକ, ହରିହର ସାହୁ, ମଦନ ଗୋପାଳ ଦୋରା, ବହୁ ଜନପ୍ରତିନିଧି ଓ କର୍ମୀ ଉପସ୍ଥିତ ଥିଲେ।

# ନେତାଜୀ, ସାଏଙ୍କ ଜୀବନ କାହାଣୀ ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣା



ଉପସ୍ଥିତ ପୂର୍ବତନ ଏମପି, ବିଧାୟକ, ମେୟର ଓ ଅନ୍ୟମାନେ।

ବ୍ରହ୍ମପୁର,୨୩।୧(ସ୍ମୃତି ରଞ୍ଜନ ମହାଲିକ) ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସହରର ବିଭିନ୍ନ ସଂଗଠନ ପକ୍ଷରୁ ଗୁରୁବାର ପାଳିତ ହୋଇଛି। ଏହି ଅବସରରେ ବାପୁଜୀ ଆଶ୍ରମ ରୋଡ଼ ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ଏମପି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମସି ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ବିବେକ ରେଡ଼ି, ପୂର୍ବତନ ବିଡିଏ ଅଧକ୍ଷ ସୁବାଷ ମହାରଣା ଓ ବହୁ କର୍ପୋରେଟର ଏବଂ ବିଜେଡିର ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ସର୍ଦ୍ଦାର ବଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ନେତାଜୀଙ୍କ ଜୟନ୍ତୀ ପାଳନ କରାଯାଇ ତାଙ୍କ ଜୀବନୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଆଲୋଚନା କରାଯାଇଥିଲା। ଏଥିରେ ସଭାପତି ରାମ କୁମାର ପାତ୍ରଙ୍କ ସମେତ ପ୍ରହ୍ଲାଦ ପାଣିଗ୍ରାହୀ, ସୀମାଞ୍ଚଳ ପଣ୍ଡା, ହିମାଂଶୁ ପାଢ଼ୀ, ଗଣେଶ ପାଣିଗ୍ରାହୀ, ଦୀନେଶ ଦୁରା, ସାଗର ମୁଖୀ, ମୋନଜ ମହାରଣା, ରାକେଶ ସାବତ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ଆନ୍ଦୋଳନ ଓ ସଂସ୍କାରବାଦୀ ସଂଗଠନ ପକ୍ଷରୁ ପାଳିତ ଜୟନ୍ତୀରେ ଆନ୍ଦୋଳନର ସମ୍ପାଦକ ଶିକ୍ଷାବିତ ହରେକୃଷ୍ଣ ପଣ୍ଡା ଓ ପୂର୍ବତନ ଆରକ୍ଷୀ ଅଧିକାରୀ ପ୍ରମୋଦ କୁମାର ସାହୁ ଯୋଗ ଦେଇଥିଲେ। ନେତାଜୀ ସାଲିସ ବିହୀନ ରାଜନୀତିଜ୍ଞ ଓ ନିର୍ଭିକ ସ୍ୱାଧୀନତା ସଂଗ୍ରାମୀ ଥିଲେ ବୋଲି ସଂପାଦକ କହିଥିଲେ। ଶିକ୍ଷକ ସୀମାଞ୍ଚଳ ପତି ଓ ସମୀର କୁମାର ଆଚାର୍ଯ୍ୟ, ମୋହନ ଚରଣ ସ୍ୱାଇଁ, ପଙ୍କଜ କୁମାର ନାୟକ, ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଲିଙ୍ଗରାଜ ଆଇନ କଲେଜରେ ଉଭୟ ବରପୁତ୍ରଙ୍କ ପାଳିତ ଜୟନ୍ତୀରେ କଲେଜ ଅଧକ୍ଷ ପ୍ରଫେସର ନାରାୟଣ ଚରଣ ପଟ୍ଟନାୟକ, ସହକାରୀ ପ୍ରାଧାପକ ଭାଗୀରଥି ପାଣିଗ୍ରାହୀ, ପି ଭି ଶ୍ରୀନିବାସ, ନୀଳାଞ୍ଚଳ ସେଠୀ, ସ୍ମିତା ପ୍ରିୟଦର୍ଶିନୀ ଉପସ୍ଥିତ ରହି ଉଭୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଛାତ୍ର ନରସିଂହ ନୀଳମାଧବ ପାତ୍ର ନେତାଜୀ ଓ ସାଏଙ୍କ ଜୀବନ କାହାଣୀ ବର୍ତ୍ତମାନ ସମୟରେ ଆଜିର ଯୁବଗୋଷ୍ଠୀଙ୍କ ପାଇଁ ଏକ ପ୍ରେରଣା ବୋଲି କହିଥିଲେ। କଲେଜ ଛାତ୍ରୀଛାତ୍ର ଓ କର୍ମଚାରୀ ସହଯୋଗ କରିଥିଲେ ।

# ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନେତାଜୀ ଜୟନ୍ତୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର,୨୩।୧(ସ୍ମୃତି ରଞ୍ଜନ ମହାଲିକ) ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗୁରୁବାର ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ସୂର୍ଯ୍ୟକାନ୍ତ ମହାନ୍ତି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ. ବିମଳ ପ୍ରସାଦ ପଟ୍ଟନାୟକ ଯୋଗ ଦେଇଥିଲେ। ନେତାଜୀଙ୍କ ଜୀବନୀ ସଂପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରଧାନଚାର୍ଯ୍ୟ ଶରତ ଚନ୍ଦ୍ର ମୁନି ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ସସ୍ମିତା ପାତ୍ର ପରିଚାଳନା କରିଥିଲେ। ଆଚାର୍ଯ୍ୟ ଡ. ରାମା ରାଓ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଫ୍ଲାଟ୍ ବିକ୍ରି ନାଁରେ ୯୫ ଲକ୍ଷ ଠକେଇ ଅଭିଯୋଗ

ବ୍ରହ୍ମପୁର,୨୩।୧(ସୁବାସ ଚନ୍ଦ୍ର ପାଢ଼ୀ) ଫ୍ଲାଟ ବିକ୍ରି ନାଁରେ ଜଗଦଲପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରୁ ୯୫ ଲକ୍ଷ ଟଙ୍କା ଠକେଇ ହୋଇଛି । ବାଲାଜୀପେଣ୍ଠ ସାହିର ରଘୁନାଥ ସାହୁ ଓ ତାଙ୍କ ପୁଅ ବାଲାଜୀ ସାହୁ ଏହି ଟଙ୍କା ନେଇଥିଲେ ମଧ୍ୟ ଆଜି ଯାଏଁ ଘର ପଞ୍ଜିକରଣ କରାଯାଉନଥିବା ଅଭିଯୋଗ ହୋଇଛି। ଏ ନେଇ ନିମଖଣ୍ଡି ଥାନାରେ ନଂ୨୬/୨୫ ରେ ମାମଲା ରୁଜୁ ହୋଇଛି । ଜଗଦଲପୁରର ପଞ୍ଚାନନ ସାହୁ ଓ ଅଭିଯୁକ୍ତ ରଘୁନାଥ ସାହୁଙ୍କ ମଧ୍ୟରେ ପୂର୍ବରୁ ପରିଚୟ ଥିଲା । କିଛି ମାସ ତଳେ ଅଭିଯୁକ୍ତ ରଘୁନାଥ ଓ ତାଙ୍କ ପୁଅ ବାଲାଜୀ ପଞ୍ଚାନନଙ୍କ ଘରକୁ ଯାଇ ବ୍ରହ୍ମପୁର ଅନ୍ନପୂର୍ଣ୍ଣା ମାର୍କେଟରେ ଥିବା ଏକ ଫ୍ଲାଟ କିଣିବାକୁ କହିଥିଲେ । ସେହି ଫ୍ଲାଟ କିଣା ବାବାଦକୁ ଉଭୟ ପକ୍ଷ ମଧ୍ୟରେ ୮୦ ଲକ୍ଷ ଟଙ୍କାର ଚୁକ୍ତି ହୋଇଥିଲା। ସେକ୍ରିମରେ ପଞ୍ଚାନନ ୫ଟିପର୍ଯ୍ୟାୟରେ ନଗଦ ୭୦ ଲକ୍ଷ ଟଙ୍କା ଦେଇଥିବା ବେଳେ ଅନଲାଇନରେ ୧୦ ଲକ୍ଷ ଟଙ୍କା ଦେଇଥିଲେ। ସେହିପରି ପଞ୍ଚାନନ ୧୫ ଲକ୍ଷ ଟଙ୍କା ଦେଇ କିଣିଥିବା ଏକ ସେକେଣ୍ଡ ହ୍ୟାଣ୍ଡ କାରକୁ ରଘୁନାଥ ବିଶ୍ୱାସରେ ମାଗିନେଇଥିଲେ। ହେଲେ ଅନେକ ମାସ ଯାଏଁ ସେହି ଫ୍ଲାଟକୁ ପଞ୍ଚାନନଙ୍କ ନାମରେ ପଞ୍ଜିକରଣ କରିନଥିଲେ କିମ୍ବା କାରକୁ ମଧ୍ୟ ଫେରାଇ ନଥିଲେ । ପଞ୍ଚାନନ ବାରମ୍ବାର ପଞ୍ଜିକରଣ ପାଇଁ ଓ କାର ଫେରାଇବାକୁ କହିବାରୁ ହତ୍ୟା ଧମକ ମିଳିଥିଲା। ଫ୍ଲାଟ ପାଇଁ ୮୦ ଲକ୍ଷ ଓ ୧୫ ଲକ୍ଷ ଟଙ୍କାର କାର ଏପରି ମୋଟ ୯୫ ଲକ୍ଷ ଟଙ୍କାର ଠକେଇ ହୋଇଥିବା ପଞ୍ଚାନନ ଅଭିଯୋଗରେ ଦର୍ଶାଇଛନ୍ତି ।

# ଉତ୍କଳ ଆଶ୍ରମ ଶତବାର୍ଷିକୀ କାର୍ଯ୍ୟକ୍ରମର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ଉତ୍କଳ ଆଶ୍ରମର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୨୩।୧(ସ୍ମୃତି ରଞ୍ଜନ ମହାଲିକ) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଏକ୍ତିଡ଼ିଶାଳ ଉତ୍କଳ ଆଶ୍ରମର ବର୍ଷ ବ୍ୟାପୀ ଶତବାର୍ଷିକୀ କାର୍ଯ୍ୟକ୍ରମର ବୁଧବାର ଶୁଭାରମ୍ଭ ହୋଇଯାଇଛି। ୧୯୨୫ ମସିହା ଜାନୁଆରୀ ୨୨ ତାରିଖ ଦିନ ଏହି ଜାତୀୟ ସ୍ମାରକୀ ସୌଧ ଉଦଘାଟିତ ହୋଇଥିଲା । ଏହି ଅବସରରେ ଦକ୍ଷିଣାଞ୍ଚଳ ଅନ୍ତର୍ଗତ ବଡ଼ଖେମୁଣ୍ଡି (ଦିଗପହଣ୍ଡି), ଶେରଗଡ଼, ପାରଳାଖେମୁଣ୍ଡି ସମେତ ଅବିଭକ୍ତ ଗଞ୍ଜାମ ଜିଲା ଓ ବିଚ୍ଛିନ୍ନାଞ୍ଚଳର କେତେକ ସ୍ଥାନରେ ଆଲୋଚନାଚକ୍ର ଓ ସ୍ମୃତିସଭା ଆୟୋଜନ କରାଯିବ। ଏହି ଅବସରରେ ଏକ ସ୍ମୃତିଗ୍ରନ୍ଥ ପ୍ରକାଶ କରାଯିବାକୁ ନିଷ୍ପତ୍ତି ହୋଇଛି । ଉତ୍କଳ ଆଶ୍ରମ ନ୍ୟାସ ସଭାପତି କୃଷ୍ଣ ଚରଣ ସିଂହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉତ୍କଳ ଆଶ୍ରମ ନ୍ୟାସ ସଂପାଦକ ଡ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଡ ବନମାଳୀ ପାଣିଗ୍ରାହୀ, ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ସଭାପତି ଡ. ସୁବ୍ରତ କୁମାର ସାହୁ, ଭାଷା ଆନ୍ଦୋଳନ କାର୍ଯ୍ୟକର୍ତ୍ତା ଡା. ସାଗର ରଞ୍ଜନ ତ୍ରିପାଠୀ, ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ରମେଶ ଚନ୍ଦ୍ର ପ୍ରଧାନ, ଅନୁପ କୁମାର ମିଶ୍ର, ଡ. କୁଳମଣି ଓଝା, ଡ. ହୃଷୀକେଶ ପଣ୍ଡା, ଡ. ସଞ୍ଜୟ କୁମାର ପଣ୍ଡା, ଡ. ଅଶୋକ କୁମାର ପଣ୍ଡା, ଡ. ନୃସିଂହାନନ୍ଦ ସାସମଲ, ଅଧାପକ ସଞ୍ଜୟ ଷଡ଼ଙ୍ଗୀ, ନଳିନୀକାନ୍ତ ଗୌଡ଼, କପିଳ ଚନ୍ଦ୍ର ମହାନ୍ତି, ଲାଲବାହାଦୁର ପଟ୍ଟନାୟକଙ୍କ ସମେତ ବହୁ ଓଡ଼ିଆ ଭାଷା ଓ ଜାତିପ୍ରେମୀ ଯୋଗଦେଇ ଉତ୍କଳ ଆଶ୍ରମର ଐତିହ୍ୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

# ନୌସେନା ଅଫିସର ଭୁବନେଶ୍ୱର ଯାଇଥିବା ସନ୍ଦେହ

**ଠାବ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ**

ବ୍ରହ୍ମପୁର, ୨୩।୧(ସୁବାସ ଚନ୍ଦ୍ର ପାଢ଼ୀ) ନୌସେନା ଅଫିସର ବ୍ରହ୍ମପୁର ଗେଟବଜାରର ସୌରଭ ପାତ୍ରଙ୍କ ନିଖୋଜ ଘଟଣାକୁ ୪ଦିନ ବିତିଛି। ତାଙ୍କୁ ଠାବ କରିବା ପାଇଁ ପୋଲିସ ସ୍ୱତନ୍ତ୍ର ଟିମ ଗଠନ କରିଛି। ଏବେ ଏହି ଘଟଣା ଭିନ୍ନମୋଡ ନେଇଛି। ସୌରଭଙ୍କ ନିଖୋଜ ନେଇ ଟାଉନ ଥାନା ଓ ଜିଆରପି ଥାନାରେ ପୃଥକ ଷ୍ଟେଶନ ଡାଇରୀ ହୋଇଛି। ଗତ ୧୯ ତାରିଖରେ ସୌରଭ ଇଚ୍ଛାପୁର ରେଳ ଷ୍ଟେଶନରୁ ଓହ୍ଲାଇ ବ୍ରହ୍ମପୁର ଆସିଛନ୍ତି। ବ୍ରହ୍ମପୁରରୁ ସେ ବସ ଯୋଗେ ଭୁବନେଶ୍ୱର ଯାଇଥିବା ପୋଲିସ ତଦନ୍ତରୁ ଜଣାପଡିଛି। ତେବେ କାହିଁକି ସୌରଭ ଏଭଳି କଲେ ତାହା ସ୍ପଷ୍ଟ ହୋଇ ନାହିଁ। ପ୍ରାଥମିକ ତଦନ୍ତରୁ ଗତ ଡିସେମ୍ବର ମାସରେ ସେ କୋଚିରୁ ଅହମଦାବାଦରେ ରହୁଥିବା ତାଙ୍କ ବାନ୍ଧବୀଙ୍କ ପାଖକୁ ଯାଇଥିଲେ। ଦିନକ ପରେ କୌଣସି କାରଣକୁ ନେଇ ମତାନ୍ତର ହେବା ପରେ ସେ ବ୍ରହ୍ମପୁର ଫେରି ଆସିଥିଲେ। ସେବେଠାରୁ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ନାହିଁ। ପୋଲିସ ସମ୍ପୃକ୍ତ ଯୁବତୀଙ୍କ ସହ ଯୋଗାଯୋଗ କରି ଏହି ସୂଚନା ପାଇଛି। ସୌରଭ ଉଦ୍ଧାର ହେଲେ ସତ ଜଣାପଡିବ ବୋଲି ପୋଲିସ କହିଛି।

ସୌରଭ ୨୦୧୯ରେ କେରଳର କୋଚି ଆଇଏନ୍‌ଏସ୍ ଗରୁଡ଼ରେ ନିଯୁକ୍ତି ପାଇଥିଲେ। ୨୦୨୪ ଡିସେମ୍ବର ୨୮ ତାରିଖରେ ସେ ଘରକୁ ଛୁଟିରେ ଆସିଥିଲେ। ଜାନୁଆରୀ ୧୯ ତାରିଖ ରାତିରେ ବିଶାଖାପାଟଣା ଯିବାକୁ ପରିବାର ଲୋକେ ତାଙ୍କୁ ଷ୍ଟେଶନରେ ଛାଡିଥିଲେ। କିନ୍ତୁ କିଛି ସମୟ ପରେ ତାଙ୍କ ମୋବାଇଲ ଫୋନ୍ ସୁଇଚ ଅଫ ହୋଇଥିଲା। ବିଶାଖାପାଟଣା ଏୟାରପୋର୍ଟରେ ସୌରଭଙ୍କୁ ଖୋଜାଖୋଜି କରିବାରେ ସେ ଚେକ ଇନ କରି ନ ଥିବା ଜଣାପଡିଥିଲା। ଏ ନେଇ ସୌରଭଙ୍କ ମା' ନିତୁ ପାତ୍ର ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୌରଭଙ୍କ ମୋବାଇଲର ଶେଷ ଲୋକେଶନ ଇଚ୍ଛାପୁର ଥିବାରୁ ଟାଉନ ଥାନା ଓ ଜିଆରପି ପୋଲିସ ଇଚ୍ଛାପୁର ଯାଇ ରେଳ ଷ୍ଟେଶନର ସିସି କ୍ୟାମେରା ଫୁଟେଜ ଯାଞ୍ଚ କରିଥିଲା। ଯାଞ୍ଚ ପରେ ଜଣାପଡିଥିଲା ଯେ, ସୌରଭ ଟ୍ରେନରୁ ଓହ୍ଲାଇ ଷ୍ଟେଶନ ବାହାରକୁ ଯାଇଛନ୍ତି। ଏହାପରେ ସେ ଏକ ଅଟୋରେ ବସିବାର ଦୃଶ୍ୟ ଫୁଟେଜରେ ରହିଛି। ପୋଲିସ ସୌରଭଙ୍କ ମୋବାଇଲ ଲୋକେଶନ ଟ୍ରାକ କରୁଥିବା ବେଳେ ବ୍ରହ୍ମପୁରରେ ସେ ମୋବାଇଲ ଅନ୍ କରିଥିବା ଜଣାପଡିଛି। ଏପରିକି ସେ ଅନଲାଇନରେ ଭୁବନେଶ୍ୱର ପର୍ଯ୍ୟନ୍ତ ଓଏସ୍ଆରଟିସିର ବସ୍‌ରେ ଟିକେଟ କରିଥିବା ଜଣାପଡିଛି। ତେଣୁ ସେ ଭୁବନେଶ୍ୱର ଅଭିମୁଖେ ଯାଇଥିବା ପୋଲିସ ସନ୍ଦେହ କରୁଛି। ଉକ୍ତ ବସ୍ କଣ୍ଡକ୍ଟରଙ୍କୁ ପୋଲିସ ପଚରାଉଚରା କରୁଛି। ସୌରଭ ଅନ୍ୟ କାହା ନିୟନ୍ତ୍ରଣରେ ଏଭଳି କରୁଛନ୍ତି ନା ଅନ୍ୟ କାରଣ ଅଛି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଜଗନ୍ନାଥ ମିଶ୍ରଙ୍କ ସ୍ମୃତିଚାରଣ, ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର,୨୩।୧(ନରସିଂହ ସାହୁ)

ସିପିଆଇ(ଏମ୍) ଗଞ୍ଜାମ ଜିଲା କମିଟି ପକ୍ଷରୁ ଗୁରୁବାର ବ୍ରହ୍ମପୁରରେ ବରିଷ୍ଠ କୃଷକ ନେତା ସ୍ୱର୍ଗତ ଜଗନ୍ନାଥ ମିଶ୍ରଙ୍କ ସ୍ମୃତିଚାରଣ ସଭା ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଏମ୍ କେନ୍ଦ୍ରୀୟ କମିଟି ସଦସ୍ୟ ଅଳି କିଶୋର ପଟ୍ଟନାୟକ ଯୋଗଦେଇ ଜଗନ୍ନାଥ ଜୀବନବ୍ୟାପୀ ସମାଜର ଅବହେଳିତ, ଦଳିତ, ଆଦିବାସୀ ଏବଂ କୃଷକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିଥିବା ପ୍ରକାଶ କରିଥିଲେ। ଦଳର ରାଜ୍ୟ କମିଟି ସମ୍ପାଦକ ସୁରେଶ ପାଣିଗ୍ରାହୀ କୃଷକ ଆନ୍ଦୋଳନକୁ ସୁଦୃଢ଼ କରିବାରେ ଜଗନ୍ନାଥ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଦରବୃଦ୍ଧି ରୋକିବା, ମହିଳା ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ପାଣିଗ୍ରାହୀ କହିଥିଲେ। ଏହି ସର୍ବଦଳୀୟ ସଭାରେ ବରିଷ୍ଠ ବାମପନ୍ଥୀ ନେତା ସନ୍ତୋଷ ମହାପାତ୍ର, ବସନ୍ତ ପଣ୍ଡା, ବିଜେଡି ନେତା ସୁବାସ ମହାରଣା, ସିପିଆଇ ନେତା ଶ୍ରୀହର୍ଷ ରଥ, ବିଶିଷ୍ଟ ଶିକ୍ଷାବିତ୍ ବିଜୟ ବହିଦାର, ଭାଲଚନ୍ଦ୍ର ଷଡ଼ଙ୍ଗୀ, ସିପିଆଇ(ଏମ୍ଏଲ) ନେତ୍ରୀ ପି. ପାର୍ବତୀ, ଆମ୍ ଆଦମୀ ପାର୍ଟିର ଆଦିତ୍ୟ ରଥ, ବରିଷ୍ଠ ଆଇନଜୀବୀ ସଞ୍ଜିତ ପାଣିଗ୍ରାହୀ, ଯୁବ ବିଜେଡି ନେତା ସୁରେନ୍ଦ୍ର ମହାରଣା, କର୍ପୋରେଟର ମଳୟ ବିଶୋୟୀ, ମମତା ପାତ୍ରଙ୍କ ସହ ଅନ୍ୟମାନେ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ସିପିଏମ୍ ନେତା କୈଳାସ ଷଡ଼ଙ୍ଗୀ ଅଧକ୍ଷତା କରିଥିଲେ। ଜିଲା କମିଟି ସମ୍ପାଦକ ଯୁଧିଷ୍ଠିର ବେହେରା, ସିଆଇଟିୟୁ ନେତା ପ୍ରତାପ ଚୌଧୁରୀ, ଅଶୋକ ଦାସ, ବାବୁଲା ନାୟକ, ଚିଟି ବାବୁ, ବିଦ୍ୟାଧର ଜେନାଙ୍କ ସହ ଜଗନ୍ନାଥଙ୍କ ପରିବାର ପକ୍ଷରୁ ଦେବଯାନୀ ମିଶ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନୂତନ ଉପଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର, ୨୩।୧ (ସନ୍ତୋଷ ପାଢ଼ୀ)

ଛତ୍ରପୁରର ନୂତନ ଉପଜିଲାପାଳ ଭାବେ ଶିବାଶିଷ ବରାଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ଶେରଗଡ଼ ବିଡିଓ ଭାବେ କାର୍ଯ୍ୟରତ ଥିଲେ। ଜନସାଧାରଣଙ୍କୁ ଉତ୍ତମସେବା ପ୍ରଦାନ, ବିକାଶମୂଳକ ଯୋଜନାର କାର୍ଯ୍ୟକାରୀ ଓ ଧାନସଂଗ୍ରହ ପ୍ରକ୍ରିୟାକୁ ସୁରୁଖୁରୁରେ ପରିଚାଳନାକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି। ତାଙ୍କୁ ସମସ୍ତ କର୍ମଚାରୀ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, ପ୍ରାକ୍ତନ ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହନ୍ତଙ୍କୁ ଅନୁଗୁଳ ଜିଲା ସିଡିଓ ଭାବେ ବଦଳି ହୋଇଛନ୍ତି।

### ଖେମୁଣ୍ଡି କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଦିଗପହଣ୍ଡି, ୨୩।୧ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜରେ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦଯାପିତ ହୋଇଯାଇଛି। କଲେଜ କ୍ରୀଡା ସଂସଦ ଉପ ସଭାପତି ତଥା ଅଧ୍ୟାପକ ତ୍ରିଲୋଚନ ରଇତଙ୍କ ତତ୍ତ୍ୱାବଧାନରେ ଉଦଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ଼. ଅସିତ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ଅଶୋକ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଯୁକ୍ତ ୩ ବାଳକ ବିଭାଗରେ ରାଜେନ୍ଦ୍ର ବେହେରା, ବାଳିକା ବିଭାଗରେ ପୂଜା ବେହେରା, ଯୁକ୍ତ ୨ ବିଭାଗରେ ତାପସ ରେଡ୍ଡୀ, ବାଳିକା ବିଭାଗରେ ପୂଜା ସେଠୀ ଚାମ୍ପିୟନ ଭାବେ ପୁରସ୍କୃତ ହୋଇଥିଲେ। କ୍ରୀଡା ପ୍ରଶିକ୍ଷକ ନୃସିଂହ ସେଠୀ, ଏମ୍. ଗୌରାଙ୍ଗ, ନାନ ବାବୁ ଦୋରା, ରାଣୀ ମହାରଣା ପ୍ରମୁଖ ସମସ୍ତ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ।

### ଜଙ୍ଗଲରେ ନିଆଁ ଲଗାଇ ୨ ଜେଲ ଗଲେ

ଆର୍.ଉଦୟଗିରି, ୨୩।୧ (ମନୋଜ କୁମାର ପାଢୀ):

ଆର. ଉଦୟଗିରି ଗ୍ରାମ ନିକଟ ଜଙ୍ଗଲରେ ବେଆଇନ ଭାବେ ଗଛ କାଟି ସଫା କରି ନିଆଁ ଲଗାଉଥିବା ୨ ଜଣଙ୍କୁ ବନ ବିଭାଗ ବୁଧବାର ଗିରଫ କରିଛି। ସେମାନେ ହେଲେ ପାରିଭେଟା ଗ୍ରାମର ଥାମୋସ ଭୂଆଁ ଓ ଜେମସ ବଡରଇତ। ଉଭୟଙ୍କୁ ଗିରଫ ପରେ ରେଞ୍ଜର ଅଫିସ ଅଫେନସ ଓଆର କେସ ନଂ ୪୪/୨୪-୨୫ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଆର,ଉଦୟଗିରି ଜେଲ ହାଜତକୁ ପଠାଯାଇଛି। ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ. ଆନନ୍ଦଙ୍କ ନିର୍ଦ୍ଦେଶକ୍ରମେ ବନାଞ୍ଚଳ ଅଧିକାରୀ ଉମା ଶଙ୍କର ବିଶୋୟୀଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ସନ୍ତୋଷ ସାହୁ, ବିଜୟ ମହାରଣା, ମୋଜେଶ ଶବର, ଫରେଷ୍ଟ ଗାର୍ଡ ପ୍ରିୟଙ୍କା ଦଳବେହେରା ଓ ପାରା ଷ୍ଟାଫ ମାନେ ସଦଳ ବଳେ ଚଢାଉ କର ଅଭିଯୁକ୍ତଙ୍କୁ କାବୁ କରିଥିଲେ।

### ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଛତ୍ରପୁର, ୨୩।୧ (ଦିଲ୍ଲୀପ ସାମଲ)

ସ୍ଥାନୀୟ ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଅନସ୍ଲୋ ଅନୁଷ୍ଠାନ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସୁଧୀର ସାହୁ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ରୀଡାର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ କେ. ସୁନୀଲ ରାଓ ଓ ପ୍ରିୟରଞ୍ଜନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭାଇସ ଚେୟାରମ୍ୟାନ ସୁନୀତା ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।

# ବୀରନାରାୟଣପୁର, ଏସ୍‌ଏନ୍‌ଡି ପେଣ୍ଠ ଗାଁକୁ ନାହିଁ ପକ୍କା ରାସ୍ତା

ପାରଳାଖେମୁଣ୍ଡି/ଗୋଷାଣି, ୨୩।୧
(ଗିରିଧାରୀ ପରିଚ୍ଛା/ଗଣେଶ ପାତ୍ର)

- ବାରମ୍ବାର ଜଣାଇ ଶୁଣୁନି ପ୍ରଶାସନ
- ବର୍ଷାଦିନେ ଯାତାୟାତ କରିବା ହେଉଛି କଷ୍ଟକର

ଗଜପତି ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲା ଭାବେ ପରିଚିତ। ଅନେକ ଗ୍ରାମରେ ପକ୍କା ରାସ୍ତାଟିଏ ନ ଥିବାରୁ ନିଜ ନିଜ ଗାଁକୁ ଯାତାୟାତ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ବ୍ଲକ ସଦର ମହକୁମାଠାରୁ ମାତ୍ର ୪/୫ କି.ମି. ଦୂରରେ ଥିବା ବୀର ନାରାୟଣପୁର ଓ ଏସ୍‌ଏନ୍‌ଡି ପେଣ୍ଠ ଗ୍ରାମ ଗ୍ରାମକୁ ଏଯାଏ ପକ୍କା ରାସ୍ତାଟିଏ ନାହିଁ। ଗ୍ରାମବାସୀ ଅନେକ ଥର ବ୍ଲକ ପ୍ରଶାସନ, ଜିଲା ପ୍ରଶାସନ ଓ ଜନପ୍ରତିନିଧିମାନଙ୍କୁ ବିଭିନ୍ନ ସମୟରେ ଜଣାଇ କିଛି ସୁଫଳ ପାଇନାହାନ୍ତି। ଗୋଶାଣି ବ୍ଲକର ବଡଗୋଶାଣି ପଞ୍ଚାୟତ ଅଧୀନରେ ରହିଛି ବୀରନାରାୟଣପୁର ଓ ଶରଧାପୁର ପଞ୍ଚାୟତ ଅଧୀନରେ ରହିଛି ଏସ୍‌ଏନଡି ପେଣ୍ଠ ଗ୍ରାମ । ଉଭୟ ପଞ୍ଚାୟତର ଗ୍ରାମବାସୀ ଉଭୟ ଗ୍ରାମକୁ ଆଙ୍କୁଡୁ ଗ୍ରାମ୍ୟ ରାସ୍ତା ଦେଇ ଯାତାୟାତ କରନ୍ତି। ଆଙ୍କୁଡୁ ଛକ ପର୍ଯ୍ୟନ୍ତ ଆରଡି ରାସ୍ତାଟିଏ ରହିଛି।



ବୀର ନାରାୟଣପୁର ଓ ଏସ୍‌ଏନ୍‌ଡି ପେଣ୍ଠ ଗ୍ରାମକୁ ଯାଇଥିବା ମାଟିରାସ୍ତା।

ସେଠାରୁ ବୀରନାରାୟଣପୁର ୧.୫ କି.ମି. ଏବଂ ଏସଏନଡି ପେଣ୍ଠ ୨.୫ କି.ମି. ପଡେ। ଏହି ଦୁଇ ରାସ୍ତା ପୂର୍ବରୁ ଜମିହୁଡା ଥିବା ବେଳେ ଗତ କିଛି ବର୍ଷ ହେଲା ଏମ୍‌ଜିଏନଆରଇଜିଏସରେ ମାଟି ପକାଇ ଅଣ ଓସାରିଆ ମାଟି ରାସ୍ତାଟିଏ ନିର୍ମାଣ କରାଯାଇଛି। ବର୍ଷା ଦିନେ ଏହି ରାସ୍ତା ଦେଇ ଯାତାୟାତ କରିବା ସମ୍ଭବ ହୋଇପାରୁନି। କାଦୁଅଭରା ଏହି ରାସ୍ତାରେ ସାଇକେଲ ଓ ଦୁଇଚକିଆ ଗାଡ଼ିରେ ଯିବା ଆସିବା କରିବା କଷ୍ଟକର ହୋଇପଡୁଛି। ୧ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ଏହି ଦୁଇ ଗ୍ରାମର ଲୋକେ ହାଇସ୍କୁଲ ଓ ଜରୁରୀ ସମୟରେ ଗୁରାଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାକୁ ହେଲେ ଚାଲି ଚାଲି ଯାଇଥାନ୍ତି। ସେହିଭଳି ଏସ୍‌ଏନ୍‌ଡି ପେଣ୍ଠ ଗ୍ରାମରୁ ପଞ୍ଚାୟତ ସଦରକୁ ଯିବାକୁ ପକ୍କା ରସ୍ତାଟିଏ ରହିଥିଲେ ମଧ୍ୟ ଏଠାରୁ କୌଣସି କାର୍ଯ୍ୟରେ ବ୍ଲକ ସଦର ମହକୁମା କିମ୍ବା ଗୁରାଣ୍ଡି ଗ୍ରାମକୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ଯିବାକୁ ହେଲେ ବୀରନାରାୟଣପୁର ଦେଇ ମାଟି ରାସ୍ତାରେ ଯିବାକୁ ପଡିଥାଏ। ବୀରନାରାୟଣପୁର ଗ୍ରାମବାସୀ ମଧ୍ୟ ଅନୁରୂପ ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏହି ଦୁଇ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗୌର ଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ମୁଁ ବ୍ଲକରେ ନୂଆ କରି ଯୋଗ ଦେଇଛି। ତେବେ ବ୍ଲକର ଯେଉଁ ଅଞ୍ଚଳରେ ରାସ୍ତା ସମସ୍ୟା ରହିଛି ତାହାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବି। ବୀର ନାରାୟଣପୁର ଓ ଏସଏନଡି ପେଣ୍ଠ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରିବି।

## ମିଶନ ଶକ୍ତି ଭବନ ଉଦ୍‌ଘାଟନ କଲେ ବିଧାୟକ



ବିଧାୟକ ମିଶନ ଶକ୍ତି ଭବନକୁ ଉଦ୍‌ଘାଟନ କରୁଛନ୍ତି।

ଦିଗପହଣ୍ଡି, ୨୩।୧ (ଅଶେଷ ନାଥ ମିଶ୍ର)- ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ନିକଟରେ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ମିଶନ ଶକ୍ତି ଭବନକୁ ଗୁରୁବାର ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସ, ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପାଧ୍ୟକ୍ଷା କେ. ପୂଜା, ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ବ୍ଲକ ପ୍ରକଳ୍ପ ଅଧିକାରୀ ସଙ୍ଗୀତା ପଣ୍ଡା, ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଲିଙ୍ଗରାଜ ଦୋରା, ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା ଏବଂ ମିଶନ ଶକ୍ତି ମହିଳା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। ପ୍ରଥମେ ବିଧାୟକ ଦିଗପହଣ୍ଡି ସହର ଉପକଣ୍ଠ ଘୋଡାହାଡ ଡ୍ୟାମ ରାସ୍ତାରେ ୧୩ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷା, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଇଂ. ସ୍ୱରାଜ ପାଣିଗ୍ରାହୀ, କାଉନସିଲର ସୁଶାନ୍ତ ପାତ୍ର, ନୀଳମାଧବ ଗୌଡ, କରିସ୍ମା ନାୟକ, ସନ୍ତୋଷିନୀ ବେହେରା , ଗୌରାଙ୍ଗ ଚରଣ ବେହେରା, ଭାଜପା ଜିଲା ଉପସଭାପତି ପରେଶ ଚନ୍ଦ୍ର ରଥ, ଯୁବମୋର୍ଚ୍ଚା ଜିଲା ଉପସଭାପତି ବାପି ପ୍ରଧାନ, ସମ୍ପାଦକ ନନ୍ଦ କିଶୋର ସାହୁ, ସେବା ସମବାୟ ସମିତି ପୂର୍ବତନ ଜିଲା ସଭାପତି ସନାତନ ସଂଗ୍ରାମ ସିଂଙ୍କ ସମେତ ବହୁ କାଉନସିଲର ଉପସ୍ଥିତ ଥିଲେ ।

## କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ଚିଠି

### ରାସ୍ତା ଖୋଳାଯିବା ଖବର ପ୍ରକାଶ ପରେ ତତ୍ପରତା

ଦାରିଙ୍ଗବାଡି, ୨୩।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ୫୯ ନଂ ଜାତୀୟ ରାଜପଥ ଠାରୁ ତେରବାଡ଼ି। ସେଠାରୁ ଡଲାବାଡ଼ିକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପକ୍କା ରାସ୍ତା ସମ୍ପ୍ରସାରଣ ହୋଇଛି। ତେବେ ଜଳ ଯୋଗାଣ ପାଇଁ ଏକ ମେଗା ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ବେଆଇନ ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାକୁ ଖୋଳି ପାଇପ ବିଛା କାର୍ଯ୍ୟ ଚାଲିଛି। ଏନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟ କରୁଥିବା ଠିକା କମ୍ପାନୀ ଜୋର ଜବରଦସ୍ତ ଖୋଳି ରାସ୍ତାର ଅବସ୍ଥା ଶୋଚନୀୟ କରୁଛି। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ପର ହୋଇପଡ଼ିଛି। ମେଗା ଜଳ ପ୍ରକଳ୍ପର ଦାୟିତ୍ୱରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଅଧିକ୍ଷକ ଯନ୍ତ୍ରୀଙ୍କୁ ଦାରିଙ୍ଗବାଡ଼ି ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ସିଂ ଚିଠି ଲେଖିଛନ୍ତି। ଯେଉଁ ରାସ୍ତା ଖୋଳାଯାଇ ନଷ୍ଟ ହୋଇଛି ତାକୁ ତୁରନ୍ତ ମରାମତି କରିବା ସହ ଠିକା ସଂସ୍ଥାକୁ ରାସ୍ତା ଖୋଳିବା ପାଇଁ ବାରଣ କରିବାକୁ ନିର୍ଦ୍ଦେଶ ଦେବାକୁ ଚିଠିରେ ଜଣାଯାଇଛି। ଏବେ ଉକ୍ତ ରାସ୍ତା ଯେଉଁଭଳି ଖୋଳିଦିଆଯାଇଛି ସେଠି ବର୍ଷା ଜଳ ପ୍ରବେଶ କରି ରାସ୍ତା ନଷ୍ଟ ହୋଇଯିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି କୁହାଯାଇଛି। ସେହିପରି ରାସ୍ତାର ଗାର୍ଡୱାଲ ଠାରୁ ଏକ ମିଟର ଦୂରତାରେ ଖୋଳି ପାଇପ ଲାଇନ ନେବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେବାକୁ ସେ ଚିଠିରେ ଜଣାଇଛନ୍ତି। ଚିଠିରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କିମ୍ବା ଉକ୍ତ ଠିକା ସଂସ୍ଥା ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ କୌଣସି ସୂଚନା କିମ୍ବା ଅନୁମତି ନ ନେଇ ପକ୍କା ରାସ୍ତାକୁ କଚ୍ଚା କରିଛନ୍ତି। ତେଣୁ ତୁରନ୍ତ ଏହାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଚିଠିରେ ଜଣାଇଛନ୍ତି।

## ଯାଞ୍ଚ ବେଳେ ଧରାପଡ଼ିଲା ଚୋରି ବାଇକ୍

ବାଲିଗୁଡା, ୨୩।୧
(ସଞ୍ଜୟ କୁମାର ପାଣିଗ୍ରାହୀ):

ବାଲିଗୁଡା ଥାନା ଅଞ୍ଚଳରୁ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ବୁଧବାର ଗାଡ଼ିମୋଟର ଯାଞ୍ଚ ବେଳେ ଉଦ୍ଧାର କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଛତ୍ରପୁରର ପ୍ରସନ୍ନ ନାୟକ। ୨୦୨୦ରେ ବାଲିଗୁଡ଼ା କଲ୍ୟାଣ ମଣ୍ଡପ ନିକଟରେ ରହୁଥିବା ଶିବ ଶଙ୍କର ବିଶ୍ୱାଳଙ୍କ ବାଇକ୍ ଚୋରି ହୋଇଥିଲା। ଏ ନେଇ ବାଲିଗୁଡା ଥାନାରେ ମାମଲା ରୁଜୁ ହୋଇଥିଲା। କୋଟଗଡ ପୋଲିସ ଗାଡ଼ି ଯାଞ୍ଚ ବେଳେ ସେହି ବାଇକ ଉଦ୍ଧାର କରିଛି।

## ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ



ଶିବିରରେ ଉପସ୍ଥିତ ଅତିଥି ଓ ଛାତ୍ରୀ ।

ଚକାପାଦ, ୨୩।୧ (ପ୍ରତାପ କିଶୋର ବେହେରା): ଶଙ୍କରାଖୋଲସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଓ ଲେଖକ ତଥା ଗବେଷକ ପ୍ରଫେସର ଡ, ହରିହର ପଣ୍ଡା ଯୋଗଦେଇ ସରକାରଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଫିରିଙ୍ଗିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଛାତ୍ରୀମାନେ ଆବଶ୍ୟକ ସମୟରେ ଆତ୍ମରକ୍ଷା କୌଶଳ ପ୍ରୟୋଗ କରିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କୁଇଦିନା ଇନ୍ଦିରା ଗାନ୍ଧୀ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରୈଲୋକ୍ୟ ସେନାପତି, ଅଧ୍ୟାପକ ଡ. ରଞ୍ଜନ ରଥ ଏବଂ ଅଧ୍ୟାପିକା ରୀନାରାଣୀ ପ୍ରଧାନ ଉପସ୍ଥିତ ଥିଲେ। ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର କୁମାରୀ ଆଇସା ଦିଗଲଙ୍କ ତାଲିମ୍ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପ୍ରଧାନ ସଭାରେ ସଭାପତିତ୍ୱ କରିଥିଲେ । ଅଧ୍ୟାପକ ରାମକୃଷ୍ଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ ବାବୁଲା ପଟଯୋଶୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଧ୍ୟାପକ ଶିବରାମ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଗ୍ରହ ରଖିଲେ ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ

### କୃଷ୍ଣଛାଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶେରଗଡ଼, ୨୩।୧ (ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ବ୍ଲକ କୃଷ୍ଣଛାଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଇଓ ଉପେନ୍ଦ୍ର ପାଢ଼ୀ, କୃଷ୍ଣଛାଇ ସରପଞ୍ଚ ପ୍ରମିତା ବିଷୋୟୀ, ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବାସୁଦେବ ମହାନ୍ତି, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତ ଡାକୁଆ, ଜଗନ୍ନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଅଶୋକ ହୋତା, ବିଦ୍ୟାଳୟ ସଭାପତି ସୂର୍ଯ୍ୟ ଗୌଡ଼ା, ତାକରଡା ଶହୀଦ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସୁବ୍ରତ ପଣ୍ଡା, ସୂର୍ଯ୍ୟନାରାୟଣ ଦାଶ ଉପସ୍ଥିତ ଥିଲେ। ପ୍ରଥମେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଧାନଶିକ୍ଷକ ଦିବାକର ସାହୁ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନକୁ ଭଲ ପାଅ, ନିଜ ଅଞ୍ଚଳର ବିକାଶରେ ସାମିଲ ହେବାକୁ ଆହ୍ୱାନ ଦେଇ ଛାତ୍ରୀଛାତ୍ରମାନେ ପାଠ ପଢିବା ସହ ଖେଳ ପ୍ରତି ଆଗ୍ରହ ରଖିଲେ ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଅରୁଣ ମହାରଣା ସଂଯୋଜନା କରିଥିଲେ।



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

### ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ଏମ୍‌ପି ଉଦ୍‌ଘାଟନ କଲେ କୁଟିଆ ସଂଗ୍ରହାଳୟ

ତୁମୁଡିବନ୍ଧ, ୨୩।୧ (ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ପୂର୍ବାହ୍ନରେ କୁଟିଆ ସଂଗ୍ରହାଳୟ ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁନୀଲ ପାତ୍ରଙ୍କ ପରିଚାଳନାରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ଏହି ସଂଗ୍ରହାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବାଲିଗୁଡ଼ା ଆଇଟିଡିଏପି ଏ. ଗଦାଧର ପାତ୍ର, ବିଡ଼ିଓ ବନ ବିହାରୀ ହରପାଲ, ବ୍ଲକ ଅଧ୍ୟକ୍ଷା ବାସନ୍ତି ମାଝି, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ତୁମୁଡିବନ୍ଧ ବ୍ଲକ ଏମ୍‌ପି ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏମପି ପାଣିଗ୍ରାହୀ ଏପରି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ସଂଗ୍ରହାଳୟରେ ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟର ନମୂନା, ବାଦ୍ୟଯନ୍ତ୍ର, ଅସ୍ତ୍ରଶସ୍ତ୍ର, ଅଳଙ୍କାର, କୃଷି ସାମଗ୍ରୀଗୁଡ଼ିକ ରଖାଯାଇଛି। ଜିଲା, ରାଜ୍ୟ ଓ ରାଜ୍ୟ ବାହାରୁ ଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନେ ଏହା ଦେଖି ଖୁସି ହେବେ ବୋଲି ଆଶା ରଖାଯାଇଛି।




କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ କୁଟିଆ ସଂଗ୍ରହାଳୟ ଉଦ୍‌ଘାଟନ କରୁଛନ୍ତି।

## ଗଙ୍ଗାଦେବୀ ମନ୍ଦିରରୁ ଅଳଙ୍କାର ଚୋରି

ଗଞ୍ଜାମ, ୨୩।୧ (ବିଦ୍ୟାଧର ସାହୁ)

ଗଞ୍ଜାମ ଓ ରମ୍ଭା ଥାନା ଅଞ୍ଚଳରେ ରହିଥିବା ବିଭିନ୍ନ ମନ୍ଦିରରୁ ବାରମ୍ବାର ଚୋରି ହେଉଥିବା ନେଇ ଅଭିଯୋଗ ହେଉଛି। ଏହାରି ଭିତରେ ପୁଣି ଥରେ ଗଞ୍ଜାମ ଥାନା ଅନ୍ତର୍ଗତ ପୁରୁଣାବନ୍ଧ ଗ୍ରାମ ସ୍ଥିତ ମା'ଗଙ୍ଗାଦେବୀ ମନ୍ଦିରରୁ ସୁନା, ରୁପା ଅଳଙ୍କାର ଓ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ହୋଇଛି। ସୂଚନାଯୋଗ୍ୟ ଯେ, ବୁଧବାର ସନ୍ଧ୍ୟା ୬ଟା ବେଳେ ମନ୍ଦିର ପୂଜକ ରାଜନ ବେହେରା ସନ୍ଧ୍ୟା ଆଳତି କରି ଘରକୁ ଖାଇବାକୁ ଯାଇଥିଲେ। ରାତ୍ର ୮ଟା ବେଳେ ଫେରିବା ସମୟରେ ମନ୍ଦିର ତାଲା ଖୋଲାଯାଇଥିବା ଦେଖିଥିଲେ। ଏନେଇ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ମନ୍ଦିରରୁ ଦୁଇଟି ରୁପା ମୁକୁଟ, ୫ ଗ୍ରାମର ମଥାମଣି ଓ ହୁଣ୍ଡି ଭଙ୍ଗାଯାଇ ସେଥିରୁ ପ୍ରାୟ ନଗଦ ୨ ହଜାର ଟଙ୍କା ଚୋରି ହୋଇଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବର ପାଇ ଗଞ୍ଜାମ ଥାନାଧିକାରୀ ସୁମିତ୍ରା ପାତ୍ର ଓ ପୋଲିସ ଟିମ ପହଞ୍ଚି ତଦନ୍ତ ଚଳାଇଥିଲେ। ଗୁରୁବାର ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

## ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

ବେଲଗୁଣ୍ଠା, ୨୩।୧ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ନେତାଜୀ ଜୟନ୍ତୀ ଅବସରରେ ଗୁରୁବାର ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠରେ ଶହେ ଦିନିଆ ଟିବି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ ଘଡ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ବାଲୁଙ୍କେଶ୍ୱର ଷଡ଼ଙ୍ଗୀ ଏବଂ ଟିବି ସୁପରଭାଇଜର ଦୁର୍ଗା ପ୍ରସାଦ ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଯକ୍ଷ୍ମାର ଲକ୍ଷଣ, ରୋଗୀଙ୍କୁ ନିୟମିତ ଡାକ୍ତରଙ୍କ ପରାମର୍ଶ ଗ୍ରହଣ ଏବଂ ଔଷଧ ସେବନ ସମ୍ପର୍କରେ ସଚେତନ କରାଇଥିଲେ। ଏହା ସହିତ ଛାତ୍ରୀଛାତ୍ରଙ୍କୁ ଯକ୍ଷ୍ମା ମୁକ୍ତ ଭାରତ ଗଠନ ପାଇଁ ଶପଥପାଠ କରାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିଶ୍ୱଜିତ୍ ନାୟକ, ସ୍ୱାଗତିକା ସେଠୀ, ଡୋକି ସରୋଜିନୀ, ମାନସ ରଞ୍ଜନ ମହାନ୍ତି, ବର୍ଷା ରାଣୀ ବେହେରା, ସୁସାଙ୍ଗୀନୀ ପ୍ରଧାନ, ଝରଣା ଦାସ, ରଶ୍ମି କୁମାରୀ ପାଢୀ, ପ୍ରଭାତ ଗୌଡ଼, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ନେତାଜୀ ସୁଭାଷ ବୋଷ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି, ୨୩।୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୁରୁଣା କୋର୍ଟ ଛକ ନିକଟରେ ଥିବା ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ତାଙ୍କ ପ୍ରତିମୂର୍ତ୍ତିଠାରେ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଡେପୁଟି କଲେକ୍ଟର କମଳକାନ୍ତ ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ଉପସ୍ଥିତ ରହି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ବୀରତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୌର ପରିଷଦ କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ରାସ୍ତାକାମକୁ ନେଇ ଅସନ୍ତୋଷ

ଭଞ୍ଜନଗର, ୨୩।୧ (ବାବୁଲା ପ୍ରଧାନ)

ପୂର୍ତ୍ତ ବିଭାଗ ପକ୍ଷରୁ ଭଞ୍ଜନଗର-ଡହ ରାସ୍ତା କାମ ଚାଲିଛି। କିନ୍ତୁ ଠିକାଦାରଙ୍କ ମନଇଚ୍ଛା କାମ ଯୋଗୁ ସ୍ଥାନୀୟ ଲୋକେ ଯାତାୟାତରେ ଅନେକ ସମସ୍ୟା ଭୋଗୁଛନ୍ତି। ଏନେଇ ଗୁରୁବାର ଡିଫେନ୍ସ କଲୋନୀ ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ କେତେକ ଲୋକ ଘଟଣା ସ୍ଥଳକୁ ଯାଇ କାମ କରୁଥିବା ଲୋକଙ୍କ ସହ ଯୁକ୍ତିତର୍କ କରିଥିଲେ। ଗାଡ଼ି ଗୁଡ଼ିକ ମାଲ ଓହ୍ଲାଇବା ସମୟରେ ରାସ୍ତା ଉପରେ ବହୁ ସମୟ ଅଟକି ରହିବା ଦ୍ୱାରା ଯାତାୟାତରେ ଅସୁବିଧା ହେଉଛି। ଖାଲି ସେତିକି ନୁହେଁ ପ୍ରବଳ ଧୂଳି ଉଡ଼ିବା ଦ୍ୱାରା ସ୍ଥାନୀୟ ଲୋକେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ତେଣୁ କାମ ତୁରନ୍ତ ସାରିବା ପାଇଁ ଡିଫେନ୍ସ କଲୋନୀ ବାସିନ୍ଦା ଚିତ୍ତରଞ୍ଜନ ଦାସ ନିବେଦନ କରିଛନ୍ତି। ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତାପ ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଲୋକଙ୍କ ଅସୁବିଧା ଯେଭଳି ନହେବ ସେଥିପାଇଁ ଧ୍ୟାନ ଦିଆଯିବ।



ଦୁଇଟା ଗାଡ଼ି ରାସ୍ତା ଉପରେ ଅଟକି ରହିଛି।

# ସରପଞ୍ଚ, ୭ ନାଏବ ସରପଞ୍ଚ ପଦବୀ ଖାଲି

ସୋରଡା, ୨୩।୧ (ରଜନୀ ମହାପାତ୍ର):

ଗଞ୍ଜାମ ଜିଲା ସୋରଡା ବ୍ଲକର କେତେକ ପଞ୍ଚାୟତରେ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ସରପଞ୍ଚ ଓ ନାଏବ ସରପଞ୍ଚ ପଦବୀ ଖାଲି ପଡିଛି। ୨୦୨୨ରେ ଅମୃତୁଲୁ ପଞ୍ଚାୟତରେ ସରପଞ୍ଚଙ୍କ ମୃତ୍ୟୁ ପରେ ବ୍ଲକ ପ୍ରଶାସନ ଉପନିର୍ବାଚନ କରିବାରେ ବିଫଳ ହୋଇଛି। ସେହିପରି ନାଏବ ସରପଞ୍ଚ ଓ ଏକାଧିକ ୱାର୍ଡ ମେମ୍ବର ପଦବୀ ମଧ୍ୟ ଖାଲି ପଡିଛି। ସୋରଡା ଭାଜପା ମଣ୍ଡଳ ସଭାପତି, ଅମୃତୁଲୁର ପୂର୍ବତନ ସରପଞ୍ଚ ଏବଂ ଅନ୍ୟମାନେ ଏ ସମ୍ପର୍କରେ ବହୁବାର ବିଡିଓ ଓ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ସୁଦ୍ଧା କୌଣସି ପଦକ୍ଷେପ ନାହିଁ। ସୋରଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ୱାର୍ଡ ମେମ୍ବର, ନାଏବ ସରପଞ୍ଚ ଓ ସରପଞ୍ଚ ପଦବୀ ଖାଲି ପଡିଛି। ନିୟମ ଅନୁଯାୟୀ ଯଦି କୌଣସି ନିର୍ବାଚିତ ପ୍ରତିନିଧିଙ୍କ ମୃତ୍ୟୁ ହୁଏ କିମ୍ବା ସେ ନିଜ ପଦବୀରୁ ଇସ୍ତଫା ଦିଅନ୍ତି ତେବେ ସ୍ଥାନୀୟ ପ୍ରଶାସନ, ଜିଲା ପ୍ରଶାସନ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ସହ ଯୋଗାଯୋଗ କରି ଉକ୍ତ ପଦବୀ ପୂରଣ ପାଇଁ ଉପନିର୍ବାଚନ କରିବା ନିୟମ ରହିଛି। ମାତ୍ର ସୋରଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଖାଲି ପଡ଼ିଥିବା ଉକ୍ତ ଜନ ପ୍ରତିନିଧି ପଦବୀଗୁଡିକ ପୂରଣ ପାଇଁ ୩୦ ମାସ ପରେ ବି ପଦକ୍ଷେପ ନେଇନି ପ୍ରଶାସନ। ଏବିଡିଓ ସଞ୍ଜୀବ ସେନାପତିଙ୍କୁ ବ୍ଲକ ପ୍ରଶାସନ ଅମୃତୁଲୁ ସରପଞ୍ଚ ଦାୟିତ୍ୱ ଦେଇ ଚୁପ ବସିଛି । ଅମୃତୁଲୁ ସରପଞ୍ଚ ଶଶିଦେଇ ମଳିକଙ୍କ

### ଚିଠି ଲେଖି ଚୁପ୍ ରହିଛି ସୋରଡ଼ା ବ୍ଲକ ପ୍ରଶାସନ

ମୃତ୍ୟୁ ପରେ ୨୦୨୨ ନଭେମ୍ବର ୧୫ରୁ ଉକ୍ତ ପଦବୀ ଖାଲି ପଡିଛି। ସେହିପରି ବୋରଦା ପଞ୍ଚାୟତର ୧ ନଂ. ୱାର୍ଡ, ବୋର୍ସିଙ୍ଗ ପଞ୍ଚାୟତର ୮ ନଂ. ୱାର୍ଡ, ବଡଗଡର ୨ ନଂ. ୱାର୍ଡ, ନୂଆଗଡର ୱାର୍ଡ ୧୦, ହିଞ୍ଜଳକୁଦାର ୪ ନଂ. ୱାର୍ଡମେମ୍ବର ପଦବୀ ଖାଲି ପଡିଛି। ଅମୃତୁଲୁ, ବଡଗୋଛା, ଏକଲପୁର, ରାଇବନ୍ଧ, ସରାବାଡି, ବୋରଦା, ବୋର୍ସିଙ୍ଗରେ ନାଏବ ସରପଞ୍ଚ ପଦବୀ ମଧ୍ୟ ଖାଲି ଅଛି। ଏ ନେଇ ବହୁ ଅଭିଯୋଗ ପରେ ବିଡିଓ ଗତ ଅକ୍ଟୋବର ୧ରେ ଚିଠି କରି ଭଞ୍ଜନଗର ଉପଜିଲାପାଳ ଓ ଗଞ୍ଜାମ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ଭାଜପା ମଣ୍ଡଳ ସଭାପତି ବୁଲୁ ସ୍ୱାଇଁ କହିଛନ୍ତି, ବ୍ଲକ ପ୍ରଶାସନର ଉଦାସୀନତା ଯୋଗୁ ପଞ୍ଚାୟତରେ ଉପନିର୍ବାଚନ ହୋଇପାରୁନି। ଶୀଘ୍ର ଉପନିର୍ବାଚନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବୁ। ଅମୃତୁଲୁର ପୂର୍ବତନ ସରପଞ୍ଚ ଗୋବିନ୍ଦ ପାଢୀ କହିଛନ୍ତି, ଏହି ପଞ୍ଚାୟତ ପ୍ରତି ବର୍ତ୍ତମାନ ଯାଏ ସରକାରୀ ବାବୁଙ୍କ ମୋହ ଛାଡିନି। ମଣ୍ଡଳ ସଭାପତି ଭଗବାନ ମୁନି କହିଛନ୍ତି, ବ୍ଲକ ପ୍ରଶାସନ ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ଦରକାର ବୋଲି କହିଛନ୍ତି।

## ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

ଛତ୍ରପୁର, ୨୩।୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ) ସ୍ଥାନୀୟ ଶ୍ରୀରାମ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛତ୍ରପୁରରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ ହୋଇଛି। ଏଥିରେ ଛତ୍ରପୁରର ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଛତ୍ରପୁର ପ୍ରଭାତ ଶାଖା ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ପୂର୍ବତନ କାଉନସିଲର ବି.ରାଜୁବାବୁ, କାଉନସିଲର କେ.ରମେଶ, ପ୍ରୀତିଛନ୍ଦା ସାମଲ, ସନ୍ତୋଷୀ ସେଠି ଓ ବି.ନିତ୍ୟଲାସ୍ୱାମୀ, ବି.ଗୋପାଳ ସ୍ୱାମୀ, ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ଉପସଭାପତି ଅଞ୍ଚଳ ବିହାରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଜି.ଉଦୟଗିରି (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ):** ଜି.ଉଦୟଗିରି ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଓ ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ମନୋରଞ୍ଜନ, ସାଂସ୍କୃତିକ, ଖେଳକୁଦ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସରିତା ସାହୁ, ସ୍ମୃତି ରଞ୍ଜନ ବେହେରା, ଦୀପିକା ପଟ୍ଟନାୟକ, ଗୀତାଞ୍ଜଳି ଚୌଧୁରୀ, ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

ଜି. ଉଦୟଗିରିର ସମସ୍ତ ଶିକ୍ଷା କେନ୍ଦ୍ରରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଦେଶ ସ୍ୱାଧୀନତା ପାଇବାର ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ନେତାଜୀଙ୍କ ସେହି ଡାକରା 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ଏହି ବାକ୍ୟ ଆଜି ମଧ୍ୟ ସମସ୍ତ ଜନତାଙ୍କ ମାନସ ପଟରେ ଲିପିବଦ୍ଧ ହୋଇ ରହିଛି। ଭାରତ ମାତାର ଏହି ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମତିଥିରେ ସ୍ଥାନୀୟ ଅଞ୍ଚଳରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

**ବୁଗୁଡ଼ା (କାଳିଚରଣ ଦାଶ):** ବୁଗୁଡା ନିୟୁ ଏରା ପବ୍ଲିକ ସ୍କୁଲ ପରିସରରେ ଗୁରୁବାର ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି। ଅଧକ୍ଷ ଡ.ବୃଷକେତୁ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସଭାପତି କାଳୀ ଚରଣ ଦାଶ, ମୁଖ୍ୟବକ୍ତା ଭାବେ ବୁଗୁଡ଼ା ମିଡ଼ିଆ କ୍ଲବ୍ ସଭାପତି ଅନୀଲ ପଟ୍ଟନାୟକ ଯୋଗଦେଇ ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ଉଭୟ ମହାପୁରୁଷଙ୍କ ଆଦର୍ଶ ଜୀବନୀ ତଥା ଦେଶପ୍ରେମର ମହତ୍ତ୍ୱ ଉପରେ ଉଦ୍‌ବୋଧନ ଦେଇଥିଲେ।

**ଆର,ଉଦୟଗିରି (ମନୋଜ କୁମାର ପାଢୀ):** ଆର.ଉଦୟଗିରି ବ୍ଲକ ଅଧିନସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ କେ.ଏମ୍. ଭାଲିଆସାହି ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଉକ୍ତ ଅବସରରେ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କର ଫଟୋରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ବିଦ୍ୟାଳୟ ପରିସରରେ ଥିବା ମହା ପୁରୁଷ ମାନଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ଏହା ସହିତ ପିଲାମାନେ ଭାଷଣ ପ୍ରଦାନ କରିବା ସହ ବିଭିନ୍ନ ପ୍ରକାରର ଦେଶାତ୍ମବୋଧକ ସଙ୍ଗୀତ ମଧ୍ୟ ଗାନ କରିଥିଲେ। ଶିକ୍ଷକ ଯୁଧିଷ୍ଠିର ପାଇକ ମଞ୍ଚ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପୂର୍ବତନ ପ୍ରଧାନ ଶିକ୍ଷକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ବିରୋଧରେ ଅଭିଯୋଗ

**କେସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**



ବିଡିଓଙ୍କୁ ଭେଟି ଗ୍ରାମବାସୀ ଆଲୋଚନା କରୁଛନ୍ତି।

ମୋହନା,୨୩।୧(ମନ୍ମଥ ମିଶ୍ର)– କେସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ବିରୋଧରେ ଗୁରୁବାର କେସରା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ସମ୍ପୃକ୍ତ ପ୍ରଧାନଶିକ୍ଷକ ଦାୟିତ୍ୱରୁ ହଟିଥିଲେ ମଧ୍ୟ ଏଯାଏ ତାଙ୍କ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଖବରରୁ ଜଣାପଡ଼ିଛି, ଗତ ତିନି ବର୍ଷ ହେଲା ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ରୂପେ ପହଲ୍ଲାଦ ମିଶାଲ କାର୍ଯ୍ୟ ଆସୁଥିଲେ। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ପିଲାଙ୍କ ଉପସ୍ଥାନ ଅଧିକ ଦର୍ଶାଇ ମଧ୍ୟାହ୍ନ ଭୋଜନ ସାମଗ୍ରୀ ହଡପ କରୁଥିବା ଅଭିଯୋଗ କରିଥିଲେ ଗ୍ରାମବାସୀ। ଗତ ୨୬।୧୨।୨୪ରେ ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ନିର୍ଦ୍ଦେଶରେ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ନରେନ୍ଦ୍ର ବେହେରା ବିଦ୍ୟାଳୟକୁ ଯାଇ ତଦାରଖ କରି ଡିଇଓଙ୍କୁ ରିପୋର୍ଟ ଦେଇଥିଲେ। ଏହାକୁ ଭିତ୍ତିକରି ପ୍ରଧାନଶିକ୍ଷକ ପହଲାଦ ମିଶାଲଙ୍କୁ ପ୍ରଧାନ ଶିକ୍ଷକ ପଦବୀରୁ ହଟାଇ ନୂତନ ପ୍ରଧାନ ଶିକ୍ଷକ ଭାବେ ରବୀନ୍ଦ୍ର ମହାରଣାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ତାଙ୍କୁ କୁହାଯାଇଥିଲା। ମାତ୍ର ୪ମାସ ବିତିଯାଇଥିଲେ ମଧ୍ୟ ପୂର୍ବତନ ପ୍ରଧାନ ଶିକ୍ଷକ ମିଶାଲ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି । ଅନ୍ୟପକ୍ଷରେ ପୂର୍ବତନ ପ୍ରଧାନ ଶିକ୍ଷକ ଉଚ୍ଚନୀଚ ଜାତିଭେଦ ନେଇ ଛାତ୍ରୀଛାତ୍ରଙ୍କ ମନରେ ଭିନ୍ନ ଧାରଣା ଭରୁଥିବା ଗ୍ରାମର ମହିଳା ପୁରୁଷମାନେ ପୂର୍ବତନ ପ୍ରଧାନ ଶିକ୍ଷକ ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭଦର୍ଶନୀ ବେହୁରାଙ୍କ ବିରୋଧରେ ମୋହନା ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗତ ୧୩ରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭଦର୍ଶନୀ ରାତି ଅଧିଆ ହଷ୍ଟେଲକୁ ଯାଇ ବିଦ୍ୟାଳୟର ସମସ୍ୟା ଉପରେ ବୁଝିଥିଲେ। ପରେ ସେ ଗ୍ରାମବାସୀଙ୍କୁ କହିଥିଲେ, ଛାତ୍ରୀଛାତ୍ରଙ୍କୁ ଜାତିଆଣ ଅଖ୍ୟା ଦେଇ ବିଭିନ୍ନ କଥା କୁହାଯାଉଛି। ପରେ ଗ୍ରାମବାସୀ ଏନେଇ ଛାତ୍ରୀଛାତ୍ରଙ୍କୁ ପଚାରିବାରୁ ଜାତିଆଣ କଥା ସମ୍ପୂର୍ଣ୍ଣ ମିଥ୍ୟା। ହଷ୍ଟେଲରେ ଭଲ ଖାଦ୍ୟ ମିଳୁଛି ବୋଲି କହିଥିଲେ। ଏଥିରୁ ଜାତିଆଣ କଥା କହିବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରବର୍ତ୍ତାଇଥିବା ସ୍ପଷ୍ଟ ହେଉଛି। ଏହାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ମୋହନା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବତନ ପ୍ରଧାନ ଶିକ୍ଷକ ମିଶାଲଙ୍କୁ ବିଦ୍ୟାଳୟରୁ ବାହାର କରା ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ପଚାରିବା ଲାଗି ପ୍ରଧାନଶିକ୍ଷକ ମିଶାଲ ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭଦର୍ଶନୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉଭୟେ ଫୋନ ଉଠାଇ ନ ଥିଲେ। ଏସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ମାୟାଧର ସାହୁଙ୍କୁ ପଚାରିବାରୁ ସେ କହିଲେ, ପୂର୍ବତନ ପ୍ରଧାନ ଶିକ୍ଷକ ସମ୍ପୂର୍ଣ୍ଣ ଦାୟିତ୍ୱ ଦେବାର କୌଣସି ଲିଖିତ ଚିଠି ମୋପାଖକୁ ଏଯାବତ ଆସିନାହିଁ । ବିଡ଼ିଓ ରାଜୀବ ଦାସଙ୍କୁ ପଚରାଯିବାରୁ ଜିଲା ଅଧିକାରୀଙ୍କୁ ଚିଠି କରାଯାଇଛି ବୋଲି କହିଛନ୍ତି ।

## ନେତାଜୀ ଗୁରୁକୁଳ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର ।

ଗଞ୍ଜାମ,୨୩।୧(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ସ୍ଥିତ ନେତାଜୀ ଗୁରୁକୁଳ ଶିକ୍ଷାନୁଷ୍ଠାନର ସପ୍ତମ ତମ ବାର୍ଷିକୋତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ମୁଖ୍ୟ ହରିଶ୍ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ପ୍ରେସକ୍ଲବ୍ ସମ୍ପାଦକ ବିଦ୍ୟାଧର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗଞ୍ଜାମ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ବଂଶୀଧର ଗୌଡ଼, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ପ୍ରେସକ୍ଲବ୍ ସଭାପତି ଶବର ତରାଇ, ଭାଜପା ଓବିସି ମୋର୍ଚ୍ଚା କୋଷାଧକ୍ଷ ସନ୍ତୋଷ ମହାପାତ୍ର ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯିବା ସହ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ପରିଚାଳକ ହେମନ୍ତ ବେହେରା, ଅନିତା ପ୍ରଧାନ, ଅହଲ୍ୟା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଫାଇଲେରିଆ ନିରାକରଣ ସଚେତନତା ତାଲିମ

ଫୁଲବାଣୀ, ୨୩।୧(ରାକେଶ କୁମାର ରାଉତ)



୪ବର୍ଷ ହେଲା ଫାଇଲେରିଆ ନିରାକରଣ ପାଇଁ ଚେଷ୍ଟା ଜାରି ରହିଛି। ଏହା ମଶାବାହିତ ରୋଗ। ମାଲେରିଆ ଠାରୁ ଆହୁରି ମାରାତ୍ମକ। ଏହାକୁ ରୋକିବା ପାଇଁ ଜିଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପ୍ରକଳ୍ପ ଜରିଆରେ ଏମ୍‌ଡିଏ କାର୍ଯ୍ୟକ୍ରମ ଫେବୃଆରୀ ୧୦ରୁ ୧୯ ପର୍ଯ୍ୟନ୍ତ ଚାଲିବ। ଏଥିରେ ଜିଲାର ସମସ୍ତ ବ୍ଲକରେ ସ୍ୱେଚ୍ଛାସେବୀ ମାନଙ୍କୁ ଚୟନ କରି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ ପାଢ଼ୀଙ୍କ ତତ୍ତ୍ୱାବଧାନରେ ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ଓ ବିଭିନ୍ନ ସଭାସମିତିରେ ଉପସ୍ଥିତ ରହି ୨୦ଦିନ ଆଗରୁ ଜନ ସଚେତନତା ସୃଷ୍ଟି କରିବେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଫୁଲବାଣୀ, ଟିକାବାଲୀ, ଖଜୁରିପଡ଼ା ଓ ଫିରିଙ୍ଗିଆ ବ୍ଲକର ଗ୍ରାମାଞ୍ଚଳ ସହିତ ଫୁଲବାଣୀ ପୌର ପରିଷଦରେ ୨୩ ଜଣ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି ମିଳିଛି। ଆମ ଜିଲାରେ ଗ୍ରାମରୁ ଫାଇଲେରିଆକୁ ହଟାଇବା ମୂଳ ଲକ୍ଷ୍ୟ ବୋଲି ଅନୁଷ୍ଠାନ ସମ୍ପାଦକ ହରି ଶଙ୍କର ରାଉତ କହିଛନ୍ତି। ଅନୁଷ୍ଠାନ ବରିଷ୍ଠ କର୍ମୀ ବିଶ୍ୱରନ କର, ଗୌତମ ପ୍ରଧାନ, ନୁତନ୍ୟ ଶବର, ଜୟରାମ ମଲିକ, ଦିପେଶ ମହାକୁଡ, ଗୁପ୍ତେଶ୍ୱର ବେହେରା ପ୍ରମୁଖ ସୋସିଆଲ୍ ମୋବିଲାଇଜର୍ ଭାବେ କାର୍ଯ୍ୟ କରୁଛନ୍ତି।

## ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ

ଛତ୍ରପୁର,୨୩।୧(ଦିଲୀପ ସାମଲ): ରାଜ୍ୟର ୩ ଜଣିଆ କାୟାକଳ୍ପ ଟିମ ଗୁରୁବାର ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନ କରି ଏହାର ଭିତ୍ତିଭୂମିର ତଦାରଖ କରିଛନ୍ତି। ଏଥିସହ ସଫେଇ, ଓଟି, ଲେବର ରୁମ୍, ରୋଗୀଙ୍କୁ ଉଚିତ୍ ସେବା ପ୍ରଦାନ କରାଯାଉଛି କି ନାହିଁ ତାହାର ଅନୁଧ୍ୟାନ କରିଛନ୍ତି। ଟିମରେ ସାସର ଡାକ୍ତର ରାମକୃଷ୍ଣ ଶତପଥୀ, ୟୁନିସେଫର ଡାକ୍ତର ସମ୍ପିତ ଜେନା, ପିପିପି ଏନଜିଓର କନସଲଣ୍ଟାଣ୍ଟ ଅନୁଜା ବେହେରା ରହିଥିଲେ। ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ସ୍ୱାଧୀନ ରଥ, ବିପିଏମ ସିମାଂଚଳ ପ୍ରଧାନ, ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ ଓ ବ୍ଲକ ଆକାଉଣ୍ଟ ମ୍ୟାନେଜର ଦେବାଶିଷ ପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ମା'ବାଳକୁମାରୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା



ଚିକିଟି,୨୩।୧(ପ୍ରକାଶ ଚନ୍ଦ୍ର ସାହୁ) ଚିକିଟି ବ୍ଲକ ଅନ୍ତର୍ଗତ ରାମଗୁଡ଼ା ପର୍ବତ ଶିଖରରେ ବହୁ ପୁରାତନ କାଳରୁ ପୂଜା ପାଇ ଆସୁଥିବା ମା'ବାଳକୁମାରୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱ ଶାନ୍ତି ଆମ୍ବା ମହାଯଜ୍ଞ ଗୁରୁବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆଖପାଖ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବାହାରି ବହୁଦା ନଦୀରୁ କଳସରେ ଜଳ ଧରି ମା'ବାଳକୁମାରୀ ପୀଠରେ ପହଞ୍ଚିଥିଲେ। ଏହି ଯଜ୍ଞ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ଦିର ପରିଚାଳନା ପକ୍ଷରୁ କୁହାଯାଇଛି। ଏହି ଉତ୍ସବରେ ଅଞ୍ଚଳର ବିଶିଷ୍ଟ ପଣ୍ଡିତ ଅଶୋକ ପାଢ଼ୀଙ୍କ ତତ୍ତ୍ୱାବଧାନରେ ୬୫ ବେଦ ପାଠୀ ଓ ପୁରୋହିତ ସହଯୋଗ କରିଛନ୍ତି।

# ବ୍ରହ୍ମପୁରକୁ ହରାଇ ମୋହନା ଚାମ୍ପିୟନ

ଦିଗପହଣ୍ଡି,୨୩।୧(ଅଶେଷ ନାଥ ମିଶ୍ର)

**ଆନ୍ତଃଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟ**



ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତ ଗୋଲାଣ୍ଡା ଗ୍ରାମ ବୃନ୍ଦାବନ ଚନ୍ଦ୍ର ସ୍ପୋର୍ଟିଙ୍ଗ କ୍ଲବ୍ ଆନୁକୂଲ୍ୟରେ ସପ୍ତାହେ ଧରି ଚାଲିଥିବା ଗୌରୀଶଙ୍କର ଓ ଚନ୍ଦନ ସ୍ମାରକୀ ଆନ୍ତଃଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଗଜପତି ଜିଲା ମୋହନା ଗ୍ରାମର ସ୍ମାର୍ଟ ସିକ୍ସ ଭଲିବଲ ଟିମ୍ ୩-୦ ସେଟ୍ ବ୍ୟବଧାନରେ ଗଞ୍ଜାମ ଜିଲା ବ୍ରହ୍ମପୁରର ପାୱାର ସିକ୍ସ ଟିମ୍‌କୁ ପରାଜିତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଫାଇନାଲ ମ୍ୟାଚ୍‌କୁ ଦିଗପହଣ୍ଡି ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବିବେଚିତ ଖେଳାଳିଙ୍କୁ ଏକ ସାଇକେଲ ଉପହାର ଦେବା ସହ ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, ଖମାରି ଗାଁ ପୂର୍ବତନ ସରପଞ୍ଚ ସନ୍ତୋଷ ପାତ୍ରଙ୍କ ସମେତ ବରିଷ୍ଠ କ୍ରୀଡାବିତ ସମ୍ମାନିତ ଅତିଥିଭାବେ ମଞ୍ଚାସିନ ଥିଲେ। ପରିଶେଷରେ ଏନ୍‌ଏସି ଅଧ୍ୟକ୍ଷ ବିଜେତା ମୋହନା ଟିମ୍‌କୁ ୨୭୭୭୭ ଟଙ୍କା ଏବଂ ଟୁର୍ଣ୍ଣାମେଣ୍ଟ କମିଟି ଆବାହକ ତଥା କ୍ଲବ ସଭାପତି ରଞ୍ଜନ ପାଣିଗ୍ରାହୀ ପରାଜିତ ବ୍ରହ୍ମପୁର ଟିମକୁ ୨୧୧୧୧ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି କମିଟି ସମ୍ପାଦକ ଚିତ୍ରସେନ ଗୌଡ଼ ଶ୍ରେଷ୍ଠ ଖେଳାଳି ଭାବେ ମୋହନା ଟିମ୍‌ର ଉଜ୍ଜନଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ କମିଟି କୋଷାଧ୍ୟକ୍ଷ ପ୍ରଶାନ୍ତ ଗୌଡ, ଉପଦେଷ୍ଟା ଶିବାନନ୍ଦ ପାଣିଗ୍ରାହୀ, ଭୈରବ କର, ଦୁର୍ଗାପ୍ରସାଦ ଗୌଡ, ଜୟସନ ପାଣିଗ୍ରାହୀ, ସନ୍ତୋଷ ସାହୁ, ମିଳନ ପାଣିଗ୍ରାହୀ, ସୁନୀଲ ଗୌଡ, ଚନ୍ଦନ ପାତ୍ର, କାଳିଆ ଗୌଡ, ଲିପନ ପାଣିଗ୍ରାହୀ, କିରଣ ଗୌଡ, ଅମିତ ଗୌଡ, ଗୋବିନ୍ଦ ନାୟକ, ମଣ୍ଟୁ ଦାସ ସହଯୋଗ କରିଥିଲେ।

## କବିସୂର୍ଯ୍ୟନଗରରେ ନେତାଜୀ ଜୟନ୍ତୀ ପାଳିତ

କବିସୂର୍ଯ୍ୟନଗର,୨୩।୧(କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗର ଓଡିଶା ଆଜାଦ ହିନ୍ଦ ଫୌଜ ସଂଘ ଓ ଅବସର ସୈନିକ ସଂଘର ମିଳିତ ଆନୁକୂଲ୍ୟରେ ବ୍ଲକ ପରିସରସ୍ଥିତ ନେତାଜୀ ସ୍ମୃତି ମଣ୍ଡପ ଠାରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଶ୍ରୀମର୍ଦ୍ଧରାଜ ହାଇସ୍କୁଲ ଏନସିସି, ଜେଆରସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ । ଓଡିଶା ଆଜାଦ ହିନ୍ଦ ଫୌଜ ସଂଘ ସଭାପତି ପୀତବାସ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିବା ସହ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଅବସର ସୈନିକ ସଂଘ ସଭାପତି ଡା. କଂଗ୍ରେସ ପ୍ରଧାନ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ପ୍ରଦାନ କରିଥିଲେ। ଆଜାଦ ହିନ୍ଦ ଫୌଜ ସଂଘ କୋଷାଧ୍ୟକ୍ଷ କେଦାରନାଥ ପରିଡା, ସମ୍ପାଦକ ରମାବଲ୍ଲଭ ବେହେରା, ଉପସଭାପତି ବଂଶୀଧର ଗୌଡ଼, ଯୁଗ୍ମ ସମ୍ପାଦକ ମୋଚିରାମ ବେହେରା, ସଭ୍ୟ ଘନଶ୍ୟାମ ବେହେରା, ସାଗର ପ୍ରଧାନ, ଶିଶିର ଗୌଡ଼ ସମେତ ଅବସର ସୈନିକ ସଂଘ ସଭାପତି ଡା,କଂଗ୍ରେସ ପ୍ରଧାନ, ଗଞ୍ଜାମ ଜିଲା ଅବସର ସୈନିକ ସଂଘ ସଭାପତି କବିରାଜ ପ୍ରଧାନ ଓ ରାଜକୁମାର ୱମାନ ଭୋସଲେ, ସଦାନନ୍ଦ ମାଝୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ଜାଗରଣ ପଡିଆ ଠାରେ ଜାଗରଣ ମଞ୍ଚ ସଭାପତି ଆଇନଜୀବୀ ପ୍ରଭାତ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସଂଘ ରାଷ୍ଟ୍ରୀୟ ମାର୍ଗଦର୍ଶକ ସତ୍ୟାନନ୍ଦ ଗିରି ମହାରାଜ ପତାକା ଉତ୍ତୋଳନ କରି ବକ୍ତବ୍ୟ ପ୍ରଦାନ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ଚାନ୍ଦିପୁଟ,୨୩।୧(କେ.ପ୍ରମୋଦ କୁମାର ଦୋରା) ଚାନ୍ଦିପୁଟ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଉପଦେଷ୍ଟା ତରଣୀ ସେନ ଦାଶ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତାଭାବେ ଦିହପହଣ୍ଡି ଶିକ୍ଷା ସମିତିର ସଂକୁଳ ସଂଯୋଜକ ଷଷ୍ଠୀ ପ୍ରସାଦ ବିଷୋୟୀ ଉପସ୍ଥିତ ଥିଲେ। ଚାନ୍ଦିପୁଟ ସରପଞ୍ଚ ପ୍ରତିନିଧି କମଳ ପାଲ, ଚାନ୍ଦିପୁଟ ପଞ୍ଚାୟତ ସୋମନାଥ ମଣ୍ଡଳ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTCSBPOT80, ତା.16.01.2025ରିଖ

**କାର୍ଯ୍ୟର ନାମ:** "ପୂର୍ବ ତଟ ରେଳପଥରର ଲେବୁଲ କ୍ରସିଂ JT-1 ଏବଂ JT-2 କୁ ବନ୍ଦ କରିବା ପାଇଁ ଝାରସୁଗୁଡ଼ା ରୋଡ଼ ଠାରେ ପ୍ୟାନେଲ ପରିବର୍ତ୍ତନ କାର୍ଯ୍ୟ ଏବଂ ସରଳା - ଶାସନ, ଜରପଡ଼ା - ତାଳଚେର ରୋଡ଼ ସେକ୍ସନ, JSPL - ବଳରାମ ସେକ୍ସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନର କାର୍ଯ୍ୟ ସମ୍ବନ୍ଧୀୟ ସିଗ୍ନାଲ ଏବଂ ଟେଲିକମ୍ ଇଂଫ୍ରିଞ୍ଜମେଂଟ କୁ ଦୂର କରିବା ପାଇଁ କେବୁଲ, ଲୋକେସନ ବକ୍ସ, ସିଗ୍ନାଲ ପୋଷ୍ଟ ଇତ୍ୟାଦି ସିଗ୍ନାଲ ଏବଂ ଟେଲିକମ୍ ଗିୟରର ପରିବର୍ତ୍ତନ ।"

**ଆନୁମାନିକ ମୂଲ୍ୟ :** ₹1,42,68,655.00, EMD (₹): 2,21,400.00, ଇ-ଟେଣ୍ଡର ଶେଷ ହେବା ଅବଧି : 24(ଚବିଶ)ମାସ ।

ଇ-ଟେଣ୍ଡର ବନ୍ଦ ହେବା ତାରିଖ : ତା.07.02.2025 ରିଖ (1530 ଘଟିକା), **ଇ-ଟେଣ୍ଡର ଖୋଲାଯିବା ତାରିଖ:** ତା.07.02.2025 ରିଖ (1530 ଘଟିକା) ।

ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ : www.ireps.gov.in ରେ । ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ)ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର

PR-130/CH/24-25

OFFICE OF THE PRINCIPAL
**MUNICIPAL COLLEGE, ROURKELA**

No. 184/MCR Date: 22.01.2025

**NOTICE OF INVITATION**

The Principal of Municipal College, Rourkela hereby invites proposals from reputed eligible firms/manufacturers/authorized dealers/suppliers located within State of Odisha for supply of the following items under OHEPEE Grant at the College premies.

1. Moulded Chairs for Girl's Hostel Common Room.
2. Tables for Girl's Hostel Common Room.
3. Table for Physics, Botany, Zoology Labs.

The interested firms may visit the College website i.e. **https://www.municipalcollegerkl.com** and download the Request for Proposal (RfP) documents or visit the college office for detail information and submit their sealed proposal to the Principal by Speed Post/Registered Post as per the terms and conditions mentioned in the RfP documents, so as to reach the college office on or before 21.02.2025 (12.00 Noon). The authority reserves the right to extend, accept or reject any or all the proposal without assigning any reason thereof.

**Sd./- Principal**
**Municipal College, Rourkela**

## ଶହୀଦ ଉମାକାନ୍ତ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚରେ ନୂଆଗଡ଼ ବିଜୟୀ



ଥାନା ଅଧିକାରୀ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

ଆସିକା,୨୩।୧(ସୁରେନ୍ଦ୍ର ନାଥ ସାହୁ)– ଆସିକା ଏନଏସିର ତାଲୁକା ଛକଠାରେ ଗୁରୁବାର ଅମରନାଥ କ୍ରିକେଟ କ୍ଲବ ପକ୍ଷରୁ ଶହୀଦ ଉମାକାନ୍ତ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ବାରିକ, ଜେଲ ଅଧୀକ୍ଷକ ଖଗେଶ୍ୱର ସିଂ, ଜିଲା ପରିଷଦ ସଦସ୍ୟା ଅନୁମା ପରିଡା, କାଉନସିଲର ସଂଯୁକ୍ତା ଶତପଥୀ, ରାଘବ ସିଅ, ସରୋଜ କୁମାର ଭ, କୈଳାସ ପ୍ରଧାନ, ଅମଲା ସଂଘ କର୍ମକର୍ତ୍ତା ପ୍ରସନ୍ନ ତ୍ରିପାଠୀ, ସାମାଜିକ କର୍ମୀ ବଂଶୀଧର ନାହାକ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ହିଞ୍ଜିଳିକାଟୁ ଓ ନୁଆଗଡ ଟିମ୍ ମଧ୍ୟରେ ହୋଇଥିଲା । ହିଞ୍ଜିଳିକାଟୁ ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା । ନୁଆଗଡ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦୩ ରନରେ ସମସ୍ତ ଖେଳାଳି ଆଉଟ ହୋଇଯାଇଥିଲେ । ଏହାର ଜବାବରେ ହିଞ୍ଜିଳିକାଟୁ ଟିମ୍ ୧୨୭ ରନ କରି ସମସ୍ତ ଉଇକେଟ ହରାଇଥିଲା। ଫଳରେ ନୁଆଗଡ ବିଜୟୀ ହୋଇଥିଲା। ନୁଆଗଡ ଟିମ୍‌ର ସାଗର ନାହାକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସତ୍ୟେନ୍ଦ୍ର ହୋତା, ରାହୁଲ ମୁନି, ତ୍ରିଲୋଚନ ପାତ୍ର ଓ ସୁନିଲ ଗୌଡ ଖେଳ ପରିଚାଳନା କରିଥିଲେ। ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରୁ ୧୬ଟି ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଛନ୍ତି। ଫେବୃଆରୀ ୯ରେ ଫାଇନାଲ ମ୍ୟାଚ ହେବ।

# ବାଣାୟତ ଓଡିଆ ସମାଜର ବୈଠକ

ଆସିକା,୨୩।୧(ସୁରେନ୍ଦ୍ର ନାଥ ସାହୁ) – ଧରାକୋଟ ତାଲୁକା ବାଣାୟତ ଓଡିଆ ସମାଜର ଏକ ବୈଠକ ମା' କରଇେଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଗଞ୍ଜାମ ଜିଲା ସଭାପତି ଗନ୍ଧର୍ବ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଓବିସି ସଂରକ୍ଷଣରେ ମାନ୍ୟତା, ବୃଦ୍ଧ ମାତାପିତାଙ୍କ ପ୍ରତି ପୁଅମାନଙ୍କ କର୍ତ୍ତବ୍ୟ ଓ ଓଡିଆ ପରିବାରର ସାମାଜିକ ଆର୍ଥିକ ସ୍ଥିତି ସୁଧାରିବା ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ଆଗାମୀ ୫ବର୍ଷ ପାଇଁ ସମାଜର ନିର୍ବାଚନ ହୋଇଥିଲା । ଭଗବାନ ପରିଡା ସଭାପତି, ପ୍ରମୋଦ ସ୍ୱାଇଁ ସମ୍ପାଦକ, ଚୋରିଆ ପ୍ରଧାନ ଉପସଭାପତି, ବାଞ୍ଛାନିଧି ସ୍ୱାଇଁ ସହ ସମ୍ପାଦକ, ରଞ୍ଜନ ସ୍ୱାଇଁ କୋଷାଧ୍ୟକ୍ଷ, ମଗୁଲୁ ପ୍ରଧାନ ସମୀକ୍ଷକ, ସୁରେନ୍ଦ୍ର ପ୍ରଧାନ ଓ ବିଂଶୀଧର ବିଶ୍ୱାଳ ସଙ୍ଗଠନ ସମ୍ପାଦକ ଏବଂ ଦିବାକର ପ୍ରଧାନ ଓ ସତ୍ୟବାଦୀ ସ୍ୱାଇଁ ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଥିଲେ।

# ଏମ୍‌କେସିଜି କ୍ୟାବିନ ବ୍ଲକରୁ ଖସିଲା ପଲସ୍ତରା

ବ୍ରହ୍ମପୁର,୨୩।୧(ସୁବାସ ଚନ୍ଦ୍ର ପାଢ଼ୀ):

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରସୂତିଓସ୍ତ୍ରୀରୋଗ ବିଭାଗରେ ଥିବା କ୍ୟାବିନ ବ୍ଲକରୁ ଗୁରୁବାର ସନ୍ଧ୍ୟାରେ ପଲସ୍ତରା ଖସିପଡିଛି। ଏହାକୁ ନେଇ ରୋଗୀମାନେ ଭୟଭୀତ ହୋଇପଡିଛନ୍ତି। କ୍ୟାବିନ ବ୍ଲକର ୭ ନଂ କୋଠରୀରେ ବ୍ରହ୍ମପୁରର ଜଣେ ମହିଳା ଓ ତାଙ୍କ ନବଜାତ ଶିଶୁ ସହ ଅନ୍ୟ ସମ୍ପର୍କୀୟ ରହିଥିବା ବେଳେ ଏହି ଘଟଣା ଘଟିଛି । ତେବେ ପଲସ୍ତରା ଖସିବା ନେଇ ଅଭିଯୋଗର ଅନେକ ସମୟ ପରେ ହସ୍ପିଟାଲ ମ୍ୟାନେଜର କିମ୍ବା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାପ୍ରକାରେ, ୧୯ ତାରିଖରେ ବ୍ରହ୍ମପୁରର ଜଣେ ମହିଳା ଏମକେସିଜି ପ୍ରସୁତି ବିଭାଗରେ ଭର୍ତ୍ତି ହୋଇଥିଲେ। ଶିଶୁ ଜନ୍ମ ହେବା ପରେ ସେ ଓ ତାଙ୍କ ସମ୍ପର୍କୀୟ ପ୍ରସୁତି ବିଭାଗ କୋଠାରେ ତଳ ମହଲାରେ ଥିବା ୭ ନଂ କ୍ୟାବିନରେ ରହୁଥିଲେ । ମହିଳାଙ୍କ ସହ ତାଙ୍କ ସ୍ୱାମୀ ଓ ଜଣେ ସମ୍ପର୍କୀୟ ମଧ୍ୟ ସେଠାରେ ରହୁଥିଲେ। ସନ୍ଧ୍ୟାରେ ସମସ୍ତେ କୋଠରୀ ଭିତରେ ଥିବା ବେଳେ ହଠାତ ଏକ ବଡ ପଲସ୍ତର ତଥା ଜିପସମ ବୋର୍ଡ ତଳକୁ ଖସି ପଡିଥିଲା । ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ମହିଳା ଓ ତାଙ୍କ ସମ୍ପର୍କୀୟ ଭୟଭୀତ ହୋଇପଡିଥିଲେ ।

**ODISHA HYDRO POWER CORPORATION LTD.**
OHPC
O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN: U40101OR1995SGC003963

No. HHEP/Tech-W-202/1/546 Date: 22.01.2025

**TENDER CALL NOTICE NO. HHEP-04/2025**

No. CAD-2263: Sealed tenders are invited on item rate contract basis in Double Cover System from the firm/agency/eligible class of contractor registered with the Govt. of Odisha and contractor of equivalent grade/class registered with Central Govt./MES/Railway having valid EPF, ESI, GST, PAN etc. for the following work.

| Sl. No. | Description of work | Cost of tender Paper (Non-refundable) in Rs. | EMD in Rs. (in shape of DD/BC) | Period of availability of tender at OHPC website | Last date & time of receipt of tender | Date & time of Opeing |
|---|---|---|---|---|---|---|
| 1 | Injection of Polymer Modified Concrete (PMC) grout in the cracks of PH walls of HHEP, Burla | Rs.2360/- (Rs.2000/- + GST @ 18%) | 4850/- | 27.01.25 (11.00 A.M.) to 07.02.25 upto 03.00 P.M. | 07.02.25 upto 03.30 P.M. | 07.02.25 at 04.00 P.M. |

Further details of tender documents, terms & conditions, corrigendum etc. to the tender call notice, please visit our website www.ohpcltd.com.

OIPR-04007/11/0019/2425 Sd./- C&P Head, HHEP, Burla




ଦିଲ୍ଲୀ ବିଧାନସଭା ନିର୍ବାଚନ: ଗୁରୁବାର ନୂଆଦିଲ୍ଲୀରେ ଏକ ଜନସଭାରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଭାଜପା ଏମ୍‌ପି ବାଂଶୁରୀ ସ୍ୱରାଜ, ଦଳୀୟ ପ୍ରାର୍ଥୀ ଦୁଷ୍ୟନ୍ତ ଗୌତମ ଓ ଅନ୍ୟମାନେ।

# ନବ ଦାସ ହତ୍ୟା ତଦନ୍ତ ଦାବି: ଖୁବ୍‌ଶୀଘ୍ର ନିଷ୍ପତ୍ତି

## କହିଲେ ଆଇନ ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର, ୨୩ା୧ (ସୁଜିତ୍ ମିଶ୍ର)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ତଦନ୍ତ ପ୍ରକ୍ରିୟା କ'ଣ ହେବ ସେ ନେଇ ଖୁବ୍‌ଶୀଘ୍ର ସରକାର ନିଷ୍ପତ୍ତି ନେବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ନବ ଦାସଙ୍କ ହତ୍ୟା ମାମଲା ଏବେ ବିଚାରାଧୀନ ରହିଛି। ଏହି ଘଟଣାର ବିଭିନ୍ନ ତଥ୍ୟ ଗୋଟି ଗୋଟି କରି ସାମ୍ନାକୁ ଆସୁଛି। ପୂର୍ବ ସରକାର ସମୟରେ ଭୟର ବାତାବରଣ ଥିବାରୁ ଅନେକ ଲୋକ ମୁହଁ ଖୋଲୁ ନ ଥିଲେ। ଏପରିକି ନବ ଦାସଙ୍କ ପରିବାର ଲୋକ ମଧ୍ୟ ମୁହଁ ଖୋଲିବାକୁ ସାହସ କରୁ ନ ଥିଲେ। ଏବେ ସେ ଭୟ ଦୂରେଇ ଯାଉଛି। ଅନେକ ବିଷୟ ଧୀରେ ଧୀରେ ସାମ୍ନାକୁ ଆସିବା ଆରମ୍ଭ ହୋଇଛି। ସେସବୁ ତଥ୍ୟକୁ ହୁଏତ ଆଗାମୀ ଦିନରେ ତଦନ୍ତ ପରିସରଭୁକ୍ତ କରାଯିବ। ସବୁ ଘଟଣାକୁ ତଦନ୍ତ ପରିସରଭୁକ୍ତ କଲେ କିଏ ଓ କାହିଁକି ନବ ଦାସଙ୍କୁ ହତ୍ୟା କଲେ, ଷଡ଼ଯନ୍ତ୍ରରେ କିଏ ଭାଗୀଦାରି ଏସବୁ କଥା ନିଶ୍ଚିତ ଆସିବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ହେଲା ନବ ଦାସଙ୍କ ହତ୍ୟାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି। ପୂର୍ବତନ ମନ୍ତ୍ରୀଙ୍କ ହତ୍ୟା ଘଟଣାର ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠିବା ସହ ଭିନ୍ନ ଭିନ୍ନ ଦଳର ରାଜନେତାମାନେ ନାନା ପ୍ରକାର ମତ ରଖୁଛନ୍ତି, ଯାହାକୁ ନେଇ ନବ ଦାସଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଇବାକୁ ଦାବି ଉଠିଛି।

# ଶୋଭାଯାତ୍ରାରେ ସାମିଲ ହେଲେନି ମେୟର, ଚୌଦ୍ୱାର ବିଧାୟକ

## କଟକ ବିଜେଡିରେ ତୁଟୁନି ବିବାଦ

କଟକ,୨୩ା୧ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବିଜେଡିରେ ବିବାଦ ତୁଟିବାର ନାଁ ଧରୁନି । ଗୁରୁବାର କଟକରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ବିଜେଡିର ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ ସୁନୀଲ ମହାନ୍ତି, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ଚନ୍ଦ୍ରସାରଥି ବେହେରା, ଅଂଶୁମାନ ମହାନ୍ତି, ବିଷ୍ଣୁପଦ ରାଉତରାୟ, ରୁଦ୍ର ମହାରଥୀ ଯୋଗ ଦେଇଥିଲେ। ହେଲେ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗ ଦେଇ ନ ଥିଲେ। ।ଏପରିକି ଦଳ ପକ୍ଷରୁ ପ୍ରଥମେ ଛପା ଯାଇଥିବା ନିମନ୍ତ୍ରଣପତ୍ରରେ ମେୟରଙ୍କ ନାମ ମଧ୍ୟ ଲେଖାଯାଇ ନ ଥିଲା ଏବଂ ପରେ ଏହାକୁ ପରିବର୍ତ୍ତନ କରାଯାଇ ମେୟରଙ୍କ ନାଁ ଲେଖାଯାଇଥିଲା ବୋଲି କୁହାଯାଉଛି । କଟକରେ ବିଜେଡିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଅନ୍ୟ ଅଞ୍ଚଳର ବିଧାୟକ, ପୂର୍ବତନ ବିଧାୟକ ଉପସ୍ଥିତ ରହୁଥିବାବେଳେ କଟକ ମେୟର ସୁବାସ ଓ ବିଧାୟକ ସୌଭିକ୍ ଉପସ୍ଥିତ ନ ରହିବା ନେଇ ବେଶ୍ ଚର୍ଚ୍ଚା ହେଉଛି। ଏପରିକି ପ୍ରଥମେ ମେୟର ଦଳୀୟ କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରଖୁଥିବାବେଳେ ଏବେ ବିଧାୟକ ସୌଭିକ୍ ମଧ୍ୟ ଦୂରେଇ ରହୁଥିବା ଦେଖାଯାଉଛି। ଏନେଇ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରୁ କହିଛନ୍ତି, ନିମନ୍ତ୍ରଣପତ୍ରରେ ମେୟରଙ୍କ ନାଁ ରହିଛି ଓ ସେ ଦଳର ଜଣେ ନେତା । ନାଁ ଉଲ୍ଲେଖ ନ କରିବା ତାଙ୍କ ପ୍ରତି ଅସମ୍ମାନ ହେବ । ଉଭୟ ମେୟର ସୁବାଷ ଓ ବିଧାୟକ ସୌଭିକ୍ କାର୍ଯ୍ୟବ୍ୟସ୍ତତା ଯୋଗୁ ବିଳମ୍ବରେ ଯୋଗ ଦେଇଛନ୍ତି । ଅନ୍ୟପଟେ ମେୟର ସୁବାସ ଓ ବିଧାୟକ ସୌଭିକ୍‌ଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ ।

# ଲୋକଙ୍କ ଅଧିକାର ଛଡ଼ାଇ ନେଉଛନ୍ତି ଭାଜପା ସରକାର: ବରୁଣ ଚୌଧୁରୀ

## ଛାତ୍ର କଂଗ୍ରେସ ପକ୍ଷରୁ ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ ସମାବେଶ ଆୟୋଜିତ

ଭୁବନେଶ୍ୱର, ୨୩ା୧ (ସୁଜିତ୍ ମିଶ୍ର)

କେନ୍ଦ୍ର ଓ ରାଜ୍ୟ ସରକାରରେ ସାଧାରଣ ଲୋକଙ୍କ ସାମ୍ବିଧାନିକ ଅଧିକାର ଛଡ଼ାଇ ନିଆଯାଉଛି। ବର୍ତ୍ତମାନର ସଙ୍କଟମୟ ସ୍ଥିତିକୁ ଗାନ୍ଧିଜୀ, ଆମ୍ବେଦକରଙ୍କ ବିଚାରଧାରା ଓ ଦର୍ଶନ ହିଁ ସୁଧାରିପାରିବ। ଡବଲ ଇଞ୍ଜିନ ସରକାର ଗାନ୍ଧିବାଦକୁ ବିଲୋପ କରି ନାଥୁରାମବାଦର ପ୍ରଚଳନ ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ପାର୍ଲାମେଣ୍ଟରେ ୪୦୦ ସଂଖ୍ୟା ପାର୍ କଲେ ଆମ୍ବେଦକରକୃତ ସମ୍ବିଧାନକୁ ଅକାମୀ କରିଦେବା ପାଇଁ ସେମାନଙ୍କ ନିଷ୍ପତ୍ତି ଥିଲା। ଏବେ ମଧ୍ୟ ସାମ୍ବିଧାନିକ ବ୍ୟବସ୍ଥାକୁ ସଙ୍କୁଚିତ କରିଦିଆଯାଉଛି। ସମ୍ବିଧାନ ବଞ୍ଚିଲେ ଭାରତ ବଞ୍ଚିବ ଓ ଭାରତୀୟ ତାଙ୍କ ଅଧିକାର ସାବ୍ୟସ୍ତ କରିପାରିବେ। ମାତ୍ର ଭାଜପା ସରକାରରେ ଦିନକୁ ଦିନ ସମ୍ବିଧାନ ଉପରେ ନିର୍ଘାତ ଆକ୍ରମଣ ହେଉଛି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପାର୍ଲାମେଣ୍ଟରେ ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କୁ ଯେଉଁଭଳି ଅପମାନିତ କଲେ ତାହା ଦେଶବାସୀଙ୍କୁ ଦୁଃଖିତ କରିଛି। ଭାଜପା, ଆରଏସ୍‌ଏସ୍ ଓ ମୋଦି ସରକାର ଆମ୍ବେଦକରଙ୍କ ବିଚାରଧାରାର ସମ୍ପୂର୍ଣ୍ଣ ବିରୋଧୀ ବୋଲି ରାଷ୍ଟ୍ରୀୟ ଛାତ୍ର କଂଗ୍ରେସ ସଭାପତି ବରୁଣ ଚୌଧୁରୀ କହିଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଗୁରୁବାର କଂଗ୍ରେସ ଭବନ ନିକଟରେ ଆୟୋଜିତ 'ଜୟ ବାପୁ, ଜୟ ଭୀମ ଓ ଜୟ ସମ୍ବିଧାନ' ସମାବେଶରେ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ କହିଛନ୍ତି, ପାର୍ଲାମେଣ୍ଟରେ ଆମ୍ବେଦକରଙ୍କ ନାମ ଉଚ୍ଚାରଣକୁ ମଧ୍ୟ ଭାଜପା ବିରୋଧ କରୁଛି। ଛାତ୍ର କଂଗ୍ରେସ ଓଡ଼ିଶାର ସବୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏକ ପ୍ରଭାବୀ ସଙ୍ଗଠନ ପ୍ରସ୍ତୁତ କରିବ। ଛାତ୍ରମାନଙ୍କ ସ୍ୱାର୍ଥ ପ୍ରତି ମୋହନ ସରକାର ଯେଉଁ ଉଦାସୀନ ରହୁଛନ୍ତି, ଏହା ବିରୋଧରେ ଦୁର୍ବାର ଛାତ୍ର ଆନ୍ଦୋଳନ ହେବ। ବିଶେଷଭାବେ ସରକାରୀ ଶିକ୍ଷାନୁଷ୍ଠାନକୁ ଦୁର୍ବଳ କରିବା ପାଇଁ ଯେଉଁ ଚକ୍ରାନ୍ତ ଚାଲିଛି ଏବଂ ବିନା ଶିକ୍ଷକରେ ଯେଉଁଠି ଶିକ୍ଷାନୁଷ୍ଠାନ ହେଉଛି, ଛାତ୍ର କଂଗ୍ରେସର ସ୍ୱର ଏହାକୁ ନେଇ ଶାଣିତ ହେବ। ଏହାପରେ ଛାତ୍ର କଂଗ୍ରେସ କର୍ମୀମାନେ ମାଷ୍ଟର କ୍ୟାଣ୍ଟିନଠାରୁ ଏଜି ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରିଥିଲେ। ସେଠାରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଜୟ ବାପୁ ଜୟ ଭୀମ, ଜୟ ସମ୍ବିଧାନ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ କଂଗ୍ରେସ ନେତା ମଧ୍ୟ ଉପସ୍ଥିତ ଥିଲେ।



ଛାତ୍ର କଂଗ୍ରେସ କର୍ମୀମାନେ ଗୁରୁବାର ମାଷ୍ଟର କ୍ୟାଣ୍ଟିନଠାରୁ ଏଜି ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଉଛନ୍ତି।

# ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ଟିପ୍ପଣୀ, ଥାନାରେ ଅଭିଯୋଗ

## ବୌଦ୍ଧ ଜିଲା ଭାଜପା ସଭାପତି ଚୟନ ନେଇ ଟଣାଓଟରା

ବୌଦ୍ଧ,୨୩ା୧
(ଅଜିତ କୁମାର ବାରିକ)

ଗତ ବିଧାନସଭା ନିର୍ବାଚନରେ ବୌଦ୍ଧ ଜିଲାରେ ଭାଜପା ପ୍ରଥମ ଥର ପାଇଁ କ୍ଷମତାର ସ୍ୱାଦ ଚାଖିଥିବା ବେଳେ ଜିଲାର ଦୁଇଟି ନିର୍ବାଚନମଣ୍ଡଳୀ କନ୍ଧମାଳ ଓ ବୌଦ୍ଧ ନିଜ ଅକ୍ତିଆରକୁ ଆଣିବାରେ ସଫଳ ହୋଇଥିଲା । ହେଲେ ଦଳର କର୍ମକର୍ତ୍ତାଙ୍କ ମହଲରେ ଉତ୍ସାହ ଥିବା ଭଳି ମନେହେଉ ନାହିଁ । ଏବେ ଦଳୀୟ କନ୍ଦଳ ବଢ଼ିଥିବାରୁ ଜିଲା ସଭାପତି ଚୟନ ନେଇ ଟଣାଓଟରା ଚାଲିଛି। ଦଳ ରାଜ୍ୟରେ ପ୍ରଥମ ଥର ପାଇଁ ଶାସନ ଭାର ପାଇଥିବା ବେଳେ ବୌଦ୍ଧ ଜିଲା ଭାଜପା ସଭାପତି ପଦବୀକୁ ନେଇ ରାଜନୀତି ଜୋର୍ ଧରିଛି । ଜିଲା ସଭାପତି ଚୟନ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ଆଶାୟୀ ପ୍ରାର୍ଥୀଙ୍କ ଚରିତ୍ର ସଂହାର କରାଯାଉଛି। ଦଳୀୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, କିଛିଦିନ ତଳେ ଜିଲାସ୍ତରରେ ବିଭିନ୍ନ ମଣ୍ଡଳ ସଭାପତି ପଦବୀକୁ ନେଇ ଟଣାଓଟରା ଚାଲିଥିବା ବେଳେ ଦୁଇ ବିଧାୟକଙ୍କ ସହମତିରେ ସମସ୍ତ ମଣ୍ଡଳ ପାଇଁ କାର୍ଯ୍ୟକର୍ତ୍ତା ମନୋନୀତ କରାଯାଇଥିଲା। ତେବେ ଜିଲା ସଭାପତି ପଦବୀ ପାଇଁ ୬ ଜଣ ଆଶାୟୀ ଥିବାବେଳେ ୩ ଜଣଙ୍କ ନାମ ଚର୍ଚ୍ଚାରେ ରହିଛି। ଏହି ତିନିଜଣଙ୍କ ନାମ ଚର୍ଚ୍ଚାକୁ ଆସିବା ପରେ ସାମାଜିକ ଗଣମାଧ୍ୟମରେ ଆଶାୟୀ ପ୍ରାର୍ଥୀଙ୍କ ଉପରେ ଆପତ୍ତିଜନକ ଟିପ୍ପଣୀ ପୋଷ୍ଟ କରାଯାଉଥିବା ଦେଖିବାକୁ ମିଳିଛି। ଆପତ୍ତିଜନକ ଟିପ୍ପଣୀ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିବା ପରେ କଥା ଯାଇ ଥାନାରେ ପହଞ୍ଚିଛି। ଏଥିସହ ତଦନ୍ତ କରି ପଦକ୍ଷେପ ନେବାକୁ ଲିଖିତ ଅଭିଯୋଗ ହୋଇଛି। ସଭାପତି ନିର୍ବାଚନକୁ ନେଇ କୁଆଡ଼େ ବୌଦ୍ଧ ଓ କନ୍ଧମାଳ ଦୁଇ ବିଧାୟକଙ୍କ ମଧ୍ୟରେ ସହମତି ହୋଇପାରୁ ନ ଥିବାରୁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇପାରୁ ନ ଥିବା କୁହାଯାଉଛି। ଏ ନେଇ ବୌଦ୍ଧ ଆଦର୍ଶ ଥାନାଧିକାରୀ ରଞ୍ଜିତ କୁମାର ମୁନୀଙ୍କୁ ପଚାରିବାରୁ ସେ କହିଲେ, ଘଟଣା ସମ୍ପର୍କରେ ଅଭିଯୋଗ ହୋଇଛି। ସାମାଜିକ ଗଣମାଧ୍ୟମରେ ଆରୋପ ହୋଇଥିବାରୁ ସେ ନେଇ ତଦନ୍ତ ଚାଲିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।


## OFFICE OF THE PANCHAYAT SAMITI, KOIRA, SUNDARGARH

Letter No : 144 Dated : 21.01.2025

**TENDER CALL NOTICE No.04 / 2024-25**

**No.i-** : Sealed Tenders are invited from the interested bidder for the civil work under BDO, Koira of Sundargarh district. The detail of works, eligibility, estimated cost, EMD, cost of tender paper has been uploaded in the district website sundargarh.odisha.gov.in. The bidder should be a C & B" class contractor. They have to submit the bid document to the undersigned in the address of " office of the B.D.O., Koira, At./P.O. - Koira, Pin - 770048, Dist. - Sundargarh (Odisha)" through Registered Post / Speed Post only on or before 15.02.2025 (up to 05.00 P.M.). The sale of tender paper will be from dated 22.01.2025 to 06.02.2025 in the district website sundargarh.odisha.gov.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 17.02.2025 at 11.00 A.M. in the office of the undersigned in the presence of the bidders or his/her representatives.

Sd./- Block Development Officer
Koira

OIPR-19431/11/0002/2425

## GOVERNMENT OF ODISHA, HOUSING & URBAN DEVELOPMENT
## OFFICE OF THE EXECUTIVE OFFICER, NAC BARPALI

No.C-1519

E-mail Id - barpalinac@gmail.com

**SHORT TENDER CALL NOTICE NO. 91/Dt. 20.01.2025**

| | | | |
|---|---|---|---|
| 1. | Type of the work | : | Roads |
| 2. | No. of works | : | 20 (Twenty) |
| 3. | Class of contractor | : | "D" or "C" |
| 4. | Estimated cost | : | As per DTCN |
| 5. | Period of Completion | : | As per DTCN |
| 6. | Date and time of Sale of Tender documents | : | Dt. 22.01.2025 at 10.00 A.M. to Dt. 31.01.2025 up to 1.00 P.M. |
| 7. | Dropping of Tender Documents in Tender Box | : | Dt. 22.01.2025 at 11.00 A.M. to Dt. 31.01.2025 up to 4.00 P.M. |
| 8. | Date of opening of Tender | : | Dt. 01.02.2025 at 11.00 A.M. |
| 9. | Name and Address of the Officer inviting Bid | : | Executive Officer, NAC Barpali At/Po - Barpali, Dist. - Bargarh, Pin - 768029, Odisha |

Further details can be seen and download the tender documents from Official website i.e **www.nacbarpali.in**
Any addendum/Corrigendum/cancellation/erratum of tender can also be seen in the said Website.

Sd./- Executive Officer
N.A.C., Barpali

OIPR-13127/11/0010/2425

## OFFICE OF THE PRINCIPAL, SHAILABALA WOMEN'S (AUTO.) COLLEGE, CUTTACK

NOTICE NO. 74 / DT. 21.01.2025

**TENDER CALL NOTICE**

**No.CAD-2251** : Sealed tenders are invited from Registered Firms / Manufactures / Distributors/ Authorized Dealers with valid GSTIN for the supply of Goods mentioned in detail tender to Shailabala Women's Autonomous College. The tenders must reach the undersigned within 21 days from the date of publication of the tender through registered post/speed post/ couriers during working hours. The envelope containing the tender must be superscribed on the top as **"Supply of Lab. Equipment"** and addressed to Principal, Shailabala Women's (Auto.) College, Mission Road, Cuttack, Pin – 753001. The details of the specification of items and terms and conditions can be downloaded from the College Website : www. shailabalawomenscollege.ac.in/notices.

Sd./- Principal
Shailabala Women's (Auto) College, Cuttack

OIPR-11073/11/0005/2425

## CONFISCATION NOTICE OF TATA ACE

**No.MM-** : It is to inform all concerned through this publication that one TATA ACE bearing Regd. Number AP-31TB-9174, Engine number - 2751D106DXYS77160, Chassis Number - MAT445056CZD34094 was seized near Hanman temple of Laxmipur village the way of PWD Road from Chikiti to Ichchpuram for illegal transportation of Forest Produce i.e, TeakPlank - 134 pcs measuring to 17.765 cft, Teak Size - 66 Pcs measuring to 11.251 cft, on dated 03.10.2019. The vehicle was seized from the possession of Sri Barri Dalu S/o : Barri Digambaru, Village : Mandapalli, House No. : 1-357 Pedda Street Mandapalli, PS: Ichchpuram, Dist. Srikakulam, State: Andhra Pradesh, Pin : 532312. In the meanwhile, the Regional Transport Authority, Srikakulam has intimated that Sri Barri Dalu S/o: Barri Digambaru, village: Mandapalli, House No : 1-357 Pedda Street Mandapalli, PS: Ichchpuram, Dist. Srikakulam, State : Andhra Pradesh, Pin : 532312, is the Regd. owner of the seized vehicle. The aforesaid vehicle along with the seized produce may confiscated for its involvement in OR Case No. 536 of 2019-20 of Digapahandi Range for non-submission of replay to show cause and non-attendance of the accused person/owner therefore on the date of hearing fixed before the forum of the Authorised Officer on dated 25.09.2020.

The final dated of hearing to the aforementioned case is fixed to 17.02.2025 at 11.00 A.M. in the forum of the Authorised Officer-cum-Assistant Conservator of Forests, Brahmapur Division for giving another opportunity of being heard in the matter. Failure to attend the hearing by any claimant/ accused on the date fixed above and within 30 days from the date of publication of this notice in relation to the above vehicle, the vehicle may be confiscated under section 56 of the Odisha Forest act, 1972 exparte.

Sd./- Authorised Officer-cum-A.C.F
Brahmapur Forest Division

OIPR-08038/11/0029/2425

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୬ ତା:୧୬।୧।୨୫

**ବିଜ୍ଞାପନ**

No. CAD-2257: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ୰ ବ୍ରଜ ବଲ୍ଲଭ ଦାସ<br>ପିତା– ୰ ରାଘବ ବଲ୍ଲଭ ଦାସ<br>ଗ୍ରା/ପୋ– କୂଳ ସରିତୁଆଁ<br>ଥା– କଟକ ସଦର<br>ଜି– କଟକ | ଘର ନଂ.–ଏ.ଏମ୍.–୪୨<br>ବାସନ୍ତୀ କଲୋନୀ<br>ରାଉରକେଲା | ୧– ବିମଳ କୁମାର ଦାସ (ପୁତ୍ର)<br>୨– ମାନସୀ ମହାନ୍ତି (ବି.କନ୍ୟା)<br>୩– ବିନୟ କୁମାର ଦାସ (ପୁତ୍ର) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0429/2425

## ODISHA CONSTRUCTION CORPORATION LTD.

No.CAD-2260:

(A Government of Odisha Undertaking)
OFFICE OF SENIOR MANAGER, (MECH.),
REGIONAL WORKSHOP, JEYPORE, KORAPUT-764002, ODISHA
E-Mail:smregionalworkshop@gmail.com, OCCL GST NO.21AAACO2571K2ZM

**Tender Call Notice No.:OCCL/RWS/PROC/05/2024-25 Dated 22.01.2025**

**CAD-2260:**Name of Work: "Supply of 315 KVA, 11/0.4 KV (Cu) distribution Transformer with tap changer, BIS Energy level-II for Regional Workshop, Jeypore. Total No. of Work : 01 (One) Period of Completion : 15 (Fifteen) Days

| Tendering Officer | Bid Identification No. | Cost of Bid document (including GST) (in Rs.) | Availability of tender | Submission of Bid | License |
|---|---|---|---|---|---|
| Senior Manager (Mech.) Regional Workshop, Jeypore, Koraput | OCCL/RWS/ PROC/ 05/ 2024-25 Dated 22.01.2025 | 4,720/- (Non- Refundable) | From 23.01.2025 10.00 A.M. to 30.01.2025, 5.30 P.M. | Upto 31.01.2025, 1.30 P.M. | Registration certificate at Tata Power for supply of Transformer |

Date of Opening of the Technical Bid: 31.01.2025 at 3.30 PM
Further details can be seen from the OCCL website www.odishaconstruction.com

OIPR-34168/11/0012/2425 Sd./- Senior Manager (Mech.) Regional Workshop, Jeypore

## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)
## NIRMAN SOUDHA, BHUBANESWAR, E-mail- seec.bbsr2010@gmail.com
## Bid Identification No. S.E.E.C. (R&B) 15/2024-25

No.B-867

**No.271/ Date 21.01.2025**

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids in double cover system for E.I. works as detailed in the table given below.

| Sl. No. | Name of the work | Approximate estimated cost put to tender (Rs.) | Cost of bid document | Bid security | Class of contractor | Period of completion |
|---|---|---|---|---|---|---|
| 1 | Provision for Air Conditioning System, stage Light, CCTV, Auditorium solution system and 125 KVA silent DG set for Zilla Sanskruti Bhawan at Cuttack. | Rs.1,31,79,165.00 (Excluding GST) | Rs.10,000.00 (Online) | Rs.1,31,792.00 (Online) | MV/IIT/Above/Specialized agency having MoU with associate electrical contractor (MV/IIT/Above) having valid licence from ELDO. | 6 (Six) calendar months |
| 2 | S/R to Gynocology Department in SCBMCH, Cuttack for the year 2024-25. (Such as Construction of two numbers Lift room including SITC of 2 Nos. automatic 20 passenger Lifts for benefit of patients) | Rs.91,43,400.00 (Excluding GST) | Rs.10,000.00 (Online) | Rs.91,434.00 (Online) | MV/IIT/Above having MoU with Class 'C' or 'D' contractor OR Specialized agency having MoU with associate electrical contractor (MV/IIT/Above) having valid licence from ELBO and having MoU with Class 'C' or 'D' | 6 (Six) calendar months |
| 3 | Fire Fighting System to 30 bedded CHC Building at Dabugam of Nabarangpur (GF+FF). | Rs.58,77,886.00 (Excluding GST) | Rs.10,000.00 (Online) | Rs.58,779.00 (Online) | Specialized agency with associate electrical contractor having valid licence from ELBO | 6 (Six) calendar months |
| 4 | Fire Fighting System to 30 bedded CHC Building at Papadahandi of Nabarangpur (GF+FF). | Rs.57,06,552.00 (Excluding GST) | Rs.10,000.00 (Online) | Rs.57,066.00 (Online) | Specialized agency with associate electrical contractor having valid licence from ELBO | 6 (Six) calendar months |
| 5 | Supply, Installation, Testing & Commissioning of Active LED wall at newly constructed Farmer's Technology Demonstration Centre, OUAT, Bhubaneswar | Rs.1,57,90,800.00 (Excluding GST) | Rs.10,000.00 (Online) | Rs.1,57,908.00 (Online) | MV/IIT/ Above/ Specialized agency having MoU with associate electrical contractor (MV/IIT/Above) having valid licence from ELBO. | 6 (Six) calendar months |

Date & time of available of bid document in the portal / online: From dt.29.01.2025 at 05.00 P.M. to Dt.12.02.2025 upto 05.00 P.M.
Date of opening: Dt.13.02.2025 at 11.30 A.M.
Name and address of officer inviting bid: Superintending Engineer, Electrical Circle (R&B) Odisha, BBSR.
Further details can be seen from the e-procurement portal: https://tendersodisha.gov.in.

OIPR-34006/11/0020/2425 Sd./- Superintending Engineer, Electrical Circle (R&B) Odisha, BBSR

## Government of Odisha "e" procurement Notice
## OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL

No.MM-432

E-Procurement Bid Identification No. - 11-DFO/DKL of 2024-25

1. Name of the work : Construction of Wooden Krall for adult Bull, Elephant Open Moat with hanging Solar System, EPT, Entry Gate, Camera System, Observation Tower for Wooden Kraal and Open Moat and Treatment Krall for Juvenile and Calf Elephant at Kapilash Rescue Centre of Dhenkanal Forest Division.
2. Estimate cost : Rs. 1,03,51,731/- (Approximate)
3. Period of completion : 45 days
4. Date & time of availability of the Bid documents in the portal : from 10.00 A.M. of 22.01.2025 to 5.00 P.M. of 31.01.2025
5. Last date / Time of receipt of the bid in Portal : 31.01.2025 up to 5.00 P.M.
6. Date of Opening : 01.02.2025 at 11.00 A.M.
7. Class of Contractor : "B" & "A" Class Contractor
8. Name and Address of the Office : Office of the Divisional Forest Officer Dhenkanal Division, Dhenkanal

Further details can be seen from the e-procurement Portal "https:// tendersorissa.gov.in.

Sd./-
Divisional Forest Officer
Dhenkanal Division

OIPR-08037/11/0012/2425

## OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR

No.A-945

**GOVERNMENT OF ODISHA**
**"e"-PROCUREMENT NOTICE**
**BID IDENTIFICATION No: 07 MID (JSP/2024-25)**

1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement to MIPs and check Dam in different Blocks of Mayurbhanj District.
3. No. of Works :- 3(Three)Nos.
4. Tender Amount Varies From :- 6.71 lakhs to 20.77 lakhs
5. Date and Time of Availability of BID Document in the Portal for online Bidding from : - 10.00 hrs Dt.24.01.2025 to 17.00 hrs Dt.03.02.2025
6. Last Date and Time of receipt of Bids in the Portal :- 17.00 hrs Dt.03.02.2025
7. Last Date and Time for clarification up to :- 17.00 hrs Dt.03.02.2025
8. Date of opening of Bid: - 11.00 hrs onwards Dt.04.02.2025

The detail tender call notice can also be seen in the DOWR website: http://dowrorissa.gov.in.

| | | |
|---|---|---|
| Name & Address of the OIT | : | Superintending Engineer, M.I. Division, Jashipur, At/PO-Khairi / Dist : Mayurbhanj, PIN-757091, E-Mail :- eemijashipur@yahoo.com |
| Further details can be seen from the e-Procurement market place. | : | **http://tenderorissa.gov.in** |

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./-
Additional Chief Engineer
M.I Division, Jashipur

OIPR-32282/11/0007/2425

# ଶୃଙ୍ଖଳାର ଶ୍ରେଷ୍ଠ ନିଦର୍ଶନ ଗୁକେଶ


ସତ୍ୟରଞ୍ଜନ ପଟ୍ଟନାୟକ

**ବୋର୍ଡରେ ଖେଳ ସରିଯାଇଥିଲା, କିନ୍ତୁ ବିଜୟର ଲୁହ ଆଖିରୁ ବନ୍ଦ ହେଉ ନ ଥିଲା। ଉଭୟ ହାତରେ ନିଜ ଦୁଇ ଆଖିର ନୀରବ କୋହକୁ ପ୍ରତିରୋଧ କରୁଥିଲେ ମଧ୍ୟ ଲୁହ ନିରନ୍ତର ଭାବେ ଉଭୟ ପାର୍ଶ୍ୱରୁ ବୋହି ଚାଲୁଥିଲା। ନିଜକୁ ନିଜେ ବିଶ୍ୱାସ କରିପାରୁ ନ ଥିଲେ ଯେ ସେ ବିଶ୍ୱ ବିଜୟୀ ହୋଇଛନ୍ତି ବୋଲି। କିଛି ସମୟର ନୀରବତା ପରେ ସେ ଯେତେବେଳେ ସାମାନ୍ୟ ସ୍ମିତହାସ୍ୟ ଦେଇଥିଲେ ସେତେବେଳେ ୧୮ ବର୍ଷୀୟ ଦୋମାରାଜୁ ଗୁକେଶ ଅନୁଭବ କରିଥିଲେ ଯେ ସେ ହୋଇଯାଇଛନ୍ତି ୧୮ତମ ସର୍ବକନିଷ୍ଠ ବିଶ୍ୱ ଚେସ୍ ଚାମ୍ପିୟନ....**

ବୋର୍ଡରେ ଖେଳ ସରିଯାଇଥିଲା, କିନ୍ତୁ ବିଜୟର ଲୁହ ଆଖିରୁ ବନ୍ଦ ହେଉ ନ ଥିଲା। ଭୋ ଭୋ ହୋଇ କାନ୍ଦୁଥିଲେ। ଉଭୟ ହାତରେ ନିଜ ଦୁଇ ଆଖିର ନୀରବ କୋହକୁ ପ୍ରତିରୋଧ କରୁଥିଲେ ମଧ୍ୟ ଲୁହ ନିରନ୍ତର ଭାବେ ଉଭୟ ପାର୍ଶ୍ୱରୁ ବୋହି ଚାଲୁଥିଲା। ନିଜକୁ ନିଜେ ବିଶ୍ୱାସ କରିପାରୁ ନ ଥିଲେ ଯେ ସେ ବିଶ୍ୱ ବିଜୟୀ ହୋଇଛନ୍ତି ବୋଲି। ମାତ୍ର କିଛି ସମୟର ହୃଦୟ ବିଦାରକ ପରିସ୍ଥିତି ଓ ନିରଳ ନୀରବତା ପରେ ଯେତେବେଳେ ସେ ସାମାନ୍ୟ ସ୍ମିତହାସ୍ୟ ଦେଇଥିଲେ ସେତେବେଳେ ୧୮ ବର୍ଷୀୟ ଦୋମାରାଜୁ ଗୁକେଶ ଜାଣିପାରିଥିଲେ ସେ ହୋଇ ଯାଇଛନ୍ତି ୧୮ତମ ସର୍ବକନିଷ୍ଠ ବିଶ୍ୱ ଚେସ୍ ଚାମ୍ପିୟନ।

ସେଦିନ ଥିଲା ୨୦୨୪ ଡିସେମ୍ବର ୧୨ ଗୁରୁବାର। ଶୀତୁଆ ସନ୍ଧ୍ୟାରେ କିଛି ଉଷ୍ମ ବାତାବରଣ ଥିଲା ସିଙ୍ଗାପୁରର ହୋଟେଲ ରିସୋର୍ଟ ୱାର୍ଲ୍ଡ ସେଣ୍ଟୋସାଠାରେ। ବିନା ରକ୍ତପାତରେ ଘମାଘୋଟ ଲଢ଼େଇ ଚାଲିଥିଲା ବିଶ୍ୱର ୨ୟ ଜନସଂଖ୍ୟା ଥିବା ଶକ୍ତିଶାଳୀ ଦେଶ ଚାଇନା ଓ ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଗଣତନ୍ତ୍ର ଶାସନ ଥିବା ପ୍ରମୁଖ ଦେଶ ଭାରତ ମଧ୍ୟରେ ମାନସିକ ସ୍ତରରେ।

କାଚଘର ମଧ୍ୟରେ ଖେଳୁଥିଲେ ଗତଥରର ବିଶ୍ୱ ଚେସ୍ ଚାମ୍ପିୟନ ତଥା ୩ଥର ଚାଇନା ଚେସ୍ ଟାଇଟଲ ବିଜେତା ୩୨ ବର୍ଷୀୟ ଡିଙ୍ଗ୍ ଲିରେନ। ବିପକ୍ଷରେ ଥିଲେ ୧୮ ବର୍ଷର ବାଳକ ଅନନ୍ୟ ପ୍ରତିଭାଧାରୀ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ। ଛୋଟ କାଚଘରେ ଖେଳ ଚାଲୁଥିଲେ ମଧ୍ୟ ହଜାର ହଜାର ଦର୍ଶକ ବେଶ୍ ଉତ୍କଣ୍ଠାର ସହ ଫଳାଫଳକୁ ଅପେକ୍ଷା କରିଥିବାବେଳେ ସାରା ବିଶ୍ୱର ନଜର ଏହାରି ଉପରେ ରହିଥିଲା। କାରଣ ୧୩୮ ବର୍ଷର ଚେସ୍ ଇତିହାସରେ ପ୍ରଥମ ଥର ଏସିଆର ୨ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଦେଶ ମଧ୍ୟରେ ବିଶ୍ୱ ଚେସ୍ ଟାଇଟଲ ହାସଲ ପାଇଁ ଫାଇନାଲ ମ୍ୟାଚ ହେଉଥିଲା।

୧୪ ରାଉଣ୍ଡ ଭିତ୍ତିକ ପ୍ରତିଯୋଗିତାରେ ୧୩ ରାଉଣ୍ଡ ସୁଦ୍ଧା ଉଭୟ ଖେଳାଳି ସମାନ ବିଜୟ ଓ ଡ୍ର କରିଆରେ ୬.୫-୬.୫ ପଏଣ୍ଟ ପାଇ ସମାନ ସ୍ଥିତିରେ ଥିବାରୁ ୧୪ଶ ତଥା ଶେଷ ବାଜିଟି ଉଭୟଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ତଥା କର ଅବା ମର ସ୍ଥିତିରେ ଥିଲା। ଦୀର୍ଘ ସାଢ଼େ ୪ ଘଣ୍ଟା କାଳ ଗୋଟିଏ ସ୍ଥାନରେ ସୀମିତ ୬୪ ଘରକୁ ଦୃଷ୍ଟିଦେଇ ଖେଳୁଥିବାବେଳେ ୫୦ଟି ଚାଲ୍ ପରେ ଖେଳଟି ନିଶ୍ଚିତ ଡ୍ର (ଡେଡ୍ ଡ୍ର) ଆଡ଼କୁ ଗତି କରୁଥିଲା। କିନ୍ତୁ ପିଲାବେଳୁ ବିଜୟର ଭୋକ ରଖୁଥିବା ଗୁକେଶ ଜିତିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିବା ସହ ଆଶାବାଦୀ ଥିଲେ। ପୂର୍ବରୁ ପ୍ରତିପକ୍ଷ ଲିରେନଙ୍କ ଅନେକ ଡ୍ର ଅଫରକୁ ପ୍ରତ୍ୟାଖ୍ୟାନ କରିଥିବାରୁ ଶେଷ ରାଉଣ୍ଡରେ ମନୋବିଜ୍ଞାନୀଙ୍କ ପରାମର୍ଶରେ ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ଅର୍ଥାତ୍ ଶେଷ ଚାଲ୍ ପର୍ଯ୍ୟନ୍ତ ଲଢ଼ିବାକୁ ପ୍ରସ୍ତୁତ ଥିଲେ। ୫୫ତମ ଚାଲ୍‌ରେ ଭାଗ୍ୟଦେବୀ ଗୁକେଶଙ୍କ ସପକ୍ଷରେ ରହିଥିଲେ। ଧଳା ଗୋଟି ନେଇ ଖେଳୁଥିବା ଲିରେନ ପ୍ରଥମେ ନିଜର ନାଇଟ(ଘୋଡ଼ା) ଚଲାଇ କିଙ୍ଗ୍ସ ଇଣ୍ଡିଆନ ଆଟାକ୍ ପ୍ରଣାଳୀରେ ଖେଳ ଆରମ୍ଭ କରିଥିଲେ ମଧ୍ୟ ଗୁକେଶ କଳାଦାନ ନେଇ ଗ୍ରୀନ୍‌ଫିଲ୍ଡ ଡିଫେନ୍ସ ଆପଣାଇଥିଲେ। ମାତ୍ର ୫୫ତମ ମୁଭ୍‌ରେ ୩୨ ବର୍ଷୀୟ ଡିଙ୍ଗ୍ ନିଜର ରୁକ୍‌କୁ ଏଫ୍-୨ ଦେଇ ଏକ୍ସଚେଞ୍ଜର ସୁଯୋଗରେ ଏକ ମସ୍ତବଡ଼ ଭୁଲ୍ କରିଥିଲେ। ଫଳରେ ଆଉ ମାତ୍ର ୩ ମୁଭ୍ ପରେ ୫୮ତମ ଚାଲ୍‌ରେ ହାରିବା ସ୍ୱୀକାର କରି ନେଇଥିଲେ। କାରଣ ସେ ଜାଣି ପାରିଥିଲେ ଆଉ ୧୦ଟି ଚାଲ୍ ମଧ୍ୟରେ ଖେଳ ଗୁକେଶଙ୍କ ସପକ୍ଷରେ।

### ସରଳତା/ମହାନତା ଓ ଶୃଙ୍ଖଳତାର ଶ୍ରେଷ୍ଠ ନିଦର୍ଶନ

ଗୁକେଶ ନିଜର ଅଦ୍ଭୁତ ଗୋଟିଚାଳନା, ଅଦମ୍ୟ ସାହସ ବଳରେ ଯେତେବେଳେ ବିଶ୍ୱ ବିଜୟୀ ହେଲେ ସେତେବେଳେ ସେ ବୋର୍ଡ ଉପରେ ଖୁସିରେ କାନ୍ଦି ପକାଇଥିଲେ। ଛଳ ଛଳ ଆଖିରେ ଜିତିବାର ଅହଂ ଗର୍ବ ଅନୁଭବ ନ କରି ପ୍ରଥମେ ଅତି ଯତ୍ନ ଓ ଶୃଙ୍ଖଳାର ସହ ନିଜର ଅତି ପରିଚିତ ଚେସ୍‌ର ଗୋଟିଗୁଡ଼ିକୁ ଯଥା ସ୍ଥାନରେ ରଖି ସର୍ବଶ୍ରେଷ୍ଠ ସମ୍ମାନ ପୂର୍ବକ ଗଭୀର ପ୍ରଣାମ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରିଥିଲେ। ନିଜର ଗୁରୁ ମାତାପିତାଙ୍କୁ ସ୍ମରଣକରି ଗଭୀର କୃତଜ୍ଞତା ଜଣାଇଥିଲେ ସେମାନଙ୍କ ଅସୀମ ଧୈର୍ଯ୍ୟ ଓ ତ୍ୟାଗ ପାଇଁ। ବିଶ୍ୱ ବିଜୟରେ ବିଶୃଙ୍ଖଳିତ ନ ହୋଇ ଖେଳୁଥିବା ଟେବୁଲ ଓ ଚେୟାରକୁ ଛାଡ଼ିଯିବା ପୂର୍ବରୁ ଅସଜଡ଼ା ଅବସ୍ଥାରେ ଥିବା ନିଜର ଚେୟାରକୁ ଧୀରେ ଶୃଙ୍ଖଳିତ ଭାବେ ଟେବୁଲ ପାର୍ଶ୍ୱକୁ ରଖିଥିଲେ। ଏହା ସହ ରୁମ୍‌ରୁ ଯିବା ପୂର୍ବରୁ କବାଟକୁ ନିଜ ହାତରେ ଚାପିଧରି ଧୀରେ ଆଉଜାଇ ବାହାରକୁ ଯାଇଥିଲେ, ଯେପରିକି ଏହା ଜୋରରେ ଆବାଜ ନ କରିବ। ପରେ ମର୍ଯ୍ୟାଦାଜନକ ଡାକ୍ତର ଚାକିରି ଛାଡ଼ି ସମସ୍ତ ତ୍ୟାଗ କରିଥିବା ନିଜ ବାପା ରଜନୀକାନ୍ତ ଓ ନିଜର ମୁଖ୍ୟ କୋଚ୍ ଗାଜେୱସ୍କିଙ୍କୁ କୁଣ୍ଢାଇ ପକାଇବାର ଦୃଶ୍ୟ ଯେଉଁମାନେ ସୋସିଆଲ ମିଡିଆରେ ଦେଖିଛନ୍ତି ତାହା ଆଜି ବି ସ୍ମୃତିରେ ତାଜା ହୋଇ ରହିଛି।

ଗୁକେଶଙ୍କ ମହାନତା, ସରଳତା ଏବଂ ଭଲ ମଣିଷପଣିଆ ଏତିକିରେ ସରି ନ ଥିଲା। ବିଶ୍ୱ ବିଜୟୀ ପରେ ଯେତେବେଳେ ପ୍ରଥମ ଖବରଦାତା ସମ୍ମିଳନୀରେ ଗୁକେଶଙ୍କୁ ଖେଳ ବିଷୟରେ ପଚରାଗଲା ସେ ଆତ୍ମଗର୍ବ ନ କରି କହିଥିଲେ ମୋର ପ୍ରତିପକ୍ଷ ଡିଙ୍ଗ୍ ଲିରେନ ଜଣେ ପ୍ରକୃତ ବିଶ୍ୱ ବିଜେତା ଖେଳାଳି। ଶେଷ ରାଉଣ୍ଡ ପର୍ଯ୍ୟନ୍ତ ଜବରଦସ୍ତ ମୁକାବିଲା ପାଇଁ ମୁଁ ମୋର ପ୍ରତିଦ୍ୱନ୍ଦ୍ୱୀ ଲିରେନଙ୍କୁ ଧନ୍ୟବାଦ ଦେଉଛି। ଲିରେନ ମୋ ଅସଲ ପ୍ରେରଣାର ଉତ୍ସ। କାରଣ ସେ ଜଣେ ଅବିଶ୍ୱସନୀୟ ଫାଇଟର। ଅସଲ ଚାମ୍ପିୟନ ଅର୍ଥ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥାନ୍ତି। ନିଜର ପ୍ରତିପକ୍ଷଙ୍କୁ ଏତେ ପ୍ରଶଂସାକରିବା ଗୁକେଶଙ୍କ ମହାନତାକୁ ଦର୍ଶାଉଥିବା ବେଳେ ଖବରଦାତା ମାନେ ସ୍ତବ୍ଧ ହୋଇଥିଲେ। ଡିଙ୍ଗ୍ ଓ ତାଙ୍କ ଟିମ୍‌କୁ ନମ୍ରତାର ସହିତ କ୍ଷମା ମାଗିବା ସହ ଆହୁରି ମଧ୍ୟ କହିଥିଲେ, ''ମୁଁ ବିଶ୍ୱ ଚେସ୍ ପ୍ରତିଯୋଗିତା ଜିତିଛି ବୋଲି ଯେ ଶ୍ରେଷ୍ଠ ହୋଇଯାଇଛି ତା' ନୁହେଁ, ବରଂ ଏବେ ବି ନରୱେର ମାଗ୍ନସ କାର୍ଲସେନ ବିଶ୍ୱର ଶ୍ରେଷ୍ଠ ଖେଳାଳି।'' ଏହା କହି ଗୁକେଶ ନିଜର ସରଳତା, ଶୃଙ୍ଖଳତା ଓ ମହାନତାର ଶ୍ରେଷ୍ଠ ନିଦର୍ଶନ ପ୍ରଦର୍ଶନ କରିଥିଲେ। ଏହା ଯେତେବେଳେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ ହୋଇ ଭାଇରାଲ ହେଉଥିଲା ସେତେବେଳେ ବିଶ୍ୱର ସାଧାରଣ ଜନତା ମଧ୍ୟ ଗୁକେଶଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ। ତାଙ୍କ ବାପା, ମା' ଓ ସଂସ୍କାର, ସଂସ୍କୃତିକୁ ଭୂରିଭୂରି ପ୍ରଶଂସା କରିଥିଲେ। ନିଜର ସଫଳତା ମଧ୍ୟରେ ଗୁକେଶ ଅନ୍ୟର କୃତିତ୍ୱକୁ ମଧ୍ୟ ସ୍ୱୀକୃତି ଓ ଶୁଭେଚ୍ଛା ଜଣାଇବାକୁ ଭୁଲି ନ ଥିଲେ। ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଖେଳାଳିଭାବେ ୨୮୦୦ ରେଟିଂ ଅତିକ୍ରମ କରିଥିବାରୁ ଅର୍ଜୁନ ଇରିଗାସିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହ ନିଜ ଗୁରୁ ବିଶ୍ୱନାଥନ ଆନନ୍ଦଙ୍କୁ ମଧ୍ୟ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଥିଲେ।


ଗୁକେଶ

## ବିଶ୍ୱ ଚେସ୍ ଚାମ୍ପିୟନ
(୧୮୯୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ)

୧. ୱିଲହେମ୍ ଷ୍ଟେନିଜ( ୧୮୮୬-୧୮୯୪)
୨. ଇମାନୁଏଲ ଲସ୍କର (୧୮୯୪-୧୯୨୧)
୩. ଜୋସ୍ ରାଉଲ କାପାବ୍ଲାଙ୍କା (୧୮୨୧-୧୯୨୭)
୪. ଆଲେକ୍‌ଜାଣ୍ଡର ଆଲେଖିନେ (୧୯୨୭-୧୯୩୫ ଓ ୧୯୩୭-୧୯୪୬)
୫. ମ୍ୟାକ୍ସ ଇଉୱି (୧୯୩୫-୧୯୩୭)
୬. ମିଖାଇଲ ବୋଟ୍‌ଭିନିକ (୧୯୪୮-୧୯୫୭, ୧୯୫୮-୧୯୬୦, ୧୯୬୧-୧୯୬୩)
୭. ଭାସଲି ସ୍ମିସ୍‌ଲୋଭ (୧୯୫୭-୧୯୫୮)
୮. ମିଖାଇଲ ଟାଲ୍ (୧୯୬୦-୧୯୬୧)
୯. ଟିଗରାନ ପେଟ୍ରୋସିଆନ (୧୯୬୩-୧୯୬୯)
୧୦. ବୋରିସ ସ୍ପାସ୍କି (୧୯୬୯-୧୯୭୨)
୧୧. ବବି ଫିସର (୧୯୭୨-୧୯୭୫)
୧୨. ଆନାତୋଲି କାର୍ପୋଭ (୧୯୮୫-୨୦୦୦)
୧୩. ଗ୍ୟାରୀ କାସ୍ପାରୋଭ (୧୯୮୫-୨୦୦୦)
୧୪. ଭ୍ଲାଡିମିର କ୍ରାମନିକ୍ (୨୦୦୦-୨୦୦୭)
୧୫. ବିଶ୍ୱନାଥନ ଆନନ୍ଦ (୨୦୦୭-୨୦୧୩)
୧୬. ମ୍ୟାଗ୍ନସ କାର୍ଲସେନ (୨୦୧୩-୨୦୨୩)
୧୭. ଡିଙ୍ଗ୍ ଲିରେନ (୨୦୨୩-୨୦୨୪)
୧୮. ଦୋମାରାଜୁ ଗୁକେଶ (୨୦୨୪ରୁ ...)

## ୧୪ ଗେମ୍‌ର ଇତିହାସ

ସିଙ୍ଗାପୁରର ଦକ୍ଷିଣ ଉପକୂଳ ସେଣ୍ଟୋସାଠାରେ ନଭେମ୍ବର ୨୫ରୁ ଆରମ୍ଭ ହୋଇଥିବା ୧୪ ରାଉଣ୍ଡ ଭିତ୍ତିକ ଖେଳରେ ବାଜି ଆରମ୍ଭ ପୂର୍ବରୁ ଟସ୍‌ରେ ଜିତି ଗୁକେଶ ପ୍ରିୟ ଧଳା ଗୋଟି ନେବାର ସୁଯୋଗ ପାଇ ପ୍ରଥମ ରାଉଣ୍ଡ ଖେଳିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଧଳା ଗୋଟିର ଠିକ୍ ଉପଯୋଗ କରି ନ ପାରି କମ୍ ଅଭିଜ୍ଞତା ଓ ନର୍ଭସ ଯୋଗୁ ପରାଜୟକୁ ସାମ୍ନା କରିଥିଲେ।

ପ୍ରଥମ ବାଜି ସହଜରେ ହାରିବା ସତ୍ତ୍ୱେ ନିଜର ଶାନ୍ତ ସ୍ୱଭାବ ଓ ଲଢୁଆ ମନୋବୃତ୍ତି ଯୋଗୁ ୨ୟ ବାଜିକୁ ସମ୍ମାନର ସହ ଡ୍ର କରି ନେଇଥିଲେ। ମାତ୍ର ସେ ଏକ ପଏଣ୍ଟ କମ୍ ବ୍ୟବଧାନରେ ରହିଥିଲେ। ନିଜର ବିଚକ୍ଷଣ ବୁଦ୍ଧି ଓ ପୂର୍ବ ଗେମ୍‌ର ଅଭିଜ୍ଞତା ବଳରେ ୩ୟ ଗେମ୍‌କୁ ଅପ୍ରତ୍ୟାଶିତଭାବେ ଜିତି ସଫଳତାର ସହ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଭାରତର ଏହି ଚେସ୍ ତାରକା। ଫଳରେ ପ୍ରଥମ ଭାଗରେ ୩ୟ ରାଉଣ୍ଡ ଶେଷସୁଦ୍ଧା ଉଭୟ ଖେଳାଳି ୧.୫-୧.୫ ପଏଣ୍ଟ ପାଇ ସମାନ ସ୍ଥିତିରେ ରହିଥିଲେ। ପରେ ୪ର୍ଥରୁ ୧୦ମ ରାଉଣ୍ଡ ପର୍ଯ୍ୟନ୍ତ କ୍ରମାଗତ ୭ଟି ବାଜିରେ କଡ଼ା ଟକ୍କର ହୋଇଥିଲା। ବିଚକ୍ଷଣ ଚାଲ୍, ପରୀକ୍ଷା ନିରୀକ୍ଷା ସହ ଉଭୟ ଉଭୟଙ୍କୁ ପରଖୁଥିଲେ ଏବଂ ଶେଷରେ ସମ୍ମାନଜନକ ଡ୍ର କରିବାକୁ ବାଧ ହେଉଥିଲେ। ଫଳରେ ୧୦ମ ରାଉଣ୍ଡ ସୁଦ୍ଧା ଉଭୟ ଖେଳାଳି ୫ ପଏଣ୍ଟ ଲେଖାଏ ରଖି ବିଶ୍ୱ ବିଜୟୀ ପାଇଁ ଆଶାବାଦୀ ଥିଲେ।

କୌଣସି ପରିସ୍ଥିତିରେ ବି ନିଜର ଚାପକୁ ସ୍ଥିର ଓ ଶାନ୍ତ ରଖିପାରୁଥିବା କଳା ଜାଣିଥିବା ଗୁକେଶ ୧୧ତମ ବାଜିରେ ଏକ ଚମକପ୍ରଦ ବିଜୟ ସହ ପ୍ରଥମଥର ଡିଙ୍ଗ୍ ଲିରେନଙ୍କଠାରୁ ୧ ପଏଣ୍ଟରେ ଅଗ୍ରଣୀ ରହି ଚାପ ସୃଷ୍ଟି କରିଥିଲେ। ଏହି ସମୟରେ ସ୍କୋର ଗୁକେଶଙ୍କର ୬ ଓ ଲିରେନଙ୍କର ୫ ରହିଥିଲା। ଅପରପକ୍ଷରେ ୨୦୨୩ରେ ଚାମ୍ପିୟନ ଲିରେନ ଗତ ସଂସ୍କରଣରେ ମଧ୍ୟ ୧୪ ଗେମ୍‌ରୁ ୩ ଥର ପଛୁଆ ରହିଥିଲେ ମଧ୍ୟ ନିପୋଚିଙ୍କୁ ଶେଷରେ ୭-୭ ଗେମ୍‌ରେ ଡ୍ର ରଖି ଟାଇବ୍ରେକରରେ ଅର୍ଥାତ୍ ରାପିଡ୍ ଗେମ୍‌ରେ ୪ ରାଉଣ୍ଡରୁ ୨.୫-୧.୫ ପଏଣ୍ଟରେ ପରାସ୍ତକରି ୧୭ତମ ବିଶ୍ୱ ବିଜେତା ହୋଇଥିବାରୁ ଏଥର ମଧ୍ୟ ସାରା ବିଶ୍ୱର ଚେସ୍ ପଣ୍ଡିତମାନେ ଆଶା କରୁଥିଲେ ଯେ ଡିଙ୍ଗ୍ ପୁଣି ବିଜୟକୁ ଫେରିବେ। ତାହା ହିଁ ହେଲା ୧୨ଶ ବାଜିରେ ଲିରେନ ଗୁକେଶଙ୍କୁ ଏକ କଡ଼ା ଜବାବ ସହ ଆଉଟପ୍ଲେଡ୍ କରି ବିଜୟୀ ହୋଇ ସ୍କୋରକୁ ୬-୬ରେ ରଖି ପ୍ରତିଯୋଗିତାକୁ ପ୍ରତିଦ୍ୱନ୍ଦ୍ୱିତାମୂଳକ କରିଦେଇଥିଲେ। ୧୪ ରାଉଣ୍ଡରୁ ୨ଟି ବାଜି ବାକିଥିବାବେଳେ ଉଭୟଙ୍କ ବିଶ୍ୱ ବିଜୟୀ ହେବାପାଇଁ ୧.୫ ପଏଣ୍ଟ ଆବଶ୍ୟକ ହେଉଥିବାବେଳେ ଗୁକେଶ ପରାଜୟ ଚାପକୁ ଭୁଲି ୧୩ତମ ରାଉଣ୍ଡକୁ ୬୮ ଚାଲ ପରେ ସମ୍ମାନଜନକ ଡ୍ର କରିବା ଫଳରେ ୬.୫ ପଏଣ୍ଟ ସହ ଉଭୟ ଖେଳାଳି ପୁଣି ସମାନ ସ୍ଥିତିକୁ ଆସିଯାଇଥିଲେ। ସେତେବେଳେ ସାରା ବିଶ୍ୱରେ ଚର୍ଚ୍ଚା ହେଉଥିଲା ଯେ ଖେଳ ଟାଇବ୍ରେକର ଆଡ଼କୁ ଗଲେ ଲିରେନଙ୍କ ପଲା ଭାରି ରହିବ। କାରଣ ଡିଙ୍ଗ୍ ରାପିଡ୍ ଓ ବ୍ଲିଜ୍ ଚେସ୍‌ରେ ମାଗ୍ନସଙ୍କଠାରୁ ମଧ୍ୟ ଅଧିକ ଏଲୋରେଟିଂ (୨୮୭୫) ରଖିଛନ୍ତି। ଏପରିକି ତୀବ୍ର ଚେସ୍ ଖେଳିବାରେ ଗୁକେଶଙ୍କଠାରୁ ବେଶ୍ ଧୂରନ୍ଦର ଓ ବହୁ ଆଗରେ। ଶେଷରେ ଏପରି ଏକ କର ବା ମର ସ୍ଥିତିରେ ୧୪ଶ ରାଉଣ୍ଡରେ ଫଳାଫଳ ଯାହା ହେଲା ତାହା ସାରା ବିଶ୍ୱ ଦେଖିଲା। ୩୨ ବର୍ଷୀୟ ଆଇନ ଛାତ୍ର ଏବଂ ବହୁ ଅଭିଜ୍ଞ ଲିରେନ (ଏଲୋ ରେଟିଂ ୨୭୩୪)ଙ୍କୁ ପରାସ୍ତକରି ୧୯୦ଦେଶ ଚେସ୍ ଖେଳୁଥିବା ଅନନ୍ୟ ଶକ୍ତିଶାଳୀ ରାଷ୍ଟ୍ର ଗୁଡ଼ିକ ନଜରରେ ଜାତୀୟ ପତାକାକୁ ଉଚ୍ଚ ରଖି ଭାରତମାତାର ଅନ୍ୟତମ ଶ୍ରେଷ୍ଠ ସନ୍ତାନର ଯଶ ରଖିଥିଲେ। ୧୮ ବର୍ଷୀୟ ଗୁକେଶ ସର୍ବକନିଷ୍ଠ ପ୍ରତିଯୋଗୀଭାବେ ୭.୫-୬.୫ ପଏଣ୍ଟରେ ବିଜୟୀ ହୋଇ ବନିଯାଇଥିଲେ ୧୮ଶ ବିଶ୍ୱ ଚେସ୍ ଚାମ୍ପିୟନ।

(ପ୍ରଥମ ଭାଗ)

---

## ଆଲେକ୍ସ ହାର୍ଟଲିଙ୍କ କ୍ଷୋଭ

ଚଳିତ ମହିଳା ଆସେସ୍ ସିରିଜ ବେଳେ ଇଂଲଣ୍ଡ ଦଳର କେତେଜଣ ଖେଳାଳିଙ୍କ ଫିଟ୍‌ନେସ୍ ଷ୍ଟାଣ୍ଡାର୍ଡକୁ ସମାଲୋଚନାକରି ଅଡୁଆରେ ପଡ଼ିଛନ୍ତି ବର୍ତ୍ତମାନ ବ୍ରଡ୍‌କାଷ୍ଟର ସାଜିଥିବା ପୂର୍ବତନ ଇଂଲଣ୍ଡ ସ୍ପିନର ଆଲେକ୍ସ ହାର୍ଟଲି। ଖେଳାଳିମାନେ ବାଉଣ୍ଡାରି ଲାଇନରେ ତାଙ୍କୁ ଏଡ଼ାଇଚାଲିଯାଉଛନ୍ତି। ଏପରିକି ସୋଫି ଏକ୍ଲେଷ୍ଟୋନ୍ ତାଙ୍କୁ ସାକ୍ଷାତ୍‌କାର ଦେବାକୁ ମନା କରିଦେଇଥିଲେ। ଇଂଲଣ୍ଡ ଖେଳାଳିମାନେ ପୂର୍ବରୁ ଏପରି ନ ଥିଲେ। ତାଙ୍କର ଏହି ଆଚରଣ ତାଙ୍କୁ ଖୁବ୍ ବାଧିଛି। ହାର୍ଟଲିଙ୍କ କହିବାର କଥା ଫିଟ୍‌ନେସ୍ କାରଣରୁ ଟି୨୦ ବିଶ୍ୱକପ୍‌ର ପ୍ରଥମ ପର୍ଯ୍ୟାୟରୁ ଇଂଲଣ୍ଡକୁ ବିଦାୟ ନେବାକୁ ପଡ଼ିଛି। ଅଷ୍ଟ୍ରେଲିଆ ବିପକ୍ଷ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ଏବଂ ଓପନିଂ ଟି୨୦ରେ ପରାଜିତ ପରେ ଇଂଲଣ୍ଡ କହିବାକୁ ଗଲେ ଆସେସ୍ ହାରିସାରିଛି। ଫିଟ୍‌ନେସ୍‌ରେ ଇଂଲଣ୍ଡ ଖେଳାଳିଙ୍କ ତୁଳନାରେ ଅଷ୍ଟ୍ରେଲୀୟ ଖେଳାଳିମାନେ ବହୁ ଆଗରେ ରହିଛନ୍ତି। ଏଭଳି ଦଳକୁ ସାମ୍ନା କରିବାକୁ ଫିଟ୍‌ନେସ୍‌ରେ ସୁଧାର ଆଣିବା ଖୁବ୍ ଜରୁରୀ। କେବଳ ଏହି ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ କେବଳ ଆସେସ୍ ନୁହେଁ, ବିଶ୍ୱକପ୍ ମଧ୍ୟ ଜିତିହେବ। ଇଂଲଣ୍ଡ ଅନ୍ୟ ଦଳ ତୁଳନାରେ ଆଗରେ ରହୁ ବୋଲି ସେ ଚାହାନ୍ତି। ହାର୍ଟଲି ତାଙ୍କ କ୍ୟାରିୟରରେ ଇଂଲଣ୍ଡ ତରଫରୁ ୨୮ ଅନ୍ତର୍ଜାତୀୟ ଦିନିକିଆ ଓ ଚାରୋଟି ଟି୨୦ ଖେଳିଛନ୍ତି।



## ଶ୍ରେଷ୍ଠ

ୱାର୍ଲ୍ଡର ଶ୍ରେଷ୍ଠ ଦଶ ମାରାଥନ
ଇଭେଣ୍ଟ ଖାତାରେ ଟାଟା
ପଞ୍ଚସ୍ତରୀ ବର୍ଷ ଊର୍ଦ୍ଧ୍ୱ ବୟସ ବର୍ଗରେ
ଶ୍ରେଷ୍ଠ ଦୁଃଖୀଶ୍ୟାମ ବେଟା
ନଇଁଲାଣି ଦେଖ୍ ଅଣ୍ଟା
ବୟାଳିଶ କିମି ଧାଇଁବାକୁ ନେଲା
ଆଭରେଜ ପାଞ୍ଚ ଘଣ୍ଟା।

ଗ୍ୟାସ୍ ସିଲିଣ୍ଡର ଡେଲିଭରି କରି
ଚଳାଉଥିଲା ଯେ ଘର
ସେହି ପିତା ଖାନ ଚାନ୍ଦକୁ ଦେଇଛି
ପୁଅ ରିଙ୍କୁ କ୍ରିକେଟର
ଶ୍ରେଷ୍ଠ ଭକ୍ତି ଉପହାର
କାୱାସାକି ନିଞ୍ଜ୍ ଫୋର ହଣ୍ଡ୍ରେଡ୍
ପାଞ୍ଚ ଲକ୍ଷ ମୂଲ୍ୟ ତା'ର।

ମୋବାଇଲ ମନି ଲଭ୍ ଚକ୍କରରେ
ପଥଭ୍ରଷ୍ଟ ଯୁବପିଢ଼ି
ପ୍ୟାରେଣ୍ଟଙ୍କୁ ଜରା
ଆଶ୍ରମରେ କେତେ
ଚିଲ୍‌ଡ୍ରେନ ଦିଅନ୍ତି ଛାଡ଼ି
ପାଶ୍ଚାତ୍ୟ ଛାପରେ ପଡ଼ି
ବୃଦ୍ଧ ମାତାପିତା ସେବା ସବୁଠାରୁ
ଶ୍ରେଷ୍ଠ ଡ୍ୟୁଟି ଜାଣ ଖୁଡ଼ୀ।

–ସୁବାସ ଚନ୍ଦ୍ର ପ୍ରଧାନ

## 'ପ୍ରମାଣ କରିବାର କିଛି ନାହିଁ'

ଭାରତୀୟ କ୍ରିକେଟ ଏବେ ପରିବର୍ତ୍ତନ ସମୟ ଦେଇ ଗତି କରୁଛି। ବିରାଟ କୋହଲି, ରୋହିତ ଶର୍ମା ଓ ରବୀନ୍ଦ୍ର ଜାଡେଜାଙ୍କ ପରି ତାରକା ଖେଳାଳିମାନେ ସେମାନଙ୍କ କ୍ୟାରିୟରର ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ସେମାନଙ୍କ ସ୍ଥାନ ନେବା ପାଇଁ କ୍ରମେ ଯୁବ ପ୍ରତିଭା ପ୍ରସ୍ତୁତ ହେଉଛନ୍ତି। ଶୁବମନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲଙ୍କ ପରି କେତେଜଣ ଯୁବ ଖେଳାଳି ଟିମ୍ ଇଣ୍ଡିଆର ନିୟମିତ ସଦସ୍ୟ ପାଲଟିସାରିଛନ୍ତି। ଭେଟେରାନ ରବୀନ୍ଦ୍ର ଜାଡେଜାଙ୍କ ପରେ ତାଙ୍କ ଭୂମିକାରେ ଅନେକ କ୍ରିକେଟ ପଣ୍ଡିତ ସ୍ପିନ୍ ବୋଲିଂ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ଦେଖୁଛନ୍ତି। ଅକ୍ଷର ମଧ୍ୟ ଅନେକ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନକରି ଏଥିପାଇଁ ଦାବିଦାର ହୋଇଯାଇଛନ୍ତି। ମାତ୍ର ସେ ସର୍ବଦା ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟାକରି ଆସୁଛନ୍ତି, ତାଙ୍କୁ ଆଉ କିଛି ପ୍ରମାଣ କରିବାର ନାହିଁ ବୋଲି ଅକ୍ଷର ଅନୁଭବ କରୁଛନ୍ତି। ଗତ ସୋମବାର ୩୧ ବର୍ଷରେ ପଦାର୍ପଣ କରିଥିବା ଅକ୍ଷର ଗତ ଦଶନ୍ଧି ଧରି ଭାରତ ପକ୍ଷରୁ ଖେଳି ଆସୁଛନ୍ତି। ମାତ୍ର ଟେଷ୍ଟରେ ସେ ପର୍ଯ୍ୟାପ୍ତ ସୁଯୋଗ ପାଇନାହାନ୍ତି। ଜାଡେଜା ଆହତ ସମସ୍ୟାରେ ରହିଲେ ଯାଇ ତାଙ୍କ ନାମ ବିଚାରକୁ ଆସିଥାଏ। ନିଜ ୧୧ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରରେ ଅକ୍ଷର ୩ ଫର୍ମାଟ୍‌ରେ ୧୮୪ଟି ଉଇକେଟ ନେଇଛନ୍ତି। ଏହା ମଧ୍ୟରେ ୧୪ଟି ଟେଷ୍ଟରୁ ୫୫ ଉଇକେଟ ସାମିଲ। ''ଭାରତୀୟ ଦଳରେ ପରିବର୍ତ୍ତନର ସମୟ ଆସିଛି ଏହା ସତ, ମାତ୍ର ଅଧିନାୟକ ଓ କୋଚ୍ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରିବେ। ମୋତେ ଆଉ କିଛି ପ୍ରମାଣକରି ଦେଖାଇବାର ଅଛି ବୋଲି ମନେକରୁନାହିଁ। ଦଳରେ ମୋତେ ଯେତେବେଳେ ଯେଉଁ ଭୂମିକା ଦିଆଯାଉଛି ତାହାକୁ ଭଲଭାବେ ତୁଲାଇବା ଉପରେ ମୁଁ ଫୋକସ କରୁଛି। ଦିନକୁ ଦିନ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟାକରୁଛି। ଅଧିକ ଗୁଡ଼ାଏ ଭାବି ମୁଁ ନିଜ ଉପରକୁ ଚାପ ଆଣିବାକୁ ଚାହୁଁନି। ଟିମ୍ କମ୍ବିନେଶନ ଓ ଅନ୍ୟ କେତେକ କଥାକୁ ଚିନ୍ତାକରି ମ୍ୟାନେଜମେଣ୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବ'' ବୋଲି ଅକ୍ଷର ପ୍ରକାଶ କରିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫି ପାଇଁ ତାଙ୍କୁ ମନୋନୀତ କରାଯାଇ ନ ଥିବାରୁ ସେ ଦୁଃଖିତ ନୁହନ୍ତି ବୋଲି କହିଛନ୍ତି।


ଅକ୍ଷର ପଟେଲ

# ଫାଇନାଲରେ କିଜ୍

**ମେଲବୋର୍ନ, ୨୩।୧**

**ଅଷ୍ଟ୍ରେଲିଆନ ଓପନ ଟେନିସ**

ପାଞ୍ଚ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ପୋଲାଣ୍ଡର ଇଗା ସ୍ୱିଟେକ୍‌ଙ୍କୁ ୫-୭, ୬-୧, ୭-୬ (୧୦-୮)ରେ ପରାସ୍ତ କରି ଆମେରିକାର ମାଡିସନ କିଜ୍ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। କିଜ୍‌ଙ୍କର ଏହା ହେଉଛି ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲ। ଟାଇଟଲ ମୁକାବିଲାରେ ସେ ଗତ ଦୁଇଥର ଚାମ୍ପିୟନ ଆରିନା ସାବାଲେଙ୍କାଙ୍କୁ ଭେଟିବେ। ବେଲାଋଷିଆନ ତଥା ଟପ୍ ସିଡ୍ ସାବାଲେଙ୍କା ଅନ୍ୟ ଏକ ସେମିଫାଇନାଲରେ ତାଙ୍କର ଘନିଷ୍ଠ ବାନ୍ଧବୀ ପାଉଲା ବଦୋସାଙ୍କୁ ୬-୪, ୬-୨ରେ ପରାସ୍ତ କରିଛନ୍ତି। ଫାଇନାଲରେ ଯଦି ସେ ବିଜୟ ଲାଭ କରନ୍ତି ତେବେ ୨୬ ବର୍ଷରେ ପ୍ରଥମ ମହିଳା ଭାବେ କ୍ରମାଗତ ତୃତୀୟ ଥର ଅଷ୍ଟ୍ରେଲିଆନ ଓପନ ଜିତିବାର ଗୌରବ ଅର୍ଜନ କରିବେ। ଅଷ୍ଟ୍ରେଲିଆନ ଓପନରେ କିଜ୍‌ଙ୍କର ଏହା କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ ହୋଇଥିବା ବେଳେ ସାବାଲେଙ୍କା ୧୯୯୭ରୁ ୯୯ ମଧ୍ୟରେ କ୍ରମାଗତ ୩ଥର ଟାଇଟଲ ହାସଲ କରିଥିବା ମାର୍ଟିନା ହିଙ୍ଗିସଙ୍କ ରେକର୍ଡ ସମକକ୍ଷ ହେବା ଲକ୍ଷ୍ୟରେ ରହିଛନ୍ତି। ସ୍ୱିଟେକଙ୍କ ପରାଜୟ ଦ୍ୱାରା ଟୁର୍ନାମେଣ୍ଟ ପରେ ସାବାଲେଙ୍କା ବିଶ୍ୱର ନମ୍ବର ୱାନ ର୍‍ୟାଙ୍କିଙ୍ଗ ବଜାୟ ରଖିବାରେ ସମର୍ଥ ହେବେ। ଶୁକ୍ରବାର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ଖେଳାଯିବ। ତନ୍ମଧ୍ୟରୁ ଗୋଟିଏ ମ୍ୟାଚ୍ ଜାନିକ ସିନର ଓ ବେନ୍ ଶେଲଟନଙ୍କ ମଧ୍ୟରେ ଖେଳାଯିବାକୁ ଥିବାବେଳେ ଅନ୍ୟଟି ନୋଭାକ ଜୋକୋଭିଚ୍ ଓ ଆଲେକ୍‌ଜାଣ୍ଡର ଜେଭରେଭଙ୍କ ମଧ୍ୟରେ ହେବ।


ମାଡିସନ କିଜ୍

# ଗୁକେଶ ସର୍ବୋଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଭାରତୀୟ

**ନୂଆଦିଲ୍ଲୀ, ୨୩।୧ (ପି.ଟି.):** ଗୁରୁବାର ଫିଡେ ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ବିଶ୍ୱ ଚାମ୍ପିୟନ ଡି. ଗୁକେଶ ନିଜ ଦେଶର ଅର୍ଜୁନ ଏରିଗାସିଙ୍କୁ ପଛରେ ପକାଇ ସର୍ବୋଚ୍ଚ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଭାରତୀୟ ଖେଳାଳି ଭାବେ ଏଥିରେ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଚଳିତ ଟାଟା ଷ୍ଟିଲ୍ ଟୁର୍ନାମେଣ୍ଟରେ ୱିଜ୍ ଆନ୍ ଜି (ନେଦରଲାଣ୍ଡ) ଜର୍ମାନୀର ଭିନ୍‌ସେଣ୍ଟ କିମରଙ୍କୁ ପରାସ୍ତ କରିବା ପରେ ୧୮ବର୍ଷୀୟ ଗୁକେଶ ଏହି ସଫଳତା ହାସଲ କରିଛନ୍ତି। ଗୁକେଶ ନିକଟରେ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଛନ୍ତି। ତାଙ୍କ ରେଟିଂ ପଏଣ୍ଟ ୨୭୮୪ ରହିଥିବାବେଳେ ପୂର୍ବରୁ ଦୀର୍ଘଦିନ ଧରି ସର୍ବୋଚ୍ଚ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଭାରତୀୟ ଖେଳାଳି ଥିବା ଏରିଗାସି ୨୭୭୯.୫ ପଏଣ୍ଟ ସହ ୫ମ ସ୍ଥାନକୁ ଖସି ଆସିଛନ୍ତି। ନରୱେର ମାଗ୍ନ କାର୍ଲସେନ ୨୮୩୨.୫ ପଏଣ୍ଟ ସହ ନିର୍ବିବାଦୀୟ ବିଶ୍ୱର ନମ୍ବର-୧ ସ୍ଥାନ ବଜାୟ ରଖିଛନ୍ତି। ତାଙ୍କ ପଛକୁ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ଗ୍ରାଣ୍ଡମାଷ୍ଟର ହିକାରୁ ନାକାମୁରା (୨୮୦୨) ଓ ତାଙ୍କ ଦେଶର ଫିବିଆନୋ କାରୁଆନୋ(୨୭୯୮) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ଅଧିକାର କରିଛନ୍ତି।

# ଶ୍ରୀଲଙ୍କାକୁ ହରାଇ ସୁପର-୬ରେ ଭାରତ

**କୁଆଲାଲମ୍ପୁର, ୨୩।୧ (ପି.ଟି.)**

**୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍**

ଓପନର ଜି. ତ୍ରିଶାଙ୍କ ଆକର୍ଷଣୀୟ ୪୯ରନ ଏବଂ ପେସ୍ ବୋଲରଙ୍କ ଚମତ୍କାର ବୋଲିଂ ସହାୟତାରେ ଶ୍ରୀଲଙ୍କାକୁ ୬୦ରନରେ ପରାସ୍ତ କରି ଭାରତ ଗ୍ରୁପ୍ 'ଏ' ଟପ୍ପର ଭାବେ ଏଠାରେ ଚାଲିଥିବା ଆଇସିସି ୧୯ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍‌ର ସୁପର-୬ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏକ ପ୍ରତିକୂଳ ପିଚ୍‌ରେ ତ୍ରିଶା ତାଙ୍କ ୪୪ ବଲ୍ ଇନିଂସରେ ୫ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ତାଙ୍କର ଏହି ବ୍ୟାଟିଂ ବଳରେ ଭାରତ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୧୮ ରନ କରିଥିଲା। ପରେ ପେସ୍ ବୋଲରମାନେ ପ୍ରଭାବୀ ବୋଲିଂ କରି ଶ୍ରୀଲଙ୍କା ଟପ୍ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିଲେ। ଶ୍ରୀଲଙ୍କା ୩.୨ ଓଭରରେ ୯ରନ ସ୍କୋରରେ ୪ ଉଇକେଟ ହରାଇ ବସିଥିଲା। ଏହାର ପରବର୍ତ୍ତୀ ଓଭରରେ ଅଧିନାୟିକା ମାନୁଦି ନାନାୟାକାରା ରନ ଆଉଟ ହୋଇଯିବାରୁ ଦଳ ୧୨ ରନ ସ୍କୋରରେ ୫ ବ୍ୟାଟରଙ୍କୁ ହରାଇ ବସିଥିଲା। ନିର୍ଦ୍ଧାରିତ ଓଭରରେ ଶ୍ରୀଲଙ୍କା ସ୍କୋର ୫୮/୯ରେ ସୀମିତ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ରଶ୍ମିକା ସେୱାଣ୍ଡି ୧୨ ବଲ୍‌ରେ ୨ ଚୌକା ସହ ୧୫ ରନ କରିଥିଲେ। ସେ ଏକମାତ୍ର ବ୍ୟାଟର ଭାବେ ଦୁଇ ଅଙ୍କ ସ୍କୋରରେ ପହଞ୍ଚିପାରିଥିଲେ। ଭାରତୀୟ ସ୍ପିନରମାନଙ୍କ ମଧ୍ୟରେ ସିସୋଡିଆ ୭ରନ ବିନିମୟରେ ୨ଉଇକେଟ ଅକ୍ତିଆର କରିଥିଲେ।


ଶଟ୍ ଖେଳିବା ଅବସରରେ ଗୋଙ୍ଗାଡି ତ୍ରିଶା।

**ସଂକ୍ଷିପ୍ତ ସ୍କୋର**

ଭାରତର ୧୯ ବର୍ଷରୁ କମ୍ ମହିଳା ଦଳ: ୨୦ ଓଭରରେ ୧୧୮/୯ (ଗୋଙ୍ଗାଡି ତ୍ରିଶା-୪୯, ମିଥିଲା ବିନୋଦ-୧୬; ପ୍ରାମୁଦି ମେଥସାରା-୨/୧୦, ଲିମାନ୍‌ସା ତିଳକରତ୍ନ-୨/୧୪, ଆସେନି ଥଲାଙ୍ଗୁନେ-୨/୨୪)। **ଶ୍ରୀଲଙ୍କାର ୧୯ ବର୍ଷରୁ କମ୍ ମହିଳା ଦଳ:** ୨୦ ଓଭରରେ ୫୮/୯ ( ରଶ୍ମିକା ସେୱାଣ୍ଡି-୧୫ ; ଶବନମ- ମହମ୍ମଦ ଶକିଲ ୨/୯, ଭି. ଜୋଶିଥା, ୨/୧୭ ପାରୁନିକା ସିସୋଡିଆ-୨/୭)।

# ଦୀପ୍ତିମୟୀ ଜାତୀୟ ସ୍ତରକୁ ମନୋନୀତ

**ଛେନାପଦି, ୨୩।୧**
**(ନିରାକାର ପରିଡା)**

ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ପ୍ରାଙ୍ଗଣରେ ଡିସେମ୍ବର ୨ରୁ ୭ତାରିଖ ପର୍ଯ୍ୟନ୍ତ ରାଜ୍ୟ ବିଦ୍ୟାଳୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା କ୍ରିକେଟ୍ ଅନୁଷ୍ଠିତ ହୋଇଥିଲା। ରାଜ୍ୟସ୍ତରୀୟ କ୍ରିକେଟରେ ହାଟଡିହୀ ବ୍ଲକ ଶାସଙ୍ଗ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଦୀପ୍ତିମୟୀ ଜେନା କେନ୍ଦୁଝର ଜିଲା ବାଳିକା କ୍ରିକେଟ ତରଫରୁ ଭଲ ଖେଳ ପ୍ରଦର୍ଶନ କରି ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ଦୀପ୍ତିମୟୀ ଆସନ୍ତା ଫେବୃଆରୀ ୩ରୁ ୭ତାରିଖ ପର୍ଯ୍ୟନ୍ତ ହରିୟାଣାର ପଞ୍ଚକୁଲାରେ ହେବାକୁ ଥିବା କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ଖେଳ ସହନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପରିଡା ସୂଚନା ଦେଇଛନ୍ତି।

ଜାତୀୟ ସ୍ତରକୁ ଛାତ୍ରୀ ଦୀପ୍ତିମୟୀ ମନୋନୀତ ହୋଇଥିବାରୁ ଜିଲା ଶିକ୍ଷା ଅଧିକାରୀ ଗୌରୀରାଣୀ ନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ପବିତ୍ର ମୋହନ ବାରିକ, ହାଟଡିହୀ ବିଇଓ ଓମ୍‌କାର ଅନ୍ୱେଷ, ଏବିଇଓ ପ୍ରମୋଦ କୁମାର ନାୟକ, ଜିଲା ଶାରୀରିକ ଶିକ୍ଷାଅଧିକାରୀ ଫକୀରମୋହନ ମହାନ୍ତ, ଓଷ୍ଟା ରାଜ୍ୟ ଯୁଗ୍ମ ସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ, ବ୍ଲକ କ୍ରୀଡା ଶିକ୍ଷକ ସଭାପତି ସତ୍ୟବ୍ରତ ସାମଲ, ବ୍ଲକ ଉପସଭାପତି ନବଘନ ନାୟକ, ମ୍ୟାନେଜିଂ କମିଟି ସଭ୍ୟ ଦୁର୍ଯ୍ୟୋଧନ ବିଶ୍ୱାଳ, ଜଗବନ୍ଧୁ ରାଉତ, ପ୍ରାଣବଲ୍ଲଭ ବିଶ୍ୱାଳ, ଅନାଦି ରାଉତ, ଭଗବାନ ଜେନା, ତପୋଧନ ସ୍ୱାଇଁ, ବିମ୍ବାଧର ବିଶ୍ୱାଳ, ଶାସଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବକିଶୋର ବିଶ୍ୱାଳ, ଶିକ୍ଷକ ରାଧାକୃଷ୍ଣ ପତି, ମାଧବାନନ୍ଦ ଜେନା, ଶିଶିର ବିଶ୍ୱାଳ, ଲକ୍ଷ୍ମୀକାନ୍ତ ମିଶ୍ର, ପଦ୍ମନାଭ ପଣ୍ଡା, ପ୍ରଦୀପ ସ୍ୱାଇଁ, ସତ୍ୟବ୍ରତ ବିଶ୍ୱାଳ, ପର୍ଶୁରାମ ନାୟକ, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


ଦୀପ୍ତିମୟୀ ଜେନା

# ୱାର୍ଲ୍ଡ ସିରିଜ କାର୍ଟିଂ: ଭାଗନେବେ ପ୍ରଥମ ଭାରତୀୟ ଆଟିକା ମୀର

**ମୁରୋ ଲିସେଜ, ୨୩।୧(ପି.ଟି.):** ଭାରତର ୧୦ ବର୍ଷୀୟା କାର୍ଟିଂ ସେନ୍‌ସେଶନ ଆଟିକା ମୀର ଭାରତର ପ୍ରଥମ ମହିଳା ପ୍ରତିଯୋଗୀ ଭାବେ ୱାର୍ଲ୍ଡ ସିରିଜ କାର୍ଟିଂ(ଡବ୍ଲ୍ୟୁଏସ୍‌କେ)ରେ ଭାଗ ନେବେ। ୨୯ ଥର ଚାମ୍ପିୟନ ବେବିରେସ୍ ତାଙ୍କ ସହିତ ଏକ ଫୁଲ୍ ସିଜନ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି। ସାଉଥ ଇଟାଲୀର ଲା କୋନ୍‌କା ସର୍କିଟରେ ଅନୁଷ୍ଠିତ ଏକ ଟେଷ୍ଟ ସେସନରେ ପ୍ରଭାବୀ ପ୍ରଦର୍ଶନ ପରେ ତାଙ୍କୁ ଏହି ସୁଯୋଗ ମିଳିଛି। ଜମ୍ମୁ-କଶ୍ମୀରର ଏହି ରେସର ମିନି କ୍ଲାସ୍‌ରେ ଏକମାତ୍ର ମହିଳା। ଗ୍ରୀଡ୍‌ରେ ୬୦ରୁ ଊର୍ଦ୍ଧ୍ୱ କାର୍ଟ ଭାଗନେବେ। ତେଣୁ ତାଙ୍କୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। ତାଙ୍କୁ ଏହି ବର୍ଷର ସମସ୍ତ ତିନି ଡବ୍ଲ୍ୟୁଏସ୍‌କେ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ପଡ଼ିବ।

# ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ ଆରମ୍ଭ

**ଲେହ, ୨୩।୧ (ପି.ଟି.):** ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ (କେଆଇଡବ୍ଲ୍ୟୁଜି) ୨୦୨୫ର ପ୍ରଥମ ଭାଗ ସ୍ଥାନୀୟ ଆଇକନିକ ଏନ୍‌ଡିଏସ୍ ଷ୍ଟାଡିୟମରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରଶାସିତ ଲଦାଖରେ ଏହା ଜାନୁଆରୀ ୨୭ ପର୍ଯ୍ୟନ୍ତ ଚାଲିବ। ପରବର୍ତ୍ତୀ ପର୍ଯ୍ୟାୟ ଫେବୃଆରୀ ୨୨ରୁ ୨୫ ଜମ୍ମୁ-କଶ୍ମୀରରେ ହେବ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ତାଙ୍କ ସରକାର ଦେଶରେ ବିଶେଷ କରି ଜମ୍ମୁ-କଶ୍ମୀରରେ କ୍ରୀଡ଼ାର ବିକାଶକୁ ଅଗ୍ରାଧିକାର ଦେଉଛି। ଦେଶ ସାରା କ୍ରୀଡ଼ା କାର୍ଯ୍ୟକଳାପ ପ୍ରସାର ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଜମ୍ମୁ-କଶ୍ମୀରରେ ୧୦୦ ଖେଲୋ ଇଣ୍ଡିଆ ସେଣ୍ଟର ରହିଛି। ଲାଦାଖରେ ତିନୋଟି ରହିଛି। ତନ୍ମଧ୍ୟରେ ଷ୍ଟେଟ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ ଲେହ ଫର ଆଥ୍‌ଲେଟିକ୍ସ, ଆର୍ଚେରୀ ଆଣ୍ଡ୍ ବକ୍ସିଂ ରହିଛି।

# କ୍ରୀଡ଼ାମନ୍ତ୍ରୀଙ୍କ ସହ ଆଲୋଚନା କଲେ ସଞ୍ଜୟ


କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଓସିଏ ସମ୍ପାଦକ ସଞ୍ଜୟ ବେହେରା।

**ଭୁବନେଶ୍ୱର, ୨୩।୧ (ତପନ ସ୍ୱାଇଁ)**

**ଭାରତ-ଇଂଲଣ୍ଡ ଅନ୍ତର୍ଜାତୀୟ ଦିନିକିଆ**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଫେବୃଆରୀ ୯ରେ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହାର ସଫଳ ଆୟୋଜନ ନେଇ କଳିଙ୍ଗ ଷ୍ଟାଡିୟମରେ ଗୁରୁବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଆଲୋଚନା କରିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା। ମ୍ୟାଚଟି ଯେପରି ଶାନ୍ତି ଓ ଶୃଙ୍ଖଳାର ସହ ସମ୍ପନ୍ନ ହୋଇପାରିବ ସେ ସମ୍ପର୍କରେ ଉଭୟଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଛି।

## ଗ୍ୟାଲେରି ଟିକେଟ କିଣିଲେ ଧର୍ମେନ୍ଦ୍ର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତ-ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚର ଏକ ଗ୍ୟାଲେରି ଟିକେଟ ଗୁରୁବାର କ୍ରୟ କରିଛନ୍ତି। ଟିକେଟର ମୂଲ୍ୟ ସେ ଡିଜିଟାଲ ମୋଡ୍‌ରେ ପ୍ରଦାନ କରିଛନ୍ତି। ଏହି ଅବସରରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ଆପେକ୍ସ କାଉନ୍‌ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

# ତାପସଙ୍କୁ ୬ ଉଇକେଟ ସଫଳତା

**ଭୁବନେଶ୍ୱର, ୨୩।୧ (ତପନ ସ୍ୱାଇଁ)**

**ରଣଜୀ ଟ୍ରଫି**

ଶିଲଂର ଏମ୍‌ସିଏ ଗ୍ରାଉଣ୍ଡରେ ଓଡ଼ିଶା-ମେଘାଳୟ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଗୁରୁବାର ଆରମ୍ଭ ହୋଇଛି। ଏହି ମ୍ୟାଚରେ ରଣଜୀ ପଦାର୍ପଣ କରିଥିବା ଓଡ଼ିଶାର ୨୮ ବର୍ଷୀୟ ଦ୍ରୁତ ବୋଲର ତାପସ ଦାସ ଚମତ୍କାର ବୋଲିଂ କରି ୬ ଉଇକେଟ ହାସଲ କରିବା ସହ ମେଘାଳୟର ବ୍ୟାଟିଂ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଫଳରେ ମେଘାଳୟ ପ୍ରଥମ ଇନିଂସରେ ୧୯୮ ରନରେ ଅଲ୍‌ଆଉଟ ହୋଇଯାଇଛି। ଷ୍ଟମ୍ପ ପ୍ରତ୍ୟାହୃତ ବେଳକୁ ଓଡ଼ିଶା ପ୍ରଥମ ଇନିଂସରେ କୌଣସି ଉଇକେଟ ନ ହରାଇ ୭୦ ରନ ସଂଗ୍ରହ କରିଛି। ସ୍ୱସ୍ତିକ ସାମଲ ୪୪ ଓ ଶାନ୍ତନୁ ମିଶ୍ର ୨୩ ରନରେ ଅପରାଜିତ ରହିଛନ୍ତି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଓଡ଼ିଶା। ଅଭିଜ୍ଞ ରାଜେଶ ମହାନ୍ତିଙ୍କ ପେସ୍ ବୋଲିଂ ଆକ୍ରମଣ ଆରମ୍ଭ କରିଥିବା କଟକର ତାପସ ସୁଯୋଗର ଭରପୂର ସଦୁପଯୋଗ କରିଥିଲେ। ତାଙ୍କ ଉପରେ ଭରସା ଜୁଟାଇଥିବା ଅଧିନାୟକ ଓ କୋଚ୍‌ଙ୍କୁ ସେ ନିରାଶ କରି ନ ଥିଲେ। ୬ଷ୍ଠ ଓଭରର ପ୍ରଥମ ବଲ୍‌ରେ ଅର୍ପିତ ଭଟେୱାରାଙ୍କୁ ଆଉଟ କରିବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ୨୦ ଓଭର ବୋଲିଂ କରି ସେ ୩ଟି ମେଡେନ ନେବାସହ ୬୭ ରନ ବିନିମୟରେ ୬ ଉଇକେଟ ହାସଲ କରି ନିଜ ଡେବ୍ୟୁକୁ ସ୍ମରଣୀୟ କରି ଦେଇଥିଲେ। ସୁନୀଲ ରାଉଳ ୩ଟି ଓ ସୁମିତ ଶର୍ମା ଗୋଟିଏ ଉଇକେଟ ପାଇଥିଲେ। ମେଘାଳୟ ପକ୍ଷରୁ ଯଶକିରଟ ସିଂ ସଚଦେବା ସର୍ବାଧିକ ୪୩, ସୁମିତ କୁମାର ୪୦ ଓ ନିଶାନ୍ତ ଚକ୍ରବର୍ତ୍ତୀ ୨୭ ରନ ସ୍କୋର କରିଥିଲେ।


ପଦାର୍ପଣରେ ୬ ଉଇକେଟ ନେଇଥିବା ତାପସ ଦାସ।

**ସଂକ୍ଷିପ୍ତ ସ୍କୋର**

ମେଘାଳୟ ପ୍ରଥମ ଇନିଂସ: ୧୯୮/ଅଲ୍‌ଆଉଟ (ଯଶକିରଟ ସିଂ ସଚଦେବା-୪୩, ସୁମିତ କୁମାର-୪୦, ନିଶାନ୍ତ ଚକ୍ରବର୍ତ୍ତୀ-୨୭, ତାପସ ଦାସ-୬/୬୭, ସୁନୀଲ ରାଉଳ-୩/୩୧, ସୁମିତ ଶର୍ମା-୧/୨୮)।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ